

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ-୩୧ ● ସଂଖ୍ୟା-୧୬୮ ● ୧୫ ଜୁଲାଇ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-168 ● 15th July 2024, Monday ● Bhubaneswar
Licensed to post without pre-payment of postage No- BN-60/22-24

# ଖୋଲିଲା ରତ୍ନଭଣ୍ଡାର

## ସିନ୍ଦୁକ-ଆଲମିରାରେ ରହିଛି ଅଳଙ୍କାର: ମୁଖ୍ୟ ପ୍ରଶାସକ

**ପୁରୀ, ୧୪।୭**
**ନ୍ୟୁଜ୍ ବ୍ୟୁରୋ**

ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ରବିବାର ଦିନ ୧ଟା ୨୮ରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲାଯାଇଛି। ରତ୍ନଭଣ୍ଡାର ଖୋଲିବା ପାଇଁ ଗଠନ କରାଯାଇଥିବା ସ୍ୱତନ୍ତ୍ର ଟିମ ପ୍ରଥମେ ବାହାର ରତ୍ନଭଣ୍ଡାର ଖୋଲିଛନ୍ତି । ପ୍ରଥମେ ବାହାର ରତ୍ନଭଣ୍ଡାର ଖୋଲିବା ପରେ ଅଳଙ୍କାର ସ୍ଥାନାନ୍ତରିତ କରାଯାଇଛି। ଏହାକୁ ଅସ୍ଥାୟୀ ଷ୍ଟ୍ରଙ୍ଗରୁମକୁ ସ୍ଥାନାନ୍ତରିତ କରାଯାଇଛି । ବାହାର ରତ୍ନଭଣ୍ଡାର ଖୋଲିବାର ପ୍ରାୟ ୨ ଘଣ୍ଟା ପରେ ଭିତର ରତ୍ନଭଣ୍ଡାର ତାଲା କଟା ଯାଇ ଖୋଲାଯାଇଥିଲା। ଚାବିରେ ନ ଖୋଲିବାରୁ କଟରରେ କଟା ଯାଇଥିଲା। ଭିତର ରତ୍ନଭଣ୍ଡାରର ଅଳଙ୍କାର କେବଳ ଦେଖାଯାଇଛି କିନ୍ତୁ କ'ଣ ରହିଛି, ସେନେଇ



ଜଣାପଡ଼ି ନାହିଁ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ରତ୍ନଭଣ୍ଡାରରୁ ବାହାରିଲା ପରେ ସନ୍ଧ୍ୟାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଗଣମାଧ୍ୟମର ପ୍ରତିନିଧିଙ୍କୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି । ସେ କହିଛନ୍ତି, ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ଏସ୍‌ଓପି ଅନୁସାରେ ଆମେ କାର୍ଯ୍ୟ କରିଛୁ । ୧୧ ଜଣିଆ କମିଟି ରତ୍ନଭଣ୍ଡାର ତଦାରଖ କରିଛନ୍ତି। ଏସ୍‌ଓପି ଅନୁସାରେ ରବିବାର ବାହାର ରତ୍ନଭଣ୍ଡାର ଦେଖାଯାଇଥିଲା । ଗଜପତି ମହାରାଜାଙ୍କ ପ୍ରତିନିଧି, ଶ୍ରୀମନ୍ଦିର ପ୍ରଶାସନ ଓ ଅନ୍ୟ ସେବାୟତମାନେ ରତ୍ନଭଣ୍ଡାର ଖୋଲିବା ସମୟରେ ଉପସ୍ଥିତ ଥିଲେ। ବାହାର ରତ୍ନଭଣ୍ଡାରରୁ ଅସ୍ଥାୟୀ ରତ୍ନଭଣ୍ଡାରକୁ ଅଳଙ୍କାର ସ୍ଥାନାନ୍ତରିତ କରାଯାଇଛି। ବାହାର ରତ୍ନଭଣ୍ଡାର ସ୍ଥାନାନ୍ତରିତ କରାଯିବା ପରେ ପରବର୍ତ୍ତୀ ସମୟରେ ଭିତର ରତ୍ନଭଣ୍ଡାର ଗେଟ୍‌କୁ ପ୍ରବେଶ କରିଥିଲୁ। କିନ୍ତୁ ଟ୍ରେଜେରିରୁ ଯେଉଁ ଚାବି ଆସିଥିଲା, ସେଥିରେ ଖୋଲିବାକୁ ଚେଷ୍ଟା କରାଯାଇଥିଲା। ଭିତର ରତ୍ନଭଣ୍ଡାରରେ ୩ଟି ତାଲା ଥିଲା। କିନ୍ତୁ କୌଣସି ଚାବିରେ ଖୋଲିଲା ନାହିଁ। ଏସ୍‌ଓପି ଅନୁସାରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୩ଟି ତାଲା ଭଙ୍ଗାଗଲା। *(ପୃଷ୍ଠା ୭ରେ)*

# ଡ୍ରୋନ ଦ୍ୱାରା ନକ୍ସଲ ନିପାତ ଅଭିଯାନ ଆରମ୍ଭ

**ମାଲକାନଗିରି, ୧୪।୭**
**ନ୍ୟୁଜ୍ ବ୍ୟୁରୋ**



ବର୍ଷା ଦିନେ ନକ୍ସଲଙ୍କୁ ଟାର୍ଗେଟ କରିବା ସୁରକ୍ଷାକର୍ମୀଙ୍କ ପାଇଁ ବହୁତ ମୁସକିଲ ହେଉଥିବା ବେଳେ ଯବାନ ଏବେ ଡ୍ରୋନର ସାହାଯ୍ୟ ନେଇଛନ୍ତି । ବର୍ଷାରେ ଜଙ୍ଗଲରେ ଯବାନ କମ୍ବିଂ କରୁଥିବା ବେଳେ ଡ୍ରୋନ ନକ୍ସଲଙ୍କର ପତ୍ତା ଓ ଠିକଣା ଜଣାଇବ। ପ୍ରାୟ ୧୫୦୦ ଫୁଟ ଉପରେ ଡ୍ରୋନ ଉଡି ନକ୍ସଲଙ୍କ ଗତିବିଧି ସମ୍ପର୍କରେ ସଠିକ ସୂଚନା ପ୍ରଦାନ କରିବ। ଥରେ ଇନ୍ଧନ ଭର୍ତ୍ତି କଲେ ଏହା ପ୍ରାୟ ୧୦ ଘଣ୍ଟା ପର୍ଯ୍ୟନ୍ତ ଆକାଶରେ ଉଡ଼ିପାରିବ । ନୂଆନୂଆ ଟେକନଲୋଜିର ସାହାଯ୍ୟ ନେଇ ପୁଲିସ ନକ୍ସଲ ଦମନ ରଣନୀତିକୁ ଆହୁରି ତୀବ୍ରତର କରୁଛି । ଟେକନଲୋଜି କାରଣରୁ ହିଁ ଆଜି ପର୍ଯ୍ୟନ୍ତ ସୁରକ୍ଷାକର୍ମୀଙ୍କର କୌଣସି ମୃତାହତ ହେଉନାହିଁ।

ଜଙ୍ଗଲରେ ବର୍ଷାରେ ନକ୍ସଲଙ୍କ ସହ ଲଢ଼ିବା କଷ୍ଟସାଧ୍ୟ । ତେଣୁ ଡ୍ରୋନ ହିଁ ସୁରକ୍ଷାକର୍ମୀଙ୍କୁ ନକ୍ସଲଙ୍କର ସମସ୍ତ ଗତିବିଧି ଏବଂ ଠିକଣା ପ୍ରଦାନ କରିବା ପରେ ସୁରକ୍ଷାକର୍ମୀ ଆକ୍ରମଣ କରିପାରିବେ। ଡ୍ରୋନକୁ ରିମୋଟ କଣ୍ଟ୍ରୋଲ ଦ୍ୱାରା ଚାଳିତ କରାଯିବ, ଯାହାକୁ ନେଇ ପୁଲିସ ଜଙ୍ଗଲରେ ଏହାର କାର୍ଯ୍ୟ ଆରମ୍ଭ କରିଛି। ଏବେ ସୀମାନ୍ତ ଛତିଶଗଡ଼ରେ ନକ୍ସଲଙ୍କ ହିଂସା ବୃଦ୍ଧି ପାଉଥିବାରୁ ପୁଲିସ ଓ ଯବାନ ଦିନରାତି ଏକ କରି ନକ୍ସଲ ଦମନ ଅପରେସନ କଗାର ଆରମ୍ଭ କରିଛି।

ନକ୍ସଲ ଦମନ ପାଇଁ ସରକାର ସୁରକ୍ଷାକର୍ମୀଙ୍କୁ ଅତ୍ୟାଧୁନିକ ଡ୍ରୋନ ପ୍ରଦାନ କରିଛନ୍ତି। ସୀମାନ୍ତରେ ସଂପୂର୍ଣ୍ଣ ନକ୍ସଲ ଦମନ ପରେ ହିଁ ଯବାନ ଶାନ୍ତିରେ ବସିବେ ବୋଲି କୁହାଯାଇଛି । ଏନେଇ ଛତିଶଗଡ ମନ୍ତ୍ରୀ ଏବଂ ବସ୍ତର ଆଇଜି ସୁନ୍ଦରରାଜ ପି ମଧ୍ୟ ସ୍ପଷ୍ଟ କରିଦେଇଛନ୍ତି। ଆଗକୁ ଡ୍ରୋନ ସାହାଯ୍ୟରେ ହିଁ ନକ୍ସଲ ଦମନ କରାଯିବ ବୋଲି ଦୁହେଁ କହିଛନ୍ତି । ଏହା ପୂର୍ବରୁ ମଧ୍ୟ ବହୁଥର ପୁଲିସ ଡ୍ରୋନ ସାହାଯ୍ୟରେ ନକ୍ସଲଙ୍କର ଗତିବିଧି ଜାଣିବାକୁ ପାଇଥିଲା ଏବଂ ଚଢାଉ କରିଥିଲା। କିନ୍ତୁ ତାହା ଏତେ ଉନ୍ନତଧରଣର ନଥିଲା, ଯାହାଦ୍ୱାରା ନକ୍ସଲ ଅତି ସହଜରେ ଡ୍ରୋନକୁ ମାରି ଉଡ଼ାଇ ଦେଉଥିଲେ। ଏବେ ଏହି ଅତ୍ୟାଧୁନିକ ଡ୍ରୋନ ସମ୍ପର୍କରେ ନକ୍ସଲ ଟେର ବି ପାଇପାରିବେ ନାହିଁ ବୋଲି କୁହାଯାଇଛି, ଫଳରେ ନକ୍ସଲ ସଂପୂର୍ଣ୍ଣ ନିପାତ ହେବେ।

## ବିଦ୍ୟୁତ ଆଘାତରେ ୧୦ ଶିଶୁ ଗୁରୁତର

**ବ୍ରହ୍ମପୁର, ୧୪।୭ : ନ୍ୟୁଜ୍ ବ୍ୟୁରୋ**

ବିଦ୍ୟୁତ ଆଘାତରେ ୧୦ ଶିଶୁ ଗୁରୁତର ଆହତ ହୋଇଛନ୍ତି। ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଅନ୍ତର୍ଗତ ଫାଶୀଗୁଡ଼ା ଗ୍ରାମରେ ଏହି ଅଘଟଣ ଘଟିଛି। ଅସୁସ୍ଥ ପିଲାମାନଙ୍କୁ ପ୍ରଥମେ ଦିଗପହଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଗୁରୁତର ଥିବା ୪ ପିଲାଙ୍କୁ ବ୍ରହ୍ମପୁର ବଡ଼ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ଏକାଳ ସେକାଳ



ଜନମ ବେଦୀରୁ କରମ ସ୍ଥଳୀକୁ
ବାହୁଡିବେ ଭାଇଭଉଣୀ
ନୀଳାଦ୍ରି ଆଉ ମା କମଳାଙ୍କ
ମନରୁଯେ ରାଗ ଯାଉନି
ଭକତମନ ବି ରହୁନି
ଚକା ଆଖିର ଦର୍ଶନ ମଉକା
କେଉଁଠି କେବେ ବି ଛାଡେନି।

# ଆଜି ଶ୍ରୀଜୀଉଙ୍କ ବାହୁଡା ଯାତ୍ରା : ପ୍ରସ୍ତୁତି ଶେଷ

**ପୁରୀ, ୧୪।୭**
**ନ୍ୟୁଜ୍ ବ୍ୟୁରୋ**

ସୋମବାର ବାହୁଡ଼ା । ସରିଲା ମହାପ୍ରଭୁଙ୍କ ଆଡ଼ପ ମଣ୍ଡପରେ ଲୀଳାଖେଳା। ଭାଇ ଭଉଣୀଙ୍କୁ ସାଙ୍ଗରେ ନେଇ ନବଦିନାତ୍ମକ ରଥଯାତ୍ରାରେ ଆସିଥିଲେ କାଳିଆ ସାଆନ୍ତ । ଆଡ଼ପ ମଣ୍ଡପରେ ରହି ଭକ୍ତଙ୍କ ଗୁହାରୀ ଶୁଣିଥିଲେ ଜଗତ ଠାକୁର । ସୋମବାର ନୀଳକନ୍ଦରକୁ ଫେରିବେ ନୀଳାଦ୍ରିନାଥ । ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ବାହୁଡ଼ା ଯାତ୍ରା ପାଇଁ ସଂଧ୍ୟା ଦର୍ଶନ ନୀତିକାନ୍ତିକୁ ସଂକୁଚିତ କରାଯାଇଥିଲା। ସନ୍ଧ୍ୟା ୫ଟା ପରେ ମନ୍ଦିର ଶୋଧ କରି ଆରମ୍ଭ ହୋଇଛି ବାହୁଡ଼ା ପ୍ରସ୍ତୁତି ।

ବାହୁଡ଼ା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ନୀତିକାନ୍ତି ନିର୍ଦ୍ଧାରଣ କରାଯାଇଛି । ପ୍ରାତଃ ୪ଟାରେ ମଙ୍ଗଳଆଳତି, ମଇଲମ ପ୍ରାତଃ ୪ଟା ୧୫, *(ପୃଷ୍ଠା ୭ରେ)*

# ଇତିହାସ ରଚିବେ ନିର୍ମଳା ସୀତାରମଣ

**ନୂଆଦିଲ୍ଲୀ, ୧୪।୭**

ଜୁଲାଇ ୨୩ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କେନ୍ଦ୍ର ବଜେଟ ୨୦୨୪-୨୫ ଉପସ୍ଥାପନ କରିବେ । ଏହା ସହ ଅର୍ଥମନ୍ତ୍ରୀ ଇତିହାସ ସୃଷ୍ଟି କରିବାକୁ ଯାଉଛନ୍ତି । କ୍ରମାଗତ ସପ୍ତମ ଥର ପାଇଁ କେନ୍ଦ୍ର ବଜେଟ ଉପସ୍ଥାପନ କରିଥିବା ସୀତାରମଣ ଦେଶର ପ୍ରଥମ ଅର୍ଥମନ୍ତ୍ରୀ ହେବେ। ଏହା ସହିତ ସେ ମୋରାରଜୀ ଦେଶାଇଙ୍କ ରେକର୍ଡକୁ ପଛରେ ପକାଇବେ। ମୋରାରଜୀ ଦେଶାଇ କ୍ରମାଗତ ୬ଥର ବଜେଟ ଉପସ୍ଥାପନ କରିଥିଲେ। ସୂଚନାଯୋଗ୍ୟ, ସୀତାରମଣଙ୍କ ପୂର୍ବରୁ ମୋରାରଜୀ ଦେଶାଇ ପାଞ୍ଚଟି ପୂର୍ଣ୍ଣ ବଜେଟ ଏବଂ ଗୋଟିଏ ମଧ୍ୟବର୍ତ୍ତୀ ବଜେଟ ଉପସ୍ଥାପନ କରିଥିଲେ। ମୋରାରଜୀ ଦେଶାଇ ୧୯୫୯ ରୁ ୧୯୬୪ ପର୍ଯ୍ୟନ୍ତ ଦେଶର ଅର୍ଥମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ।

ସୂଚନାଯୋଗ୍ୟ, *(ପୃଷ୍ଠା ୭ରେ)*

# ଟ୍ରମ୍ପଙ୍କୁ ଗୁଳିମାଡ଼, ଜଣେ ବ୍ୟକ୍ତିଙ୍କ ମୃତ୍ୟୁ



**ୱାଶିଂଟନ, ୧୪।୭**

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଗୁଳିମାଡ଼ ହୋଇଛି । ପେନ୍‌ସିଲଭାନିଆରେ ଆୟୋଜିତ ଏକ ରାଲିରେ ତାଙ୍କ ଉପରକୁ ଗୁଳିମାଡ଼ କରାଯାଇଥିବା ଜଣାପଡ଼ିଛି । ଗୁଳି ଶବ୍ଦ ଶୁଣି ତାଙ୍କର ଅଙ୍ଗରକ୍ଷୀମାନେ ତାଙ୍କୁ ମଞ୍ଚ ଉପରୁ ଓହ୍ଲାଇ ଦେଇଥିଲେ। ଏହି ସମୟରେ ତାଙ୍କର ଡାହାଣ କାନରୁ ରକ୍ତ ବାହାରୁଥିବା ଦେଖିବାକୁ ମିଳିଥିଲା। ହେଲେ ସେ ଏବେ ବିପଦ ମୁକ୍ତ ରହିଛନ୍ତି । ଅନ୍ୟପଟେ ଏହି ଗୁଳିମାଡ଼ରେ ଜଣଙ୍କର ମୃତ୍ୟୁ ହୋଇଛି ।

ସୂଚନା ଥାଉକି, ଆମେରିକାରେ ନଭେମ୍ବର ମାସରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଯାଉଛି । ଏହି ସମୟରେ ପୂର୍ବତନ ରାଷ୍ଟ୍ରପତିଙ୍କ ଉପରକୁ ଗୁଳିମାଡ଼ ଆମେରିକା ନାଗରିକଙ୍କ ଚିନ୍ତା ବଢ଼ାଇଛି । ଏନେଇ ସିକ୍ରେଟ ସର୍ଭିସ ଏକ୍ସରେ ଏକ ପୋଷ୍ଟ କରି କହିଛି ଯେ, ପୂର୍ବତନ ରାଷ୍ଟ୍ରପତି ସୁରକ୍ଷିତ ଅଛନ୍ତି ।

ତେବେ ଟ୍ରମ୍ପଙ୍କୁ ଗୁଳିମାଡ଼ ସମୟରେ ଜଣେ ସୁଟର ରାଲି ଭିତରେ ଉପସ୍ଥିତ ଥିବା *(ପୃଷ୍ଠା ୭ରେ)*

# ଭିଜିବ ବାହୁଡ଼ା: ଆଉ ୪ ଦିନ ପ୍ରବଳ ବର୍ଷା



**ଭୁବନେଶ୍ୱର, ୧୪।୭ : ନ୍ୟୁଜ୍ ବ୍ୟୁରୋ**

ଆଉ ୪ ଦିନ ପର୍ଯ୍ୟନ୍ତ ସାରା ରାଜ୍ୟରେ ବର୍ଷା ହେବ। ୧୭ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ରହିଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ତେବେ ୨ ଦିନ ଅତିପ୍ରବଳ ବର୍ଷା ରହିଥିବାରୁ ଏ ବର୍ଷ ବାହୁଡ଼ା ଭିଜିବାକୁ ଯାଉଛି । ଝାଡ଼ଖଣ୍ଡ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସମୁଦ୍ରପତନରୁ ୩.୧ କିମି ଉପରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସକ୍ରିୟ ରହିଛି। ଏହି କାରଣରୁ ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ସୋମବାର ରାଜ୍ୟର ଅଧିକାଂଶ ଜିଲ୍ଲାରେ ଭାରି ବର୍ଷା ହେବା ନେଇ ଆକଳନ କରାଯାଇଛି । ରବିବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପ୍ରବଳ ବର୍ଷା ହୋଇଥିଲା। ଏହାସହ ସମସ୍ତ ଉପକୂଳବର୍ତ୍ତୀ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିଲା। ରବିବାର ରାୟଗଡ଼ା, କନ୍ଧମାଳ, କୋରାପୁଟ *(ପୃଷ୍ଠା ୭ରେ)*

# ଏକ୍ସରେ ରେକର୍ଡ କଲେ ମୋଦି, ୧୦୦ ମିଲିୟନ ଫଲୋୟର୍ସ



**ନୂଆଦିଲ୍ଲୀ, ୧୪।୭**

ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ (ପୂର୍ବ ଟୁଇଟର) ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର (ଜୁଲାଇ ୧୪)ରେ ୧୦୦ ମିଲିୟନ ଅର୍ଥାତ ୧୦ କୋଟି ଫଲୋୟର୍ସ ଅତିକ୍ରମ କରିଛନ୍ତି । ଏହା ସହିତ ସେ ଅଧିକ ଫଲୋ କରାଯାଉଥିବା ଗ୍ଲୋବାଲ ଲିଡର ହୋଇଯାଇଛନ୍ତି।

ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ (୩୮.୧ ମିଲିୟନ ଫଲୋୟର୍ସ), ଦୁବାଇ ଶାସକ ଶେଖ ମହମ୍ମଦ (୧୧.୨ ମିଲିୟନ ଫଲୋୟର୍ସ) ଏବଂ ପୋପ ଫ୍ରାନ୍ସିସ (୧୮.୫ ମିଲିୟନ ଫଲୋୟର୍ସ) ଙ୍କ ପରି ପ୍ରଧାନମନ୍ତ୍ରୀ ମୋଦି ଅନ୍ୟ ବିଶ୍ୱ ନେତାଙ୍କଠାରୁ ବହୁତ ଆଗରେ ଅଛନ୍ତି। ଏକ୍ସ ରେ ମୋଦିଙ୍କ ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ସମଗ୍ର ବିଶ୍ୱର ନେତାମାନେ ସୋସିଆଲ ମିଡିଆରେ ତାଙ୍କ ସହ ଜଡିତ ହେବାକୁ ଆଗ୍ରହୀ ଅଟନ୍ତି । କାରଣ ତାଙ୍କ ସହ ଜଡିତ ହେବା ସେମାନଙ୍କର ଫଲୋୟର୍ସ, ଦୃଷ୍ଟିକୋଣ ଏବଂ ପୋଷ୍ଟକୁ ଯଥେଷ୍ଟ ବୃଦ୍ଧି କରିଥାଏ। ସମ୍ପ୍ରତି ଏହା ଇଟାଲୀ *(ପୃଷ୍ଠା ୭ରେ)*



30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୫ ଜୁଲାଇ ୨୦୨୪ ସୋମବାର





# ପର୍ଯ୍ୟଟନ କ୍ଷେତ୍ରରେ ରାୟଗଡ଼ାକୁ ଏକ ନମ୍ବର କରାଯିବ : ଉପମୁଖ୍ୟମନ୍ତ୍ରୀ

**ରାୟଗଡ଼ା, ନ୍ୟୁଜ ବ୍ୟୁରୋ**

ଖଣି ଖାଦାନ ଭରା ରାୟଗଡା ଜିଲ୍ଲାରେ ପର୍ଯ୍ୟଟନ ଶିଳ୍ପର ଯଥେଷ୍ଟ ସମ୍ଭାବନା ରହିଛି। ପର୍ଯ୍ୟଟନ କ୍ଷେତ୍ରରେ ରାୟଗଡ଼ା ଜିଲ୍ଲାକୁ ଏକ ନମ୍ବର କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ବିଦେଶୀ ପର୍ଯ୍ୟଟକମାନେ ରାୟଗଡା ଜିଲ୍ଲାକୁ ଆସି ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିପାରିବେ। ସେ ନେଇ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା ଗଣମାଧ୍ୟମ ଆଗରେ କହିଛନ୍ତି।

କାଶୀପୁରରେ ପହଞ୍ଚିବା ପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ବ୍ଲକ କାର୍ଯ୍ୟାଳୟରେ ପର୍ଯ୍ୟଟନ ବିଭାଗ, ମିସନଶକ୍ତି, ଖଣି ଓ ଇସ୍ପାତ ଓ ପରିବହନ ବିଭାଗର ସମୀକ୍ଷା କରିଥିଲେ। ବୈଠକରେ ବାଣିଜ୍ୟ ପରିବହନ ଓ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତିଭୂଷଣ ଜେନା ମଧ୍ୟ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ପଚାରିଥିବା ପ୍ରଶ୍ନର ସନ୍ତୋଷଜନକ ଉତ୍ତର ନମିଳିବାରୁ ଉପମୁଖ୍ୟମନ୍ତ୍ରୀ ତାଗିଦ କରିଥିଲେ। ଏଥିସହ



ପୂର୍ବସରକାର ପରି ପ୍ରିୟାପ୍ରୀତି ଚାଲିବ ନାହିଁ ବୋଲି କହିଥିଲେ। ମିସନଶକ୍ତିର ମହିଳାମାନେ ଯେପରି ନିଜ ଉତ୍ପାଦିତ ଦ୍ରବ୍ୟର ବିକ୍ରି ବଟା କରି ନିଜେ ଦୁଇପଇସା ରୋଜଗାର କରିପାରିବେ ସେ ନେଇ ଜିଲ୍ଲା ପ୍ରଶାସନ ଉଦ୍ୟମ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ବୈଠକ ପରେ କାଶୀପୁର ସହରର ହନୁମାନ ମନ୍ଦିର ପାର୍ଶ୍ୱରେ ନବନିର୍ମିତ ହୋଇଥିବା ଶ୍ରୀଶ୍ରୀଗିରି ଗୋବର୍ଦ୍ଧନ ମନ୍ଦିରର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିଲ। କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଜିଲ୍ଲା ସଭାପତି ଶିବ ପଟ୍ଟନାୟକଙ୍କ ସମେତ ବରିଷ୍ଠ ବିଜେପି ନେତାମାନେ ଉପସ୍ଥିତ ଥିଲେ।

# ବିଷାକ୍ତ ଛତୁ ଖାଇ ୪ ଅସୁସ୍ଥ

**ନାକଟିଦେଉଳ, ନ୍ୟୁଜ ବ୍ୟୁରୋ**

ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ କିସିଣ୍ଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଧଳପୁର ଗ୍ରାମରେ ବିଷାକ୍ତ ଛତୁ ଖାଇ ଗୁରୁବାର ଗୋଟିଏ ପରିବାରର ୪ ଜଣ ଅସୁସ୍ଥ ହୋଇଥିବାବେଳେ ସେଥି ମଧ୍ୟରୁ ୨ ଗୁରୁତର ହୋଇ ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ଧଳପୁର ଗ୍ରାମର କୁନ୍ତଳା ରୂଷି ନାମକ ଜଣେ ୬୦ ବର୍ଷୀୟା ମହିଳା ଗୁରୁବାର ସକାଳ ୮ଟା ସମୟରେ ନିଜ ଘର ବାଡ଼ିରେ ଫୁଟିଥିବା ଅଜଣା ଛତୁ ତୋଳି ତାହାକୁ ତରକାରୀ ଭାବେ ରାନ୍ଧିଥିଲେ । ଛତୁ ରାନ୍ଧି ସାରିବା ପରେ କୁନ୍ତଳା ତାର ପୁଅ କୁମୁଦ ରୂଷି, ୧୧ ବର୍ଷୀୟା ଝିଆରୀ କୋଶଲ୍ୟା ଏବଂ ସମ୍ପର୍କୀୟ ରମାକାନ୍ତ ଋଷିଙ୍କୁ ଖାଇବାକୁ ଦେଇ ସେ ନିଜେ ମଧ୍ୟ ଖାଇଥିଲେ । ଛତୁ ତରକାରୀ ଖାଇ ସାରିବା ପରେ ସମସ୍ତେ ବାନ୍ତି କରିବା ସହ ଅସୁସ୍ଥ ହୋଇ ପଡିଥିଲେ । ଏହା ଜାଣିବା ପରେ ପରିବାରର ଅନ୍ୟ ସଦସ୍ୟ ମାନେ ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ରେଢ଼ାଖୋଲ ନେଇଥିଲେ । ତେବେ ଚିକିତ୍ସା ପରେ କୌଶଲ୍ୟା ଏବଂ ରମାକାନ୍ତ ସମ୍ପୂର୍ଣ ଭାବେ ସୁସ୍ଥ ହୋଇଥିବାବେଳେ ଗୁରୁତର କୁନ୍ତଳା ଏବଂ ପୁଅ କୁମୁଦ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ।



# ବୈତରଣୀ ନଦୀ ଶଯ୍ୟାରୁ ପ୍ରାଚୀନ ଜୈନ ମୂର୍ତ୍ତି ଉଦ୍ଧାର

**ଭଣ୍ଡାରିପୋଖରୀ, ନ୍ୟୁଜ ବ୍ୟୁରୋ**

ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମୁଦ୍ରାପଦା ବୈତରଣୀ ନଦୀ ଶଯ୍ୟାରୁ ପ୍ରାଚୀନ ଜୈନ ମୂର୍ତ୍ତି ଗତ ମଙ୍ଗଳବାର ଉଦ୍ଧାର ହୋଇଛି। ଏହା ଦେଢଫୁଟ ଉଚ୍ଚତା ଓ ୧ ଫୁଟ ଚଉଡାର ଖାଣ୍ଡେଲାଇଟ ପ୍ରସ୍ତରରେ ନିର୍ମିତ ମୂର୍ତ୍ତି। ଏହା ଜୈନ ତୀର୍ଥଙ୍କର ଅଗୟପଟ ମୂର୍ତ୍ତି ବୋଲି ପ୍ରତ୍ନତତ୍ତ୍ୱବିତ୍ ଡ. ସୁନୀଲ ପଟ୍ଟନାୟକ ମତ ପ୍ରକାଶ କରିଛନ୍ତି।

ସପ୍ତମ ବା ଅଷ୍ଟମ ଶତାବ୍ଦୀରେ ନିର୍ମିତ ଏହି ପ୍ରସ୍ତରରେ ୪ ଧାଡିରେ ୬ଟି ଲେଖାଏଁ ମୂର୍ତ୍ତି ଖୋଦିତ ହୋଇଛି। ଜୈନ ଧର୍ମର ସ୍ରଷ୍ଟା ଋଷଭନାଥ, ଅଜିତ, ସମ୍ଭବ, ଅଭିନନ୍ଦନ, ସୁମତୀ, ପଦ୍ମପ୍ରଭ, ସୁପାର୍ଶ୍ୱ, ଚନ୍ଦ୍ରପ୍ରଭ, ସୁବିଧି, ଶୀତଳ, ଶ୍ରେୟାଂଶୁ, ବାସୁପୂଜ୍ୟ, ବିମଳ, ଅନନ୍ତ, ଧର୍ମନାଥ, ଶାନ୍ତନାଥ, କୁନ୍ଥନାଥ, ଅରନାଥ, ମଲ୍ଲୀ, ମୁନିସୁବ୍ରତ, ନମି, ନେମୀ, ପାର୍ଶ୍ୱନାଥ, ବର୍ଦ୍ଧମାନ ମହାବୀର ଆଦି ୨୪ ଜଣ ଅହରତ



ବା ତୀର୍ଥଙ୍କର ମୂର୍ତ୍ତି ଗୋଟିଏ ପ୍ରସ୍ତରରେ ଖୋଦିତ ହୋଇଛି ବୋଲି ଶ୍ରୀ ପଟ୍ଟନାୟକ ମତପୋଷଣ କରିଛନ୍ତି। ଏହି ଖୋଦିତ ପ୍ରସ୍ତରରୁ କିଛି ଅଂଶ ଭାଙ୍ଗିଯାଇଛି ଓ ମୂର୍ତ୍ତିଗୁଡିକର ମୁଖମଣ୍ଡଳ କ୍ରମଶଃ କ୍ଷୟପ୍ରାପ୍ତି ହୋଇ ଅସ୍ପଷ୍ଟ ହୋଇପଡ଼ିଛି।

ତୀର୍ଥଙ୍କର ପାର୍ଶ୍ୱନାଥ ଭଦ୍ରକ ଅଞ୍ଚଳକୁ ଜୈନ ଧର୍ମ ପ୍ରଚାର ପାଇଁ ଆସିଥିବା ବେଳେ ବୌଦ୍ଧପୀଠ ଭାବେ ପ୍ରସିଦ୍ଧି ଲାଭ କରିଥିବା ସମ୍ଭବତଃ ଖୋଳମପୁର ଆସି ସଂଲଗ୍ନ ଅଞ୍ଚଳରେ ଜୈନ ଧର୍ମ ପ୍ରତିଷ୍ଠା କରିଥିବାରୁ ଏହି ମୂର୍ତ୍ତି ଉପଲବ୍ଧ ହୋଇଛି ବୋଲି ଐତିହାସିକମାନେ ମତପ୍ରକାଶ କରିଛନ୍ତି। ନଦୀ ଅତଡା ଖସିବା ଫଳରେ ମୂର୍ତ୍ତି ଦୃଶ୍ୟମାନ ହୋଇଥିଲା। ଗ୍ରାମର ରମେଶ ଚନ୍ଦ୍ର ଜେନା, ଗଜେନ୍ଦ୍ର କୁମାର ମହାନ୍ତି, ଶ୍ରୀଧର ଜେନା, ଅନିଲ ମୁଦୁଲି, ମଣ୍ଟୁ ଶଙ୍ଖୁଆ ପ୍ରମୁଖ ମୂର୍ତ୍ତି ଉଦ୍ଧାର କରି ଇନଟାକ ସଦସ୍ୟ ବିଶ୍ୱମ୍ଭର ରାଉତଙ୍କୁ ସୂଚନା ଦେଇ ହସ୍ତାନ୍ତର କରିଥିଲେ।

ଏହି ବିରଳ ଜୈନ ମୂର୍ତ୍ତିକୁ ଖୋଳମପୁର ବୌଦ୍ଧବିହାର ସଂଗ୍ରହାଳୟକୁ ଗୁରୁଜୀ ଶରତ କୁମାର ବେହୁରିଆଙ୍କ ସହଯୋଗରେ ଅଣାଯାଇ ବୌଦ୍ଧବିହାର ଟ୍ରଷ୍ଟି କମଳାକାନ୍ତ ନାୟକଙ୍କ ଉପସ୍ଥିତିରେ ରଖାଯାଇଛି। ବହୁ ବିରଳ ମୂର୍ତ୍ତି ଓ ସାମଗ୍ରୀ ଏହି ସଂଗ୍ରହାଳୟରେ ଥିବାରୁ ଏହାର ସୁରକ୍ଷା ଜରୁରୀ ହୋଇପଡ଼ିଛି। ଏଥିପାଇଁ ଜଣେ ଜଗୁଆଳୀ ବ୍ୟବସ୍ଥା କରିବାକୁ ରାଜ୍ୟ ସଂସ୍କୃତି ବିଭାଗ ପଦକ୍ଷେପ ଗ୍ରହଣ କରୁ ବୋଲି ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ପଛୁଆବର୍ଗ ଯୁବକଯୁବତୀ ହରାଇବେ ୧୪ହଜାର ପଦବି




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟର ୫୨% ଓବିସି ବର୍ଗ ଦୀର୍ଘ ୩୦ବର୍ଷ ଧରି ନିଜର ସାମ୍ବିଧାନିକ ହକ୍ ଓ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ କେନ୍ଦ୍ର ସରକାର ପଛୁଆବର୍ଗଙ୍କୁ ପ୍ରଦାନ କରିଥିବା ୨୭% ସଂରକ୍ଷଣ ଓଡ଼ିଶାରେ ଲାଗୁ ହେଉନାହିଁ। ଫଳରେ ଏହି ବର୍ଗର ପିଲାମାନେ ନିଯୁକ୍ତ ସୁଯୋଗ ହରାଇବା ସହ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ତେଣୁ ପଛୁଆବର୍ଗଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରିବା ଲାଗି ଦାବି କରିଛି ଓବିସି ଫୋରମ୍। ଫୋରମ୍‌ର ଅଧ୍ୟକ୍ଷ ରବୀନ୍ଦ୍ରନାଥ ବେହେରା ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି, ଚଳିତମାସ ୩ ତାରିଖରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ରାଜ୍ୟରେ ଖାଲି ପଡ଼ିଥିବା ୯୩ହଜାର ୫୨୪ ପଦବି ପୂରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାର ଚାକିରି କ୍ଷେତ୍ରରେ ୨୭% ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ମାତ୍ର ଓଡ଼ିଶାରେ ସରକାରୀ ଚାକିରିରେ ୧୧.୨୫% ଓବିସି ସଂରକ୍ଷଣ ପ୍ରଦାନ କରାଯାଉଛି। ତେଣୁ ୯୩ହଜାର ସରକାରୀ ଚାକିରିରୁ ଓବିସି ବର୍ଗ ସଂରକ୍ଷଣ ଅନୁଯାୟୀ ପ୍ରକୃତରେ ୨୫ହଜାର ୨୫୧ଜଣ ନିଯୁକ୍ତି ପାଇବା କଥା। ମାତ୍ର ପୂର୍ଣ୍ଣ ସଂରକ୍ଷଣ ଲାଗୁ ହେଉ ନ ଥିବାରୁ ଏହି ବର୍ଗର ୧୦ହଜାର ୫୨୧ଜଣଙ୍କୁ ନିଯୁକ୍ତି ମିଳିବ। ଫଳରେ ପଛୁଆବର୍ଗର ୧୪ହଜାର ୭୩୦ ପିଲା ନିଯୁକ୍ତିରୁ ବଞ୍ଚିତ ହେବେ। ସେହିପରି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଆଇଆଇଟି, ଆଇଆଇଏମ୍‌ରେ କେନ୍ଦ୍ର ସରକାର ପଛୁଆବର୍ଗ ଛାତ୍ରଛାତ୍ରୀଙ୍କୁ ନାମଲେଖାରେ ୨୭% ସଂରକ୍ଷଣ ଦେଉଛନ୍ତି। ହେଲେ ରାଜ୍ୟର ବିଶ୍ୱବିଦ୍ୟାଳୟ ଓ କଲେଜରେ ପଛୁଆବର୍ଗଙ୍କୁ ନାମଲେଖାରେ ସଂରକ୍ଷଣ ମିଳୁନାହିଁ। ଆଜି ପର୍ଯ୍ୟନ୍ତ ପ୍ରାୟ ୨୫ହଜାର ଛାତ୍ରଛାତ୍ରୀ ଇଞ୍ଜିନିୟରିଂ ଓ ୨ହଜାରରୁ ଅଧିକ ଛାତ୍ରଛାତ୍ରୀ ମେଡିକାଲ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ତେଣୁ ପଛୁଆବର୍ଗଙ୍କ ସ୍ୱାର୍ଥକୁ ନଜରରେ ରଖି ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶା। ଏହାସହ ପୂର୍ବ ସରକାରଙ୍କ ସମୟରେ ଯେଉଁ ପଛୁଆବର୍ଗ ସର୍ଭେ କରାଯାଇଥିଲା ତାହାର ରିପୋର୍ଟ ପ୍ରଦାନ କରିବା ଲାଗି ଶ୍ରୀ ବେହେରା ଦାବି କରିଛନ୍ତି।

# ମାଡ଼ିଚାଲିଛି ପିଲାଙ୍କ ଜ୍ୱର, ଆଖିଧରା: କମୁଛି ଉପସ୍ଥାନ

## ଆଖି ଧରିଲେ ସ୍କୁଲ୍ ନ ଆସିବାକୁ ପରାମର୍ଶ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀର ଗୋଟିଏ ପରେ ଗୋଟିଏ ବିଦ୍ୟାଳୟକୁ ଆଖିଧରା ସହ ଜ୍ୱର ମାଡ଼ି ଚାଲିଛି। ପାଗ ପରିବର୍ତ୍ତନ ଓ ମୌସୁମୀ ବର୍ଷା ଯୋଗୁଁ ପିଲାମାନେ ଅସୁସ୍ଥ ରହୁଥିବା ଦେଖିବାକୁ ମିଳୁଛି। କେଉଁଠି ପିଲାଙ୍କର ଆଖି ନାଲି ପଡ଼ି ଫୁଲି ଯାଉଛି ତ ଆଉ କାହାର ହଠାତ୍ ଜ୍ୱର ମାଡ଼ି ଆସୁଛି। ସରକାରୀ, ଅନୁଦାନପ୍ରାପ୍ତ ଓ ବେସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ଭିତରେ ଅଖିଧରା ଓ ଜ୍ୱର ଆକ୍ରାନ୍ତ ବଢୁଥିବାରୁ ଉପସ୍ଥାନ ପ୍ରଭାବିତ ହେବାରେ ଲାଗିଛି। ସେତେଟା ପ୍ରଭାବ ପଡ଼ି ନ ଥିଲେ ମଧ୍ୟ ଏପ୍ରିଲ ମାସ ତୁଳନାରେ ଜୁଲାଇ ମାସରେ ଉପସ୍ଥାନ ଟିକିଏ କମିଛି। ଏପ୍ରିଲ୍ ମାସରେ ନୂଆ ଶିକ୍ଷାବର୍ଷ ଆରମ୍ଭ ବେଳେ ବିଦ୍ୟାଳୟଗୁଡ଼ିକରେ ଦୈନିକ ଉପସ୍ଥାନ ହାରାହାରି ୮୦% ରହୁଥିଲା। ତେବେ ଏବେ ଉପସ୍ଥାନ ୭୫%କୁ ଖସି ଆସିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଯେଉଁ ପିଲାଙ୍କ ଆଖି ଧରୁଛି, ସେମାନଙ୍କୁ ଜ୍ୱର ମଧ୍ୟ ହେଉଛି। ୩ରୁ ୪ଦିନ ଧରି ଜ୍ୱର ଲାଗି ରହୁଛି। ଆଖି ଲାଲ୍ ପଡ଼ିବା ମାତ୍ରେ ଶରୀର ଭୀଷଣ ଭାବେ ତାତୁଛି। ଆଖିଧରା ଯେତେଦିନ ପର୍ଯ୍ୟନ୍ତ ଲାଗି ରହୁଛି, ପିଲାଙ୍କ ଜ୍ୱର ମଧ୍ୟ ସେତେଦିନ ରହୁଛି। ୭ଦିନ ହେଲା ଭୁବନେଶ୍ୱରରେ ଏଭଳି ସ୍ଥିତି ଲାଗି ରହିଛି। ଅନ୍ୟପଟେ ବର୍ଷା ଦିନେ ଡେଙ୍ଗୁ ବ୍ୟାପିଥିବାରୁ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ କର୍ତ୍ତୃପକ୍ଷ, ଅଭିଭାବକ, ପିଲାଙ୍କୁ ସତର୍କ କରାଯାଉଛି। ଗତ ବର୍ଷଗୁଡ଼ିକରେ ବିଭିନ୍ନ ବିଦ୍ୟାଳୟରେ ପିଲାଙ୍କ ଆଖି ଧରିଲେ ସେମାନଙ୍କୁ ଅଲଗା ବସାଯାଇ ଶିକ୍ଷା ପ୍ରଦାନ କରାଯାଉଥିଲା। ତେବେ ଚଳିତବର୍ଷ ଆଖି ଧରିଲେ ପିଲାମାନେ ସ୍କୁଲ ନ ଆସିବାକୁ ବିଦ୍ୟାଳୟ ପକ୍ଷରୁ ପରାମର୍ଶ ଦିଆଯାଉଛି।

ଗୋଟିଏ ପଟେ ପିଲାଙ୍କୁ ଆଖିଧରା ଓ ଅନ୍ୟପଟେ ରାଜଧାନୀରେ ଡେଙ୍ଗୁ ମାଡୁଛି। ପଟିଆ, ନୀଳାଦ୍ରିବିହାର, ଶୈଳଶ୍ରୀବିହାର ପ୍ରଭୃତି ଅଞ୍ଚଳରେ ଡେଙ୍ଗୁ ଚିହ୍ନଟ ହେଲେଣି। ସ୍କୁଲ ଛାତ୍ରଛାତ୍ରୀ ଯେପରି ଡେଙ୍ଗୁରେ ଆକ୍ରାନ୍ତ ନ ହୁଅନ୍ତି, ସେଥିପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପିଲାଙ୍କୁ ପ୍ରାର୍ଥନା ସମୟ ଓ କ୍ଲାସରୁମ୍ ପରିସରରେ ଡେଙ୍ଗୁ ସମ୍ପର୍କରେ ଅବଗତ କରାଯାଇଛି। ଲିଫ୍‌ଲେଟ୍ ବଣ୍ଟନ ସହ ଡେଙ୍ଗୁ ଯେପରି ନ ବ୍ୟାପେ, ସେଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। କ୍ୟାମ୍ପସର ଯେଉଁଠି ୭ଦିନରୁ ଅଧିକ ସମୟ ଧରି ପାଣି ଜମି ରହିଥିବ, ତାକୁ ତୁରନ୍ତ ସଫା କରିବା, କ୍ୟାମ୍ପସ୍ ପରିସରରେ ଗଛ ଲଗାଇବା ପାଇଁ କୁଣ୍ଡରେ ରହୁଥିବା ପାଣିରୁ ନିଷ୍କାସନ କରିବାକୁ କୁହାଯାଇଛି। ଅନେକ ସମୟରେ ଛୋଟ ନଡ଼ିଆର ଖୋଳ, ଅମୂଲ ଡବାରେ ପାଣି ଜମି ରହିଥିଲେ, କୁଲର, ଓଭରହେଡ୍ ଟାଙ୍କି ମଧ୍ୟ ଡେଙ୍ଗୁ ମଶା ବଂଶବୃଦ୍ଧିର କାରଣ ହୋଇଥାଏ।

ସାଧାରଣତଃ ମଶା ଅଣ୍ଡା ଦେଇ ନୂଆ ମଶା ଜନ୍ମ ନେବାକୁ ୭ ଦିନ ସମୟ ଲାଗେ। କୌଣସି ସ୍ଥାନରେ ପାଣି ରଖିଥିଲେ ୭ ଦିନ ଭିତରେ ବଦଳାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ପ୍ରତିବର୍ଷ ପରି ଏଥର ମଧ୍ୟ ଭୁବନେଶ୍ୱରର କିଛି ବିଦ୍ୟାଳୟର ଛାତ୍ରଛାତ୍ରୀ ଆଖିଧରା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଆଖିଧରା ରୋଗ ହୋଇଥିବା ସମ୍ପର୍କରେ କିଭଳି ଜାଣିବେ, ସେନେଇ ବିଦ୍ୟାଳୟ ପକ୍ଷରୁ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଉଛି। ଆକ୍ରାନ୍ତ ବ୍ୟକ୍ତିଙ୍କ ରୁମାଲ୍, ତଉଲିଆ, ତକିଆ ଆଦି ବ୍ୟବହାର ନ କରିବା, ଆକ୍ରାନ୍ତ ବ୍ୟକ୍ତି ବ୍ୟବହାର କରିଥିବା ଆଇ-ଡ୍ରପ୍ ବ୍ୟବହାର ନ କରିବା, ନିଜର ଚଷମା ନିୟମିତ ସଫା ରଖିବା ସହ ସୁଇମିଂ ପୁଲ, ପୋଖରୀ ଆଦିରେ ମୁହଁ ନ ବୁଡ଼ାଇବାକୁ କୁହାଯାଇଛି। ଆଖିରେ କୌଣସି ପ୍ରସାଧନ ସାମଗ୍ରୀ ବ୍ୟବହାର ନ କରିବା, ଆଖି ଧରିଲେ ପରିଷ୍କାର କପଡ଼ା ଉଷୁମ ପାଣିର ପକାଇ ଆଖିକୁ ପୋଛିବା, ଆଖି ପୋଛା କପଡ଼ାକୁ ଗରମ ପାଣିରେ ଭିଜାଇବା ପରେ ନଷ୍ଟ କରିବା, ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ ନ ଖାଇବାକୁ ପରାମର୍ଶ ଦିଆଯାଇଛି।

# ହସ୍ପିଟାଲରେ ମାତିଛନ୍ତି ମୂଷା, ରୋଗ ଅପେକ୍ଷା ରୋଗୀଙ୍କୁ ଘାରିଛି ମୂଷା ଭୟ

**କୋରାପୁଟ, ନ୍ୟୁଜ ବ୍ୟୁରୋ**

ରୋଗୀମାନେ ଡାକ୍ତରଖାନାକୁ ସୁସ୍ଥ ହେବା ପାଇଁ ଆସନ୍ତି । ହେଲେ ହସ୍ପିଟାଲରେ ଭଲ ହେବା ବଦଳରେ ସ୍ଥିତି ଅଧିକ ଜଟିଳ ହୋଇ ପଡୁଛି । କାରଣ ହସ୍ପିଟାଲରେ ଚାରି ଆଡେ ମାଳ ମାଳ ମୂଷା। କେତେବେଳେ ରୋଗୀଙ୍କ ଆସବାପତ୍ରକୁ ଟିକ୍‌ଟିକ୍ କରି କାଟି ପକାଉଛନ୍ତି ତ କେବେବେଳେ ରୋଗୀଙ୍କୁ କାମୁଡ଼ି ପକାଉଛନ୍ତି । ଯାହାକୁ ନେଇ ରୋଗୀଙ୍କ ସହ ରୋଗୀଙ୍କ ଅଭିଭାବକମାନେ ମଧ୍ୟ ଛାନିଆ । ଦିନ ନାହିଁ କି ରାତି ନାହିଁ ଖାଦ୍ୟ ଖାଇବାକୁ ଆସି ମୂଷା ରୋଗୀଙ୍କୁ କାମୁଡୁଥିବା ଅଭିଯୋଗ ହୋଇଛି। ତେବେ ଏଭଳି ସ୍ଥିତି ଦେଖିବାକୁ ମିଳିଛି କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ହସ୍ପିଟାଲରେ । କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ହସ୍ପିଟାଲରେ ମାତିଛନ୍ତି ମୂଷା। ମୂଷାଙ୍କ ବେଧଡକ ବିଚରଣ ଉଭୟ ରୋଗୀ ଓ ଡାକ୍ତରଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି । ଯନ୍ତା ପକାଇ ମୂଷାକୁ ଧରିବା ପାଇଁ ଉଦ୍ୟମ କରୁଛି ମେଡିକାଲ ପ୍ରଶାସନ । ମେଡିକାଲ ପରିସରରେ ଅନେକ ସ୍ଥାନରେ ଅଳିଆ ଆବର୍ଜନା ପଡିରହୁଥିବା କାରଣରୁ ଆବର୍ଜନା ସ୍ଥାନ ଗୁଡିକରେ ମୂଷା ଗାତ କରି ଆସ୍ଥାନ ଜମାଇଛନ୍ତି । ଗାତରୁ ବାହାରି ଖାଦ୍ୟ ଖାଇବା ପାଇଁ ହସ୍ପିଟାଲର ୱାର୍ଡ ଭିତରେ ଅବାଧରେ ବୁଲୁଛନ୍ତି । ରୋଗୀ ରଖିଥିବା ଖାଦ୍ୟଗୁଡିକୁ ଖାଉଛନ୍ତି। ଖାଦ୍ୟ ଖାଇବା ସହ ବେଡରେ ଶୋଇଥିବା ରୋଗୀଙ୍କୁ ମଧ୍ୟ କାମୁଡି କ୍ଷତାକ୍ତ କରୁଛନ୍ତି । ମୂଷା କାମୁଡାରେ କିଛି ଶିଶୁ ଓ ମାଆ ମଧ୍ୟ କ୍ଷତାକ୍ତ ହୋଇଥିବା ଅଭିଯୋଗ ହୋଇଛି । ହସ୍ପିଟାଲରେ ସାମାନ୍ୟ ଅନ୍ଧାର ହେଲେ ପରିସ୍ଥିତି ବିଷମ ହୋଇ ପଡୁଛି । ଖାଦ୍ୟ



ଖାଇବା ଆଳରେ ନବଜାତ ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ମୂଷା କାମୁଡୁଛି । ଫଳରେ କୋରାପୁଟ ବଡ ମେଡିକାଲକୁ ଆସୁଥିବା ରୋଗୀମାନେ ମୂଷାକୁ ନେଇ ଭୟଭୀତ ହୋଇପଡିଛନ୍ତି । ଅବିଭକ୍ତ କୋରାପୁଟ ଜିଲ୍ଲାର ଲାଇଫ ଲାଇନ ହେଉଛି ଶହୀଦ ଲକ୍ଷ୍ମଣ ନାୟକ ମାଡିକାଲ କଲେଜ ହସ୍ପିଟାଲ । କୋରାପୁଟ ସମେତ ରାୟଗଡା, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲା ଭଳି ଆଦିବାସୀ ବହୁଳ ଜିଲ୍ଲାର ଲୋକଙ୍କ ନିକଟରେ ଉନ୍ନତ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ୟମରେ ୨୦୧୭ ମସିହାରେ ମେଡିକାଲ କଲେଜ ଓ ହସ୍ପିଟାଲ ଆରମ୍ଭ ହେଲା । ହସ୍ପିଟାଲରେ ଚିକିତ୍ସା ପାଇଁ ଦୈନିକ ଶହ ଶହ ରୋଗୀ ଆସୁଛନ୍ତି । ହସ୍ପିଟାଲ ଚାରିପଟେ ଜମି ଓ ଜଙ୍ଗଲ ଘେରି ରହିଛି । ତେଣୁ ଜଙ୍ଗଲ ଭିତରୁ ମୂଷା ହସ୍ପିଟାଲ ଭିତରକୁ ପଳାଇ ଆସୁଛନ୍ତି । ମେଡିକାଲରେ ରୋଗୀଙ୍କୁ ଦିଆଯାଉଥୁବା କ୍ଷୀର, ପାଉଁରୁଟି, ଅଣ୍ଡା ଭଳି ଖାଦ୍ୟ ମୂଷାଙ୍କ ପ୍ରମୁଖ ଆହାର ପାଲଟିଛି । ରୋଗୀଙ୍କୁ ଦିଆଯାଉଥୁବା ଖାଦ୍ୟ ଖାଇବା ଲୋଭରେ ଚାରିପଟର ମୂଷା ଏବେ ମେଡିକାଲ ମଧ୍ୟକୁ ଚାଲି ଅସୁଛନ୍ତି । ରୋଗୀମାନେ ସେମାନଙ୍କ ରୋଗ ଅପେକ୍ଷା ମୂଷାଙ୍କୁ ନେଇ ଅଧିକ ଭୟ କରୁଛନ୍ତି। ମୂଷାକୁ ଧରିବାକୁ ହସ୍ପିଟାଲ କର୍ତ୍ତୃପକ୍ଷ ଉଦ୍ୟମ: ମୂଷା ଉପଦ୍ରବକୁ ନେଇ ହସ୍ପିଟାଲକୁ ଆସୁଥିବା ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟ ଭୟଭୀତ ହୋଇପଡିଥିବା ବେଳେ ମୂଷା ଗାତ ନିକଟରେ ଯନ୍ତା ପକାଇ ମୂଷାକୁ ଧରିବାକୁ ହସ୍ପିଟାଲ କର୍ତ୍ତୃପକ୍ଷ ଉଦ୍ୟମ କରୁଥିବା ହସ୍ପିଟାଲ ସୁପେରିଟେଣ୍ଡେଣ୍ଟ ଶୁଶାନ୍ତ କୁମାର ସାହୁ କହିଛନ୍ତି । ହସ୍ପିଟାଲ ପରିସରରେ ମୂଷା କରିଥିବା ଗାତ ଗୁଡିକୁ ଠାବ କରାଯାଇଛି । ଗାତ ନିକଟରେ ଛୋଟ ଛୋଟ ଯନ୍ତା ବସାଇ ମୂଷାକୁ ଧରିବା ପାଇଁ ଉଦ୍ୟମ କରାଯାଉଛି । ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ମେଡିକାଲ କର୍ତ୍ତୃପକ୍ଷ ସ୍ଥାୟୀ ପ୍ରତିକାର କରିବା ପାଇଁ ପ୍ରଚେଷ୍ଟା କରୁଥିବା ବେଳେ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟମାନଙ୍କୁ ମଧ୍ୟ ବ୍ୟାପକ ସଚେତନତା କରିବାର ଆବଶ୍ୟକତା ରହିଛି ବୋଲି ହସ୍ପିଟାଲ ସୁପେରିଟେଣ୍ଡେଣ୍ଟ କହିଛନ୍ତି । ମୂଷା କାମୁଡିଲେ କେଉଁ ରୋଗ ହୁଏ: ମଶା କାମୁଡିଲେ ଯେପରି ବିଭିନ୍ନ ପ୍ରକାରରର ରୋଗ ହୋଇଥାଏ ସେହିପରି ମୂଷା ମଧ୍ୟ ଘରେ ରହିଲେ ସବୁ ଜିନିଷ ଛାରଖାର କରି ଦେଇଥାଏ । ଏହାସହ ମୂଷା କାମୁଡିଲେ ପ୍ଲେଗ ଭଳି ମାରାତ୍ମକ ରୋଗର ମଧ୍ୟ ହୋଇଥାଏ । ପ୍ଲେଗ ଏକ ସଂକ୍ରାମକ ରୋଗ । ଯାହା ୟେରସିନିଆ ପେସ୍ଟିସ ନାମକ ଏକ ଜୀବାଣୁ ଦ୍ୱାରା ହୋଇଥାଏ। ଏହି ରୋଗରେ ଜ୍ୱର, ମୁଣ୍ଡ ବିନ୍ଧା ହୁଏ ଓ ଶରୀର ଦୁର୍ବଳ ଲାଗେ। ଏହି ଜୀବାଣୁ ସଂସ୍ପର୍ଶରେ ଆସିବାର ୧ରୁ ୭ ଦିନ ପରେ ରୋଗ ଆରମ୍ଭ ହୁଏ ।

# ୪ ମାସରେ ୭ ଲକ୍ଷରୁ ଉର୍ଦ୍ଧ୍ୱ ସାଇବର ଠକେଇର ଶିକାର

**ନୂଆଦିଲ୍ଲୀ,**

ଚଳିତ ୨୦୨୪ ବର୍ଷର ୪ ମାସରେ ଦେଶରେ ୭ ଲକ୍ଷରୁ ଅଧିକ ଲୋକଙ୍କ ସହିତ ସାଇବର ଠକେଇ ମାମଲା ରୁଜୁ ହୋଇଛି। ଏହି ଲୋକମାନଙ୍କୁ ଚାରି ମାସ ମଧ୍ୟରେ ହଜାରେ କୋଟିରୁ ଅଧିକ ମୂଲ୍ୟର ସାଇବର ଠକେଇ ମାଧ୍ୟମରେ ପ୍ରତାରଣା କରାଯାଇଛି। ଭାରତୀୟ ସାଇବର କ୍ରାଇମ ସମନ୍ୱୟ କେନ୍ଦ୍ରର ଏକ ଇଟି ରିପୋର୍ଟରେ କୁହାଯାଇଛି, କେବଳ ଚଳିତ ବର୍ଷର ପ୍ରଥମ ଚାରି ମାସରେ ସାଇବର ଠକେଇ ଯୋଗୁଁ ଭାରତୀୟମାନେ ହଜାର ହଜାର କୋଟି ଟଙ୍କାର କ୍ଷତି ସହିଛନ୍ତି।

ସାଇବର କ୍ରାଇମ ସମନ୍ୱୟ କେନ୍ଦ୍ର ଅନୁଯାୟୀ, ୨୦୨୪ବର୍ଷର ପ୍ରଥମ ଚାରି ମାସରେ ଭାରତୀୟମାନେ ୧,୭୫୦ କୋଟି ଟଙ୍କା କ୍ଷତି ସହିଛନ୍ତି। ଯେଉଁଥି ପାଇଁ ୭ ଲକ୍ଷ ୪୦ ହଜାରରୁ ଅଧିକ ଲୋକ ଠକେଇ ସମ୍ପର୍କରେ ଅଭିଯୋଗ କରିଛନ୍ତି। ରିପୋର୍ଟ ଅନୁଯାୟୀ, ଜାନୁୟାରୀରୁ ଏପ୍ରିଲ ପର୍ଯ୍ୟନ୍ତ ପ୍ରତିଦିନ ହାରାହାରି ୭ ହଜାର ଅଭିଯୋଗ ଦାଖଲ କରାଯାଇଥିଲା। ସେଥିମଧ୍ୟରୁ ୮୫ ପ୍ରତିଶତ ଅଭିଯୋଗ ଅନଲାଇନ୍



ଠକେଇରେ ହୋଇଥିବା ଅଭିଯୋଗ କରାଯାଇଥିଲା। ଏହି ମାମଲାଗୁଡ଼ିକ ପୂର୍ବ ବର୍ଷ ତୁଳନାରେ ବହୁତ ଅଧିକ ରହିଛି।

ଦେଶରେ ସାଇବର ଠକେଇ ମାମଲା ବର୍ଷକୁ ବର୍ଷ ବୃଦ୍ଧି ପାଉଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ସାଇବର ଠକେଇ ମାମଲାର ଗ୍ରାଫ୍ ଦ୍ରୁତ ଗତିରେ ଉପରକୁ ଉଠିଛି। ୨୦୧୯ରେ କେବଳ ୨୬,୦୪୯ ଟି ସାଇବର ଅପରାଧ ମାମଲା ରୁଜୁ ହୋଇଥିଲା। ଯାହା ପରେ ୨୦୨୦ ରେ ଏହି ସଂଖ୍ୟା ୨ ଲକ୍ଷରେ ପହଞ୍ଚିଥିଲା। ୨୦୨୦ମସିହାରେ, ଏହି ମାମଲାଗୁଡିକ ୨ ଲକ୍ଷ ୫୭ ହଜାର ୭୭୭ କୁ ବୃଦ୍ଧି ପାଇଥିଲା। ଏହା ପରେ, ଏହା ୨୦୨୧ ରେ ୪ ଲକ୍ଷ ୫୨ହଜାର ୪୧୪ ଏବଂ ୨୦୨୨ ରେ ୯ ଲକ୍ଷ ୬୬ ହଜାର ୭୯୦ରେ ପହଞ୍ଚିଥିଲା। ଗତ ୨୦୨୩ବର୍ଷରେଦେଶରେ ସାଇବର ଠକେଇ ମାମଲା ୧୫ ଲକ୍ଷ ୫୬ ହଜାର ୨୧୮ରେ ପହଞ୍ଚିଥିଲା। ସାଇବର ଠକେଇ ମାମଲାରେ ବୃଦ୍ଧି ହେବାର କେବଳ ଦୁଇଟି କାରଣ ଅଛି। ସାଇବର ଥଗମାନେ ପ୍ରତିଦିନ ନୂଆ ଢଙ୍ଗରେ ଜାଲିଆତି କରୁଛନ୍ତି ଏବଂ ଦ୍ୱିତୀୟରେ ଦେଶରେ ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ ସାଇବର ଠକେଇରୁ ରକ୍ଷା ପାଇବା ପାଇଁ ଉପାୟ ଅବଲମ୍ବନରେ ଅବହେଳା କରୁଛନ୍ତି। ସେମାନେ ଏହାକୁ ଅଣଦେଖା କରି ଲୋଭରେ ଆକର୍ଷିତ ହୁଅନ୍ତି ଏବଂ ଏହି ଠକମାନଙ୍କର ଶିକାର ହୁଅନ୍ତି । ଆମ ଦେଶରେ ସାଇବର ଠକେଇ ମାମଲା ବୃଦ୍ଧି ହେବାର ସବୁଠାରୁ ବଡ କାରଣ ହେଉଛି ଲୋଭ। ସାଇବର ଚୋରମାନେ ଟଙ୍କା ଲୋଭ ଦେଖାଇ ଲୋକମାନଙ୍କୁ ପ୍ରତାରଣା କରୁଛନ୍ତି। ଚଳିତ ବର୍ଷ ସାଇବର ଥଗମାନେ ବାଣିଜ୍ୟ ସ୍କାମ ମାଧ୍ୟମରେ ୧,୪୨୦ କୋଟି ଟଙ୍କା ଠକେଇ କରିଛନ୍ତି। ପ୍ରଥମ ଚାରି ମାସରେ ଏନେଇ ୨୦ ହଜାରରୁ ଅଧିକ ମାମଲା ପଞ୍ଜିକୃତ ହୋଇଥିଲା। ଯେଉଁଥିରେ ୪,୫୯୯ଟି ଡିଜିଟାଲ ଗିରଫ ମାମଲା ରୁଜୁ ହୋଇଛି। ଯେଉଁଥିରେ ଲୋକଙ୍କଠାରୁ ୧୨୦ କୋଟି ଟଙ୍କାର ଠକେଇ କରାଯାଇଥିଲା।

# ରାଜଧାନୀରେ ବଢୁଛି ଆତ୍ମହତ୍ୟା ଉଦ୍ୟମ ମାମଲା : କ୍ୟାପିଟାଲ ହସ୍ପିଟାଲରେ ମାସକୁ ୧୦୦

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗତ ୩ ତାରିଖ ସନ୍ଧ୍ୟାରେ ଧଉଳି ଥାନା ଅଞ୍ଚଳର ଜଣେ ମାନସିକ ଚାପଗ୍ରସ୍ତ ଯୁବକ ନିଜ ଘର ଛାତ ଉପରୁ ଡେଇଁ ଆତ୍ମହତ୍ୟା ପ୍ରୟାସ କରୁଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇବା ପରେ ପିସିଆର- ୧୧ର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିବା ସହିତ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ସହିତ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ସେହିପରି ଗତମାସ ୧୬ ତାରିଖ ଅପରାହ୍ନରେ ଡେଲାଙ୍ଗ ଅଞ୍ଚଳର ଜଣେ ବ୍ୟକ୍ତି ସିଆରପି ଓଭର ବ୍ରିଜ ଉପରୁ ତଳକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରୁଥିବା ସୂଚନା ପାଇବା ପରେ ପିସିଆର-୧୯ ଅବିଳମ୍ବେ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ରାଜଧାନୀରେ ପ୍ରତିଦିନ ଏଭଳି ଘଟଣା ଘଟୁଛି। କିଛି ଘଟଣାରେ ଆତ୍ମହତ୍ୟା ଉଦ୍ୟମ କରୁଥିବା ଲୋକମାନେ ସଫଳ ହୋଇ ଯାଉଛନ୍ତି ତ କେବେ ପୁଲିସ ବା ପରିବାର ଲୋକ ବା ଅନ୍ୟ କେହି ସେମାନଙ୍କୁ ଉଦ୍ଧାର କରୁଛନ୍ତି। କ୍ୟାପିଟାଲ ହସ୍ପିଟାଲକୁ ଦିନକୁ ୪ରୁ ୫ ଜଣ ଯୁବକ ଯୁବତୀ ଆତ୍ମହତ୍ୟା ଉଦ୍ୟମ କରି ଜରୁରୀକାଳୀନ ବିଭାଗକୁ






ଆସୁଛନ୍ତି। ମାସକୁ ହିସାବ କଲେ ୧୦୦ ଅଧିକ ମାନସିକ ଚାପଗ୍ରସ୍ତ ଯୁବକ ଓ ଯୁବତୀ କୌଣସି ଉପାୟରେ ଜୀବନ ହାରିବାକୁ ପ୍ରୟାସ କରି ବିଫଳ ହୋଇ କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସୁଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୬୦ ରୁ ୭୦ ପ୍ରତିଶତ ଯୁବତୀ କିମ୍ବା ମହିଳାଙ୍କ ଅନୁପାତ ରହୁଛି। ଦୁଃଖର କଥା ହେଉଛି କି ଯେତିକି ଆତ୍ମହତ୍ୟା ପାଇଁ ଯେଉଁ ମାନେ ଆସୁଛନ୍ତି ସେମାନଙ୍କ ମଧ୍ୟରୁ ୨୦ରୁ ୩୦ ପ୍ରତିଶତ ପୁଣି ଥରେ ଆତ୍ମହତ୍ୟା ଉଦ୍ୟମ କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି। ଥରେ ଆତ୍ମହତ୍ୟା କରିବା ପରେ ସେମାନଙ୍କର କାଉସିଲିଂ କରାଯାଉ ନଥିବାରୁ ଜଣେ ବ୍ୟକ୍ତି ବାରମ୍ବାର ଆତ୍ମହତ୍ୟା ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ପୂର୍ବରୁ ଆଇପିସି ୩୦୯ରେ ଆତ୍ମହତ୍ୟା ଉଦ୍ୟମ ଏକ ଅପରାଧିକ କାର୍ଯ୍ୟକଳାପ ଅନ୍ତର୍ଗତ ଥିଲା। ଏଥିପାଇଁ ଏକ ବର୍ଷ ପର୍ଯ୍ୟନ୍ତ ସଜା ଓ ଜରିମାନା ମଧ୍ୟ ବ୍ୟବସ୍ଥା ରହିଥିଲା। ଏହାପରେ ଏହି କ୍ଲଜକୁ ମେଣ୍ଟାଲ ହେଲଥ୍ କେୟାର ଆକ୍ଟ ୨୦୧୭ ରେ ସାମିଲ କରାଯାଇଥିଲା। ଏହାସହ ଆଇପିସି ୩୦୯କୁ ଅପରାଧିକ କାର୍ଯ୍ୟକଳାପରୁ ହଟାଇ ଦିଆଯାଇଥିଲା। କିନ୍ତୁ ନୂଆ ଭାବେ ଆସିଥିବା ଭାରତୀୟ ନ୍ୟାୟ ସଂହିତାରେ ଏହି କ୍ଲଜକୁ ସଂପୂର୍ଣ୍ଣ ଭାବେ ହଟାଇ ଦିଆଯାଇଛି। କ୍ୟାପିଟାଲ ହସ୍ପିଟାଲକୁ ବିଭିନ୍ନ ଥାନାରୁ ଆତ୍ମହତ୍ୟା ଉଦ୍ୟମ ମାମଲା ଆସୁଥିବା ବେଳେ କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ମେଡିକାଲ ଲିଗାଲ ସାର୍ଟିଫିକେଟ କରାଯାଇ କ୍ୟାପିଟାଲ ହସ୍ପିଟାଲସ୍ଥ ଫାଣ୍ଡିକୁ ଜଣାଇ ଦିଆଯାଉଛି। ପରେ ସଂପୃକ୍ତ ଥାନାକୁ ଏନେଇ ଖବର ଦିଆଯାଉଛି। କିନ୍ତୁ ଏହାପରେ ପୁଲିସ କିମ୍ବା କୌଣସି ଅନୁଷ୍ଠାନ ସେମାନଙ୍କ ମାନସିକ ବ୍ୟବସ୍ଥାକୁ ପଦକ୍ଷେପ ନେଉନାହାନ୍ତି କି ସେମାନଙ୍କର କାଉସିଲିଂ ମଧ୍ୟ କରାଯାଉନାହିଁ। ଆତ୍ମହତ୍ୟା ଉଦ୍ୟମ ବୃଦ୍ଧି ହେଉଥିବାରୁ ଏହାକୁ ରୋକିବା ପାଇଁ ରୋଗୀମାନଙ୍କର କାଉସିଲିଂ ଜରୁରୀ ବୋଲି ମାନସିକ ରୋଗ ବିଶେଷଜ୍ଞ ଡା ପ୍ରଶାନ୍ତ କୁମାର ମହାପାତ୍ର କହିଛନ୍ତି। ସେ କହିଛନ୍ତି ଯୁବଗୋଷ୍ଠୀ ହିଁ ଅଧିକ ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି। ପାଠ ଚାପ, ବେରୋଜଗାର, ପରିବାର ଲୋକଙ୍କ ଚାପ, ନିଶା ସେବନ, ପ୍ରେମ ଜନିତ ବିଫଳତା କାରଣ ଅଧିକ ରହୁଛି। ଏହାବାଦ ପରିବାରରେ କେହି ପଚାରୁ ନଥିଲେ କିମ୍ବା ଅନାଥମାନଙ୍କ କ୍ଷେତ୍ରରେ ଆତ୍ମହତ୍ୟା ଉଦ୍ୟମ ସଂଖ୍ୟା ବୃଦ୍ଧି ପାଉଛି। ମହିଳାମାନେ ଅଧିକ ଆତ୍ମହତ୍ୟା ଉଦ୍ୟମ କରି ବିଫଳ ହେଉଛନ୍ତି। ଆଉ ପୁରୁଷମାନେ ଆତ୍ମହତ୍ୟାରେ କରିବାରେ ସଫଳ ହେଉଛନ୍ତି। ପାଠପଢ଼ା, ଚାକିରିରେ ପରିବାର, ସାଙ୍ଗର ଚାପ ବୃଦ୍ଧି ହେଉଛି। ବିଫଳତାର ଚାପକୁ ଆଜିର ଯୁବକସମାଜ ସହଜରେ ଗ୍ରହଣ କରି ପାରୁନାହାନ୍ତି। ପରିବାର ଲୋକ ଅନ୍ୟ ସଫଳ ସାଙ୍ଗଙ୍କ ସହ ତୁଳନା କରୁଥିବାରୁ ଆଶାୟୀମାନେ ମାନସିକ ଭାରସ୍ୟାମ ହରାଉଛନ୍ତି। ପ୍ରେମରେ ବିଫଳତାକୁ ଗ୍ରହଣ କରି ପାରୁ ନାହାନ୍ତି। ଶେଷରେ ଆତ୍ମହତ୍ୟାର ରାସ୍ତା ବାଛୁଛନ୍ତି। ବିଶେଷ କରି ପରିବାର ଲୋକଙ୍କ ସହଯୋଗ ଓ ଠିକ ସମୟରେ କାଉସିଲିଂ କରାଗଲେ ଆତ୍ମହତ୍ୟା ବହୁମାତ୍ରାରେ କମ୍ କରାଯାଇ ପାରିବ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୫ ଜୁଲାଇ ୨୦୨୪ ସୋମବାର





# ମଚ୍ଛମାରୀ ସାଇବର ଠକ ଗ୍ୟାଙ୍ଗ୍: ୪,୬୦୦ ଅଭିଯୋଗ, ୧୭୮ ମାମଲା, ୩୬ କୋଟି ଲୁଟ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ସାଇବର ଠକ ମଚ୍ଛମାରୀ ଗ୍ୟାଙ୍ଗ୍ ବିରୋଧରେ ମାମଲା ସଂଖ୍ୟା ବଢ଼ିବଢ଼ି ୧୭୮ରେ ପହଞ୍ଚିଲାଣି । ଦେଶର ୨୫ ରାଜ୍ୟରେ ଏହି ଗ୍ୟାଙ୍ଗ୍ ବିରୋଧରେ ୪୬୦୦ ଅଭିଯୋଗ ହୋଇଛି ଏବଂ ୧୭୮ ମାମଲା ରୁଜୁ ହୋଇଛି । ସେହିଭଳି ଏହି ଗ୍ୟାଙ୍ଗ୍ ୨୫ ରାଜ୍ୟରୁ ମୋଟ୍ ୩୬ କୋଟି ଟଙ୍କା ଲୁଟିଥିବା ଜଣାପଡ଼ିଛି । ବଡ଼ କଥା ହେଉଛି, ଏହି ଗ୍ୟାଙ୍ଗ୍ ସଂଗଠିତ ଉପାୟରେ ଠକାମି କରିଥିଲେ ହେଁ ଏମାନଙ୍କ ବିରୋଧରେ ପୁରୁଣା ଆଇପିସି ଧାରାରେ ମାମଲା ରୁଜୁ କରାଯାଇଛି । ନୂଆ ଭାରତୀୟ ନ୍ୟାୟ ସଂହିତା(ବିଏନ୍ଏସ୍) ଦଫା ୧୧୧ରେ ଏମାନଙ୍କ ବିରୋଧରେ ମାମଲା ରୁଜୁ ହୋଇପାରୁନାହିଁ । ଭାରତରେ ସାଇବର ଠକେଇ ବଢ଼ିଚାଲିଛି । ୬ ମାସ ଭିତରେ ସାଇବର ଠକମାନେ କେବଳ ଓଡ଼ିଶାରୁ ୧୦୦ କୋଟିରୁ ଅଧିକ ଟଙ୍କା ଠକି ନେଲେଣି । ପୁଲିସ ସୂଚନାନୁସାରେ ଅର୍ଗାନାଇଜଡ୍ ବା ସଂଗଠିତ ସାଇବର ଠକେଇରେ ବଡ଼ଧରଣର ଲୁଟ୍ ହେଉଛି । ଏଭଳି ଠକେଇରେ ଏକ ରାକେଟ୍ କାମ କରୁଥାଏ । ଠକମାନେ ଇଡି, ସିବିଆଇ ଓ ନାର୍କୋଟିକ୍ ଅଧିକାରୀ ପରିଚୟରେ ଲୋକଙ୍କୁ ଭୟଭୀତ କରାଇବା ସହ ଡିଜିଟାଲ୍ ଆରେଷ୍ଟ କରାଇ ଲକ୍ଷାଧିକ ଟଙ୍କା ଲୁଟି ନିଅନ୍ତି । ଲୁଟ୍ ଟଙ୍କାକୁ ମ୍ୟୁଲ୍ ଆକାଉଣ୍ଟ ଜରିଆରେ ଟ୍ରାଞ୍ଜାକ୍ସନ୍ କରି ଫ୍ରିଜ୍ ହେବା ପୂର୍ବରୁ ହଡ଼ପ କରିନିଅନ୍ତି । ସାଇବର ଠକ ଗିରଫ ହେଲେ ବି ଠକେଇ ଟଙ୍କା ମିଳିବା ଏକପ୍ରକାର ଅସମ୍ଭବ ହୋଇପଡ଼େ । ସିପି ସଞ୍ଜୀବ ପଣ୍ଡାଙ୍କ କହିବା କଥା ଏଭଳି ଠକେଇକୁ ଅର୍ଗାନାଇଜଡ୍ କ୍ରାଇମ୍ ବା ସଂଗଠିତ ଅପରାଧ ଶ୍ରେଣୀଭୁକ୍ତ କରାଯାଉଛି । ଏଣିକି ବିଏନ୍ଏସ୍ ଅନୁସାରେ ଏଥିପାଇଁ ଦଫା ୧୧୧ରେ ମାମଲା ରୁଜୁ ହେବ । ଫଳରେ ଅପରାଧୀଙ୍କୁ ୫ବର୍ଷରୁ ଆଜୀବନ କାରାବାସ ପର୍ଯ୍ୟନ୍ତ ଦଣ୍ଡାଦେଶ ହୋଇପାରେ । ପୁଣି ଏହି ଧାରା ଅନୁସାରେ ପୁଲିସ ଅଭିଯୁକ୍ତର ଅର୍ଥନୈତିକ ଦିଗ ବା ସମ୍ପତ୍ତି ଉପରେ ତଦନ୍ତ କରିପାରିବ । ତଦନ୍ତରୁ ଅନୈତିକ ଉପାୟରେ ଅର୍ଥ ଜମା ବାବଦରେ ସୂଚନା ମିଳିଲେ, ଦଫା ୧୧୧/୭ରେ ମାମଲା ରୁଜୁ ହେବ ଏବଂ ଏଥିରେ ଅପରାଧୀଙ୍କୁ ଅଧିକ ୧୦ ବର୍ଷ ସଜା ହେବାର ବିଧି ରହିଛି ।

# ଗଞ୍ଜାମର ଶ୍ରମଶକ୍ତି, ବାହାରେ ପ୍ରବାସୀ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**
ଗଞ୍ଜାମ ମାନବ ସମ୍ବଳରେ ପରିପୂର୍ଣ୍ଣ ଜିଲ୍ଲା । ଏହା ଏକ କୃଷି ପ୍ରଧାନ ଅଞ୍ଚଳ ମଧ୍ୟ । ପ୍ରାୟ ୭୫ ଭାଗ ଜନସାଧାରଣ କୃଷି ଉପରେ ନିର୍ଭର କରନ୍ତି । ଗଞ୍ଜାମର ଚାଷୀ ଭାରି ପରିଶ୍ରମୀ । ଏଠାରେ ଶ୍ରମଶକ୍ତି ଅଧିକ । କିନ୍ତୁ ଆବଶ୍ୟକ ସୁବିଧା ସୁଯୋଗ ନଥିବାରୁ ସମସ୍ତେ ପ୍ରବାସୀ ହେବାକୁ ବାଧ ହେଉଛନ୍ତି । ପରିବାର ପ୍ରତିପୋଷଣ ଲାଗି ଅନ୍ୟ ରାଜ୍ୟରେ ଯାଇ ଖଟୁଛନ୍ତି । ବିଭିନ୍ନ ସମୟରେ ଦୁର୍ଘଟଣା ଓ କମ୍ପାନୀର ନିର୍ଯାତନାର ମଧ୍ୟ ଶିକାର ହୋଇଥାନ୍ତି । ଏପରିକି ଅନେକଙ୍କ ଅକାଳରେ ଜୀବନ ମଧ୍ୟ ଚାଲି ଯାଉଛି । ହେଲେ ଶ୍ରମଶକ୍ତିଙ୍କୁ ଫେରାଇ ଆଣିବାକୁ ଉଦ୍ୟମ ହେଉନଥିବା ବିଭିନ୍ନ ସଙ୍ଗଠନ ପକ୍ଷରୁ କୁହାଯାଇଛି । ପ୍ରବାସୀଙ୍କୁ ନିଜ ଅଞ୍ଚଳରେ କାମ ଯୋଗାଇବାର ସୁଯୋଗ ତିଆରି କରିବା ବର୍ତ୍ତମାନ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ନୂଆ ଚ୍ୟାଲେଞ୍ଜ ହେବ ବୋଲି ଜଣାଯାଇଛି । ସୂଚନାପ୍ରକାରେ ଗଞ୍ଜାମ ମାନବ ସମ୍ବଳ ଭରପୁର ରହିଛି । ଏହାର ସୁବିନିଯୋଗ କଲେ ଜିଲ୍ଲା ସ୍ୱାବଲମ୍ବୀ ଓ ବିକଶିତ ହୋଇପାରିବ । ଗଞ୍ଜାମର ଭାଟହାଣ୍ଡି ଋଷିକୂଲ୍ୟା ନଦୀର ୮୦ ଭାଗ ଜଳ ସମୁଦ୍ରକୁ ଯାଉଛି । ତାର ସୁବିନିଯୋଗ ହୋଇପାରିନି । ସେହିଭଳି ଅନେକ ପ୍ରକଳ୍ପ ପୋତି ହୋଇଗଲାଣି । ତାର ପୁନଃ ଉଦ୍ଧାର ଜରୁରୀ ହୋଇଛି ବୋଲି ଚାଷୀ ସଙ୍ଗଠନ ଋଷିକୂଲ୍ୟା ରୟତ ମହାସଭା ଓ ଅନ୍ୟାନ୍ୟ ସଙ୍ଗଠନ ପକ୍ଷରୁ କୁହାଯାଇଛି । ସେହିଭଳି ଗଞ୍ଜାମ ଜିଲ୍ଲା କିଆ ଚାଷରେ ଖ୍ୟାତି ଅର୍ଜନ କରିଛି । କିଆ ଫୁଲର ଅତର କାରଖାନା ଓ ଶିଳ୍ପ ହେଲେ ଅନେକ ଯୁବକ ଏଠାରେ ରୋଜଗାର ପାଇପାରିବେ । ଚାଷ କ୍ଷେତ୍ରରେ ମଧ୍ୟ ଅଗ୍ରଗତି ଘଟିବ । ସେହିଭଳି ଉପକୂଳରେ ହଜାର ହଜାର ସଂଖ୍ୟାରେ ନଡ଼ିଆ ଗଛ ରହିଛି । ଯାହାକି ନଡ଼ିଆ ତେଲ କାରଖାନା ଓ କତା ଶିଳ୍ପ ହୋଇପାରିନାହିଁ । ୫୦ ପ୍ରତିଶତ ଜମିକୁ ଜଳଯୋଗାଣର ସୁବିଧା ନାହିଁ । ଦୋଫସଲି ଚାଷ ବାଧାପ୍ରାପ୍ତ ହେଉଛି । ଏଥିଯୋଗୁଁ ଚାଷୀମାନେ ଚାଷ କାର୍ଯ୍ୟରୁ ଦୂରେଇ ଯାଉଛନ୍ତି । କୃଷକ ଓ କୃଷି ଶ୍ରମିକ ହେଉଛି ନଖକୁ ମାଉଁସ ସଦୃଶ । କୃଷିକ୍ଷେତ୍ର ହିଁ ଗ୍ରାମାଞ୍ଚଳକୁ ସମୃଦ୍ଧି ଓ ସ୍ୱାବଲମ୍ବୀ କରି ସ୍ୱରାଜ୍ୟ ପ୍ରତିଷ୍ଠା କରିପାରିବ । କିନ୍ତୁ କୃଷିର ବିକାଶ ଲାଗି ଆନୁସଙ୍ଗିକ ବ୍ୟବସ୍ଥା ଜଳସେଚନ, ମାର୍କେଟିଂ, କୃଷି ଋଣ, ବିହନ ବଣ୍ଟନରେ ଅବହେଳା ଓ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଚାଷ କାର୍ଯ୍ୟରୁ ଚାଷୀ ଦରେଇ ଯାଉଛନ୍ତି । ଜିଲ୍ଲାର ୫୦ ଭାଗ ଜମିକୁ ଭାଗ ଚାଷୀମାନେ କରିଥାନ୍ତି । ମାତ୍ର ସେମାନଙ୍କୁ ଚାଷୀର ମାନ୍ୟତା ନମିଳିବା ଦୁଃଖର ବିଷୟ ବୋଲି ଚାଷୀ ମହଲରେ ପ୍ରକାଶ ପାଇଛି । ଏଣୁ ସରକାର ଗ୍ରାମାଞ୍ଚଳ ଓ ସମାଜର ବିକାଶ ନିମନ୍ତେ କୃଷିର ଆନୁସଙ୍ଗିକ ବିକାଶକୁ ଗୁରୁତ୍ୱ ଦେବାକୁ ଋଷିକୂଲ୍ୟା ରୟତ ମହାସଭାର ଆବାହକ ସୀମାଞ୍ଚଳ ନାହକ ଦାବି କରିଛି । ଜଳସେଚନର ସୁବିଧା, ଜଳସେଚନ ମିଶନ ଗଠନ, ମାର୍କେଟିଂର ସୁବିଧା, ରୟତ ବଜାର, ଶୀତଳ ଭଣ୍ଡାର, କୁଟୀର ଶିଳ୍ପ ପ୍ରତିଷ୍ଠା, ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ଆଦି ବହୁବିଧ ଦାବି କରାଯାଇଛି । ସେହିଭଳି ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ଚାଷ ପ୍ରତି ଆଗ୍ରହୀ କରିବା ଲାଗି କିଷାନ୍ ସୁରକ୍ଷା ଭତ୍ତା ମାସକୁ ୩ ହଜାର ଟଙ୍କା ପ୍ରଦାନ କରିବାକୁ ଦାବି ହୋଇଛି । ରାଜନୈତିକ ଇଚ୍ଛାଶକ୍ତି ହେଲେ ଗଞ୍ଜାମ କୃଷି ପ୍ରଧାନ ଜିଲ୍ଲା ଓ ଦାଦନ ମୁକ୍ତ ଅଞ୍ଚଳ ହୋଇପାରିବ ବୋଲି ସାଧାରଣରେ ଦାବି ହୋଇଛି ।

# ଗାଈକି ପଘା ନାହିଁ, ପ୍ରଶାସନକୁ ନିଘା ନାହିଁ: ସବୁ ନିରବ




**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**
ବ୍ରହ୍ମପୁର ସହରରେ ଗୃହପାଳିତ ପଶୁଙ୍କ ରାସ୍ତାରେ ବିଚରଣ କରିବା ଏକ ପ୍ରଥା ହୋଇଯାଇଛି । ନିରାପଦ ଆଶ୍ରୟ ସ୍ଥଳୀ ପାଲଟିଛି ରାଜରାସ୍ତା ଓ ଗଳିକନ୍ଦି । ବର୍ତ୍ତମାନ ମହାନଗର ରାସ୍ତାରେ ବୁଲୁଥିବା ବୁଲା ଗାଈ ଗୋରୁ ସମସ୍ୟା ସବୁଠାରୁ ଅଧିକ । ସହରରେ ଯୁଆଡ଼େ ଚାହିଁବ ଖାଲି ଗାଈ ହିଁ ଗାଈ । ଗାଈ ମାଲିକମାନେ ନିଜ ଗାଈ ଠାରୁ କ୍ଷୀର ଆଦାୟ କଲା ପରେ ଗାଈ ଗୁଡ଼ିକୁ ରାସ୍ତା କଡ଼ରେ ଛାଡ ଦିଅନ୍ତି । ଫଳରେ ସେମାନେ ରାସ୍ତା କଡ଼ରେ ଶୋଇ ଦୁର୍ଘଟଣାର ଶିକାର ହୋଇ ଆହତ ଓ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବହୁ ନଜିରରେ ରହିଛି । ଏହାକୁ ନେଇ ବହୁବାର ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନେଇନଥିବା ଦୁଃଖ ଓ ପରିତାପର ବିଷୟ । ଏପରିକି ପଶୁ ଚିକିତ୍ସା ବିଭାଗର ମଧ୍ୟ ଏଥିରେ କୌଣସି ହସ୍ତକ୍ଷେପ ରହୁନାହିଁ । ସହରର ମୁଖ୍ୟ ରାସ୍ତା ସହିତ ବିଭିନ୍ନ ଗଳି ରାସ୍ତାରେ ବହୁ କାର୍ଯ୍ୟାଳୟ ଓ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି । ଦୈନିକ ହଜାର ହଜାର ଗାଡ଼ି ସହରର ପ୍ରମୁଖ ରାସ୍ତା ଦେଇ ଯାତାୟାତ କରିଥାଏ । ସେହି ରାସ୍ତା ଗୁଡ଼ିକ ଏବେ ବୁଲା ଗାଈ ଗୋରୁଙ୍କ ଆଶ୍ରୟସ୍ଥଳୀ ପାଲଟିଛି । ଫଳରେ ଗୁରୁତର ଟ୍ରାଫିକ ସମସ୍ୟା ଦେଖାଦେଉଛି । ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉନଥିବା ବେଳେ ଜରିମାନା ମଧ୍ୟ ଆଦାୟ କରାଯାଉ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ବର୍ତ୍ତମାନର ମହାନଗର ଅଂଚଳରେ କଞ୍ଜିଆହୁଦା ମଧ୍ୟ ନଥିବାରୁ ଗାଈ ମାଲିକ ମାନେ ନିୟମକୁ ଖୋଲାଖୋଲି ଭବେ ଉଲ୍ଲଘଂନ କରୁଛନ୍ତି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ତାହା ସହ ସହର ଓ ସହରର ଆଖପାଖ ଅଞ୍ଚଳରେ କଞ୍ଜିଆହୁଦା କରାଯାଉ ବୋଲି କହିଛନ୍ତି ପଶୁପ୍ରେମୀ ଲଲାଟେନ୍ଦୁ ଚୌଧୁରୀ । ପୂର୍ବ ସରକାର ଯାଇ ନୂତନ ସରକାର ଆସିଲା । ଦୁର୍ଘଟଣାକୁ ନେଇ ପ୍ରତ୍ୟେକ ଦିନ ସୋସିଆଲ ମିଡିଆରେ ଘୁରି ବୁଲୁଥିଲେ ମଧ୍ୟ ନୂତନ ସରକାରଙ୍କ ବିଧାୟକ, ସାଂସଦଙ୍କ ନଜରକୁ ଆସିନାହିଁ କିମ୍ବା ସୋସିଆଲ ମିଡିଆ ଖବରକୁ ଅଣଦେଖା କରାଯାଉଛି ଏହାକୁ ନେଇ ବଡ ପ୍ରଶ୍ନ ଉଠୁଛି ।

# ସହିଦନଗର ଦୁର୍ଗାପୂଜା ସମିତି ପକ୍ଷରୁ ମା’ ଦୁର୍ଗାଦେବୀଙ୍କ ୧୩ ତମ ପ୍ରତିଷ୍ଠା ଦିବସ ପାଳିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜଧାନୀରେ ଅନ୍ୟତମ ଦୁର୍ଗାଦେବୀ ପୀଠ ସହିଦନଗର ଦୁର୍ଗାପୂଜା ସମିତି ପକ୍ଷରୁ ମା ଦୁର୍ଗାଦେବୀଙ୍କ ୧୩ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମାଆଙ୍କ ନିକଟରେ ଗତ ଗୁରୁବାର ଠାରୁ ତିନିଦିନ ବ୍ୟାପୀ ଚାଲିଥିବା ବିଶ୍ୱକଲ୍ୟାଣ ଯଜ୍ଞର ପୂର୍ଣ୍ଣାହୁତି ମଧ୍ୟ ସମ୍ପନ୍ନ ହୋଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜଧାନୀର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁମାନେ ଆସି ମା’ଙ୍କ ଆର୍ଶିବାଦ ଭିକ୍ଷା କରିଥିଲେ । ରାଜ୍ୟର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଏଠାକୁ ଆସି ମା’ଙ୍କ ଆଶିଷ ଲାଭ କରିବା ସହ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମବାୟ, ହସ୍ତତନ୍ତ,ବୟନ ଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ହାଇକୋର୍ଟର ପୂର୍ବତନ ବିଚାରପତି ତଥା ରତ୍ନ ଭଣ୍ଡାର ଯାଞ୍ଚ କମିଟିର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ, ମେୟର ସୁଲୋଚନା ଦାସ, ପ୍ରିୟଦର୍ଶୀ ମିଶ୍ର, ଜଗନ୍ନାଥ ପ୍ରଧାନ, କର୍ପୋରେଟର ରାଜକିଶୋର ଦାସ ପ୍ରମୁଖ ମା’ଙ୍କ ଦର୍ଶନ କରି ଆର୍ଶିବାଦ ଲାଭ କରିଛନ୍ତି । ପ୍ରତିବର୍ଷ ପରି ଚଳିତବର୍ଷ ପବିତ୍ର ହେରାପଞ୍ଚମୀ ଅବସରରେ ମାଆଙ୍କ ପ୍ରତିଷ୍ଠାହୋମ ଓ ବିଶ୍ୱ କଲ୍ୟାଣ ଯଜ୍ଞ ଯଥାରୀତି ଆରମ୍ଭ ହୋଇଥିଲା । ପୂର୍ଣ୍ଣାହୁତି ଦିବସରେ ସମୂହ ପ୍ରସାଦ ସହ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସଭାପତି ହେମନ୍ତ କୁମାର ପରିଡ଼ା, କାର୍ଯ୍ୟକାରୀ ସଭାପତି ସରୋଜ କୁମାର ପାତ୍ର, ସଂପାଦକ ସଚ୍ଚିଦାନନ୍ଦ ନାୟକ, ଉପଦେଷ୍ଟା ମନୋରଞ୍ଜନ ଦାସ, ସୁଧୀର କୁମାର ଶତପଥୀ, ସୁରେଶ କୁମାର ଦାସ, ସୁଧାଂଶୁ ରାଉତରାୟ, ଉପସଭାପତି ଚନ୍ଦନ କୁମାର ପାଳିତ, ଅଚ୍ୟୁତ ପ୍ରସାଦ ବେହେରା, ଯୁଗ୍ମ ସମ୍ପାଦକ ବିଶ୍ୱପ୍ରସାଦ ମହାନ୍ତି, ସୁଦର୍ଶନ ସାହୁ, ମହେନ୍ଦ୍ର ତ୍ରିପାଠୀ, ଅଶୋକ ମିଶ୍ର, ରଞ୍ଜନ ମହାପାତ୍ର, କୋଷାଧ୍ୟକ୍ଷ ସ୍ମୃତିରଞ୍ଜନ ଜେନା, ଗୋପାଳ ଚନ୍ଦ୍ର ମହାନ୍ତି, କାର୍ଯ୍ୟକାରୀ ସଭ୍ୟ ହରିଶ ପ୍ରସାଦ ରଥ, ଦୀପଙ୍କର ମହାପାତ୍ର, ସନ୍ଦିପ ବେହେରା, ସକ୍ତିପ୍ରସାଦ ଜି, ବିଶ୍ୱ ରଞ୍ଜନ ରାୟ, ଆନନ୍ଦ ମିତ୍ର, ଲଳିତ ଖୁଣ୍ଟିଆ, ଜିତେନ୍ଦ୍ର ରାଓ, ହାପି, ଆଦର୍ଶ, ଦିଲୀପ ମଲିକ ପ୍ରମୁଖ ପରିଚାଳନା କରିଥିଲେ । ଶେଷ ଦିବସରେ ହଜାର ହଜାର ଭକ୍ତ ଏଠାରେ ପ୍ରସାଦ ସେବନ କରି ମାଙ୍କ ଆଶ୍ରିବାଦ ଲାଭ କରିଥିଲେ । ଶେଷରେ ସଂପାଦକ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ ।

# କେନ୍ଦ୍ରାପଡାରେ ମେଡିକାଲ କଲେଜ ନହେଲେ ରାଜ ରାସ୍ତାକୁ ଓହ୍ଲାଇବ କ୍ରିୟାନୁଷ୍ଠାନ କମିଟି

**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**
ଦୀର୍ଘ ୩ ବର୍ଷହେଲା କେନ୍ଦ୍ରାପଡା ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଲଗାତାର ଭାବେ ଜିଲ୍ଲାରେ ମେଡିକାଲ କଲେଜ ଆଣ୍ଡ ହସପିଟାଲ ପ୍ରତିଷ୍ଠା କରିବା ପାଇଁ ନିଜର ଉଦ୍ୟମ ଜାରି ରଖିଛି । ଧାରଣା, ଧର୍ମଘଟ ଓ ଅନଶନ ପ୍ରଭୃତି ପଦକ୍ଷେପ ନେବା ପରେ ମଧ୍ୟ ବିଜେଡି ସରକାର ଅମଳରେ ମେଡିକାଲ କଲେଜ ପ୍ରତିଷ୍ଠା ହୋଇ ପାରିଲା ନାହିଁ । କେନ୍ଦ୍ରାପଡା ବାସୀଙ୍କୁ ଭୂଆଁ ବୁଲାଇବା ପାଇଁ ମହାକାଳପଡା ରେ ଶିକ୍ଷ କେନ୍ଦ୍ର ପ୍ରତିଷ୍ଠା ହେବ ବୋଲି ପ୍ରତିଶୃତି ଏବେ ପାଣିରେ ଗାର ସଦୃଶ ହୋଇଛି । ରାଜ୍ୟରେ ବିଜେପି ସରକାର ଗାଦିକୁ ଆସିବା ପରେ କେନ୍ଦ୍ରାପଡା ଜିଲ୍ଲା ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରିବା ପାଇଁ ପୁନର୍ବାର ଉଦ୍ୟମ ଆରମ୍ଭ କରା ଯାଇଛି । ଏନେଇ ଶନିବାର ପବ୍ଲିକ ରିଡିଂ ରୁମ ପରିସର ରେ କମିଟି ର ସଭାପତି ଅଜୟ ସାମଲଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ସଭାରେ ଉପଦେଷ୍ଟା ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ସଂପାଦକ ରମଣୀ ରଞ୍ଜନ ରାଉତରାୟ, କୋଷାଧ୍ୟକ୍ଷ ଫକୀର ଖଟୁଆ, ରାଜ କୁମାର ବିଶ୍ୱାଳ, ଆଦିକନ୍ଦ ରାଉଳ, ନରୋତମ ପାର୍ଥ ସାରଥୀ, ମୁକ୍ତାର ଖାନ, ଡ଼ଃ ଦିଲିପ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାବାସୀ ଙ୍କର ଦାବି ପୁରଣ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବି ଜଣାଇବା ସଙ୍ଗେ ସଙ୍ଗେ ଜିଲ୍ଲାର ଅସୁବିଧା ସଂପର୍କରେ ଆଲୋଚନା କରିବାକୁ ସ୍ଥିର କରା ଯାଇଛି ।

# ଡିଜେଲ ଚୋର ଗିରଫ, ୧୬୦ ଲିଟର ଡିଜେଲ ଜବତ୍

**କେନ୍ଦୁଝର, ନ୍ୟୁଜ**
ଡିଜେଲ ଚୋରୀ ର୍ୟାକେଟ ଧରିବାରେ ଟାଉନ ପୋଲିସକୁ ବଡ ସଫଳତା ମିଳିଛି । ଜାତୀୟ ରାଜପଥ କଡରେ ଛିଡା ହୋଇଥିବା ଟ୍ରକରୁ ଡିଜେଲ ଚୋରୀ ହେଉଥିବା ନେଇ ବାରମ୍ବାର ପୋଲିସ ନିକଟରେ ଅଭିଯୋଗ ହୋଇ ଆସୁଥିଲା । ବିଶେଷ କରି ସାମଲ ଅଟୋ ଇଣ୍ଡିଆ ପ୍ରାଇଭେଟ ଲିଃ ନିକଟରେ ରାତିରେ ଛିଡା ହେଉଥିବା ଟ୍ରକ ରୁ ଡିଜେଲ ଚୋରୀ ହେଉଥିଲା । ସ୍ଥାନୀୟ ଅଂଚଳର କିଛି ଲୋକ ଏହି ଚୋରୀ କାର୍ଯ୍ୟରେ ଲିପ୍ତ ଥିଲେ । ଟ୍ରକ ରୁ ଡିଜେଲ ଚୋରୀ କରି ଅନ୍ୟମାନଙ୍କୁ ବିକ୍ରୀ କରୁଥିଲେ । ଗତ ୧୦ ତାରିଖ ବିଳମ୍ବିତ ରାତିରେ ଓଡି୦୯-ଟି-୮୦୮୪ ନମ୍ବର ବିଶିଷ୍ଟ ଏକ ଟ୍ରକରୁ ଡିଜେଲ ଚୋରୀ ହୋଇଥିଲା । ଗାଡିରୁ ଡିଜେଲ ଚୋରୀ ହୋଇଥିବା ଜାଣିବା ପରେ ଟାଉନ ଥାନାରେ ଗାଡିର ଡ୍ରାଇଭର ଗୋବର୍ଦ୍ଧନ ଖମାଣିଆ ଏତଲା ଦେଇଥିଲେ । ଟାଉନ ପୋଲିସ କେସ ନମ୍ବର ୩୭୬/୨୦୨୪ରେ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ଗତକାଲି ବିଳମ୍ବିତ ରାତିରେ ୨ଜଣ ଚୋରଙ୍କ ଠାରୁ ଡିଜେଲ କ୍ରୟ କରିଥିବା ଷଠିଘର ସାହିର ନରେନ୍ଦ୍ର କୁମାର ପାତ୍ର(୪୨)କୁ ଗିରଫ କରିଛି । ପୋଲିସ ତାକୁ ଜେରା ବେଳେ ସେ ଜୁଡିଆ ସାହିର ବୁନ୍ଦୁ ଏବଂ ମୁନା ନାଏକ(ଦ୍ୱାରୀ) ଠାରୁ ଚୋରା ଡିଜେଲ ୭୭ ଟଙ୍କାରେ କ୍ରୟ କରି ୮୫ ଟଙ୍କାରେ ଅନ୍ୟମାନଙ୍କୁ ବିକ୍ରୀ କରୁଥିବା କହିଛି । ପୋଲିସ ନରେନ୍ଦ୍ର କୁମାର ପାତ୍ର ଙ୍କ ଘରେ ଚଢାଉ କରି ୧୬୦ ଲିଟର ଡିଜେଲ ଜବତ୍ କରିଛି । ୧୦ ତାରିଖ ବିଳମ୍ବିତ ରାତିରେ ସାମଲ ଅଟୋ ଇଣ୍ଡିଆ ପ୍ରାଇଭେଟ ଲିଃ ନିକଟରୁ ଅନ୍ୟ ୩ ଟି ଟ୍ରକରୁ ମଧ୍ୟ ଡିଜେଲ ଚୋରୀ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ତେବେ ଏହି ଚୋରୀ ଘଟଣାରେ ଅନ୍ୟ ୨ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ସିଲୁ ମଲ୍ଲିକ ପ୍ରକାଶ କରିଛନ୍ତି ।

# ସୋନପୁରରେ ବିଭିନ୍ନ ସ୍ଥାନରେ ଖୋଲାଖୋଲି ଚାଲିଛି ଜୀବହତ୍ୟା

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**
ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ସହରରେ ବିଭିନ୍ନ ସ୍ଥାନରେ ଖୋଲାଖୋଲି ଜୀବହତ୍ୟା ଚାଲିଛି । ସତେ ଯେମିତି ଜୀବେ ଦୟା ନୀତିକୁ ସମସ୍ତେ ଭୁଲି ଯାଇଛନ୍ତି । ରାସ୍ତା କଡରେ ଚିକେନ ଦୋକାନୀ ମନଇଛା ଦୋକାନ ଖୋଲି ନିଷ୍ଠୁର ଭାବେ ଜୀବହତ୍ୟା କରିଚାଲିଛନ୍ତି । ସ୍କୁଲ, କଲେଜ ରାସ୍ତାରେ ନିକଟରେ ମଧ୍ୟ ଖୋଲାଖୋଲି ଚାଲିଛି । ଏ ନେଇ କୋଣସି କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଉନାହିଁ । ଫଳରେ ସହରର ଗଳିକନ୍ଦିରୁ ଆରମ୍ଭ କରି ମୁଖ୍ୟ ରାସ୍ତାରେ ମଧ୍ୟ ସର୍ବ ସମ୍ମୁଖରେ ଚାଲିଛି ଜୀବହତ୍ୟା । ଅତି ଅମାନୁଷିକ ଭାବେ ରାସ୍ତା କଡ଼ରେ ଜୀବହତ୍ୟା କରାଯାଉଥିଲେ ମଧ୍ୟ ଏଥିପ୍ରତି ସୁବର୍ଣ୍ଣପୁର ପୌରପରିଷଦ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଏଭଳି ଖୋଲାଖୋଲି ଜୀବହତ୍ୟା ଚାଲିଥିବାରୁ ଏହାର କୁପ୍ରଭାବ କୋମଳ ମତି ପିଲାଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ଉପରେ ପଡୁଛି । ପ୍ରଶାସନ ଏ ସବୁ ଜାଣି ଅଜଣା ଭଳି ରହୁଛି । ପ୍ରତିଦିନ ସହରର କସ୍ତୁରୀ ଛକ, ମେଡିକାଲ ରାସ୍ତାରେ, ବ୍ଲକ ଛକ,ଦୈନିକ ବଜାର, ସେହିପରି ବିଭିନ୍ନ ପଡ଼ାର ବହୁ ସ୍ଥାନରେ ଖୁଲମଖୁଲା ଭାବେ ଜୀବହତ୍ୟା ହେଉଛି । ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଏକ ଅପ୍ରୀତିକର ପରିବେଶ ସୃଷ୍ଟି କରୁଛି । ଏହି ସମୟରେ ରାସ୍ତାରେ ଯାଉଥିବା କୋମଳମତି ପିଲା ଓ ସାଧାରଣ ଜନତାଙ୍କ ମାନସିକତା ଉପରେ ପ୍ରଭାବ ପକାଉଛି । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ରାସ୍ତାକଡ଼ରେ ଅତି ଅମାନୁଷିକ ଭାବେ ବ୍ରାଏଲେର କୁକୁଡ଼ାକୁ ମଧ୍ୟ କଟାଯାଉଛି । ଏପରିକି କେତେକ ମନ୍ଦିର ନିକଟରେ ମଧ୍ୟ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ଯାହାର ଦୃଶ୍ୟ ଜନସାଧାରଣଙ୍କ ମାନସିକତାକୁ ପ୍ରଭାବିତ କରୁଛି । ତେବେ ନିୟମକୁ ଉଲ୍ଲଘଂନ କରୁଥିବା ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ନିୟମ ରହିଥିବା ବେଳେ ଏଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ । ସୋନପୁର ସହରରେ ସ୍ୱତନ୍ତ୍ର ଆମିଷ ବଜାର ନାହିଁ । ଏଥି ସହିତ ଦୋକାନରେ ମାଂସ କାଟିବା ପୂର୍ବରୁ ସ୍ଥାନୀୟ ପୌରପରିଷଦ ପକ୍ଷରୁ ଛେଳି ମାଂସ ସଲଟର ହାଉସଟିଏ ଅଛି କିନ୍ତୁ ମାଂସର ମାନ ନିର୍ଦ୍ଧାରଣ କରି ପ୍ରଦାନ କରାଯାଇଥାଏ । କିନ୍ତୁ ସୋନପୁର ଅଂଚଳରେ ସଲଟର ହାଉସର ମଧ୍ୟ ବ୍ୟବସ୍ଥା ନାହିଁ । ଅନ୍ୟପଟେ ରାସ୍ତାକଡ଼ରେ ଚିକେନ ଦୋକାନ ରହିବା ଦ୍ୱାରା ବ୍ୟବସାୟୀ ରାସ୍ତା ପାର୍ଶ୍ୱ ଡ୍ରେନରେ ଅଦରକାରୀ କଟା ମାଂସ ଓ ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗ ସବୁ ଫିଙ୍ଗୁଛନ୍ତି । ଫଳରେ ଦୁର୍ଗନ୍ଧ ପରିବେଶ ସୃଷ୍ଟି ହେବା ସହିତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ବୁଲା କୁକୁର ଚିକେନର ରକ୍ତଲଗା ପର ଖାଇ ପ୍ରାଦୁର୍ଭାବ ବଢ଼ିଯିବାସହ ହିଂସ୍ର ହେଉଛନ୍ତି । ତେଣୁ ଏଥପ୍ରତି ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି । ଚିକେନ ଦୋକାନ ପାଇଁ ଜାଗା ଚିହ୍ନଟ କରାଯାଇ । ଗୋଟିଏ ସ୍ଥାନରେ ଦୋକାନ ହେଲେ ଭଲ ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।



# ରାଞ୍ଚିରୁ ଆସିଲେ ୨ ବିରଳ କଳା ବାଘୁଣୀ ସମେତ ୧୮ ପ୍ରାଣୀ



**ବାରଙ୍ଗ, ନ୍ୟୁଜ ବ୍ୟୁରୋ**
ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ରାଞ୍ଚିସ୍ଥିତ ଭଗବାନ ବିର୍ସା ମୁଣ୍ଡା ପ୍ରାଣୀ ସଂଗ୍ରହାଳୟରୁ ୫ ପ୍ରଜାତିର ମୋଟ୍ ୧୮ଟି ପ୍ରାଣୀ ଆସି ପହଞ୍ଚିଛନ୍ତି । ସେଗୁଡ଼ିକ ଭିତରେ ଅଛନ୍ତି ବିରଳ କଳାରଙ୍ଗର ଏକ ବାଘୁଣୀ, ଗୋଟିଏ ସାଧାରଣ ନାଲିରଙ୍ଗର (ବିରଳ କଳାବାହକ) ବାଘୁଣୀ, ୪ଟି କଳାପଟା ଚିହ୍ନଥିବା ହେଟାବାଘ (୩ ମାଈ ଓ ୧ ଅଣ୍ଡିରା), ୨ଟି ଅଣ୍ଡିରା ନୀଳଗାଈ ଓ ୧୦ଟି ଝିଙ୍କ (୫ମାଈ ଓ ୫ଅଣ୍ଡିରା) । ପୂର୍ବରୁ ଉଭୟ ଚିଡ଼ିଆଖାନା ଭିତରେ ହୋଇଥିବା ପ୍ରାଣୀ ଆଦାନ-ପ୍ରଦାନ ଚୁକ୍ତି ମୁତାବକ ନନ୍ଦନକାନନରୁ ୭ ପ୍ରଜାତିର ମୋଟ୍ ୫୩ ପ୍ରାଣୀଙ୍କୁ ନେଇ ଗତ ୮ ତାରିଖରେ ନନ୍ଦନକାନନ ଜନ୍ତୁ ବିଭାଗ ରେଞ୍ଜ ଏସିଏଫ୍ ନୂତନ କୁମାର ହେମ୍ବରମଙ୍କ ତତ୍ତ୍ୱାବଧାନରେ ଡା ସନ୍ତୋଷ ଗୁପ୍ତା, ବନରକ୍ଷୀ ଗାଲାଇ ମୁର୍ମୁ, ଜନ୍ତୁରକ୍ଷକ ପ୍ରଫୁଲ ବାଗ୍ ଓ ୩ ଜଣ ବାହ୍ୟ କର୍ମଚାରୀ ପ୍ରତାପ ମଣ୍ଡଳ, ଗଙ୍ଗାଧର ହାଂସଦା ଓ କାଳୁ ପୁର୍ତ୍ତିଙ୍କୁ ମିଶାଇ ଏକ ୯ ଜଣିଆ ଦଳ ରାଞ୍ଚି ଗସ୍ତ କରିଥିଲେ । ଏହି ଦଳ ବିର୍ସା ମୁଣ୍ଡା ପ୍ରାଣୀ ସଂଗ୍ରହାଳୟରେ ଗୋଟିଏ ଧଳାରଙ୍ଗର ବାଘୁଣୀ, ୪ଟି ଗୁରାଣ୍ଟି, ୪ଟି ଡାଳିଓଧ, ୨ଟି ଭାରତୀୟ କୋକିଶିଆଳି, ୨ଟି ଧୂସର ପୋଲିକାନ ପକ୍ଷୀ, ୨୦ଟି ଅନ୍ଧାର ବଗ ଓ ୨୦ଟି କଳାମୁଣ୍ଡିଆ ବଙ୍କାଥଣ୍ଟ ବଗଙ୍କୁ ମିଶାଇ ମୋଟ୍ ୫୩ ପ୍ରାଣୀ ହସ୍ତାନ୍ତର କରି ନନ୍ଦନକାନନକୁ ଆସିବାକୁ ଥିବା ପ୍ରାଣୀମାନଙ୍କୁ ସାଥିରେ ଧରି ଆଜି ପହଞ୍ଚିଛନ୍ତି । ଆସିଥିବା ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟ ଯାଞ୍ଚ ପରେ ସେମାନଙ୍କୁ ଅଲଗା ଅଲଗା ଖୁଆଡ଼ରେ ଛଡାଯାଇଛି । ନୀଳଗାଈ ତରକା ଜୀବ ହୋଇଥିବାରୁ ଆସିବା ରାସ୍ତାରେ ସେମାନଙ୍କ ଦେହରେ ସାମାନ୍ୟ ଆଘାତ ଲାଗି କ୍ଷତ ହୋଇଥିଲା । ସେମାନଙ୍କୁ ଆବଶ୍ୟକ ଚିକିତ୍ସା ପରେ ଛଡ଼ା ଯାଇଛି । ସୂଚନାଯୋଗ୍ୟ ଯେ ନନ୍ଦନକାନନରେ ପୂର୍ବରୁ ୩ଟି ବିରଳ କଳାରଙ୍ଗର ମହାବଳ ବାଘ ଅଛନ୍ତି । ସେମାନଙ୍କ ସହିତ ରାଞ୍ଚିରୁ ଆସିଥିବା ବିରଳ କଳାରଙ୍ଗର ବାଘୁଣୀ ଓ ବିରଳ କଳାବାହକ ବାଘୁଣୀର ମିଳନ କରାଇ ସମ୍ପୂର୍ଣ୍ଣ କଳାରଙ୍ଗର ବାଘ ପ୍ରଜନନ କରାଇବାର ଯୋଜନା ରହିଛି । କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ଓ ଓଡିଶା ସରକାର ପ୍ରଧାନ ମୁଖ୍ୟ ବନସଂରକ୍ଷକଙ୍କ ପରାମର୍ଶକ୍ରମେ ନନ୍ଦନକାନନରେ ଜୀବଜନ୍ତୁଙ୍କ ସମବଂଶଜ ମିଳନରୁ ଜନ୍ମପ୍ରଥାକୁ ରୋକିବା ଓ ବଂଶ ବୃଦ୍ଧି କରିବା ଲାଗି ବିଭିନ୍ନ ପ୍ରାଣୀ ଉଦ୍ୟାନ ଓ ଚିଡ଼ିଆଖାନା ସହିତ ଜୀବଜନ୍ତୁ ଅଦଳ ବଦଳ କାର୍ଯ୍ୟକ୍ରମ ଚାଲୁ ରହିଛି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୧୨ବୃ / ଲର | ୧୧ମ | ରା୧୦ / ଶୁ୯ |
| ୨ବୃଚଶୁ | ୧୫ / ୭ | ୮ |
| ୩ / ୪କେ | ୫ | ୭ / ୬ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୫।୭।୨୦୨୪, ଆଷାଢ ଦି୩୧ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୦୫।୧୬।୨୧** **ଚନ୍ଦ୍ରୋଦୟ- ଦିଘ୧୨।୫୭।୦୩**

**ନବମୀ-** ସଂଘ ୭।୨୦ ପର୍ଯ୍ୟନ୍ତ । **ସ୍ୱାତୀ ନକ୍ଷତ୍ର-** ରାଘ ୧୨।୨୯ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧ ନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧା ଖାଦ୍ୟ-** ଲାଉ ସଂଘ ୭।୨୦ ପରେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୯ ଗତେ ଘ୧୦।୩୪ ମଧ୍ୟେ । ରାଘ ୯।୨୦ ଗତେ ଘ୧୦।୩୦ ମଧ୍ୟେ । **ପର୍ବୋତ୍ସବ-** ବାହୁଡ଼ା ଯାତ୍ରା ।

**ମେଷ:** ଇଚ୍ଛା କରୁଥିବା ଦିଗରୁ ଅର୍ଥ ପ୍ରାପ୍ତିର ସମ୍ଭାବନା । ବ୍ୟବସାୟ ମଧ୍ୟମ ଧରଣର ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି । ମହିଳାମାନେ ସୁଖୀ ହେବେ ।

**ବୃଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ଲାଭକରି ଉପକୃତ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ । ଶରୀର ସୁସ୍ଥ ରହିବ ।

**ମିଥୁନ:** ସାଧନାରେ ସିଦ୍ଧି ଲାଭ କରିବେ । ଶୁଭ ଖବର ପାଇପାରନ୍ତି । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । ସାମାଜିକ ସ୍ତରରେ ମାନ ସମ୍ମାନ ବୃଦ୍ଧି ପାଇବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।

**କର୍କଟ:** କାର୍ଯ୍ୟକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆୟ ସ୍ଥିର ରହିବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହୋଇପାରେ । ପରୋପକାରୀ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବାର ସୂଚନା ।

**ସିଂହ:** ହଠାତ୍ କୌଣସି ଘଟଣାକୁ ନେଇ ମାନସିକ ଅଶାନ୍ତି ଦେଖାଦେଇପାରେ । ମନ ଅସ୍ଥିର ରହିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ କଳହ ଦେଖା ଦେବାର ସୂଚନା ରହୁଛି ।

**କନ୍ୟା:** ବ୍ୟବସାୟରେ ଲାଭବାନ୍ ହେବେ । ଦେବ ଦର୍ଶନ ସହିତ ଶୁଭ କାର୍ଯ୍ୟ ସ୍ଥିର କରିପାରନ୍ତି । ରୋଜଗାରରେ ଉନ୍ନତି ଦେଖାଦେବ । ଦେହ ଓ ମନ ଭଲ ରହିବ । ଘରେ ଆନନ୍ଦ ଲାଭ ହେବାର ସମ୍ଭାବନା ।

**ତୁଳା:** ବ୍ୟବସାୟରେ ଲାଭବାନ ହେବେ । ଦେହ ଓ ମନ ଭଲ ରହିବ । ଘରେ ଆନନ୍ଦ ଦେଖାଦେବ । ବନ୍ଧୁ ଦର୍ଶନ ସହିତ ସାହାର୍ଯ୍ୟ ସହଯୋଗ ମଧ୍ୟ ପ୍ରାପ୍ତ ହେବ । ଆୟରେ ଉନ୍ନତି ।

**ବିଛା:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । କାମ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି । ଘରେ ସୁଖ ଶାନ୍ତି ରହିବ । ଉତ୍ତମ ଭୋଜନ କରିପାରନ୍ତି । ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ ।

**ଧନୁ:** ହଠାତ୍ କୌଣସି ଖବର ପାଇ ଆସଦିତି ହେବେ । ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟରେ ମନ ଦେବେ । ପାରିବାରିକ ଜୀବନ ଶାନ୍ତିମୟ ହେବ । ରୋଜଗାର ଭଲ ହେବ ।

**ମକର:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ । ଦିନଟି ଆପଣଙ୍କ ନିମନ୍ତେ ସମସ୍ୟା ବହୁଳ ହେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଦୁଶ୍ଚିନ୍ତା ଦେଖାଦେବ । ମନ ଅସ୍ଥିର ରହିବ ।

**କୁମ୍ଭ:** ଉତ୍ତମ ଭୋଜନ କରିପାରନ୍ତି । ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ଆୟରେ ଉନ୍ନତି ଦେଖାଦେବ । ଦେହ ଭଲ ରହିବ ।

**ମୀନ:** ଅତ୍ୟଧିକ ପରିଶ୍ରମ ହେତୁ କ୍ଳାନ୍ତି ଅନୁଭବ କରିବେ । ଅପେକ୍ଷା କରିଥିବା ଖବରଟି ଅପରାହ୍ନେ ପାଇ ପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଶାନ୍ତିର ବାତାବରଣ ରହିବ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୬।୭।୨୦୨୪, ଶ୍ରାବଣ ଦି୧ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୦୫।୧୬।୪୩** **ଚନ୍ଦ୍ରୋଦୟ- ଦିଘ ୧।୫୧।୦୫**

**ଦଶମୀ-** ରାଘ ୮/୩୪ ପର୍ଯ୍ୟନ୍ତ, **ବିଶାଖାନକ୍ଷତ୍ର-** ରାଘ ୨।୧୩ ପର୍ଯ୍ୟନ୍ତ, । **ତୁଳାଚନ୍ଦ୍ର-** ରାଘ ୭/୫୦ ପର୍ଯ୍ୟନ୍ତ, ଚନ୍ଦ୍ରଶୁଦ୍ଧି- ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର, ରାଘ ୭/୫୦ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର, **ଘାତଚନ୍ଦ୍ର- ନାସ୍ତି, ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧା ଖାଦ୍ୟ-** କଳମ ଶାଗ ରାଘ ୮/୩୪ ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮/୩୭ ଗତେ ଘ ୧୦/୩୪ ମଧ୍ୟେ, ଦିଘ ୧/୧୧ ଗତେ ଘ ୧/୩୧ ମଧ୍ୟେ । **ପର୍ବୋତ୍ସବ-** କର୍କଟ ସଂକ୍ରାନ୍ତି, ନଦୀରଜ ସ୍ୱଳା ଦକ୍ଷିଣାୟନ ବନ୍ଦାପନା ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ନିଯୁକ୍ତି ହଟ୍‌ସ୍ପଟ୍ ତାଲିକାରେ ଓଡ଼ିଶା

ଦେଶର ଛୋଟ ସହରଗୁଡ଼ିକ ନିଯୁକ୍ତି ସୃଷ୍ଟିରେ ଆଗରେ ରହିଛନ୍ତି । ଭୁବନେଶ୍ୱର ସମେତ କୋଏମ୍ବାଟୁର, ଭାଇଜାଗ, ଚଣ୍ଡିଗଡ଼, ଇନ୍ଦୋର ଓ ବିଜୟୱାଡ଼ା ଭଳି ଅଣ ମେଟ୍ରୋ ସହରଗୁଡ଼ିକରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଏହି ସହରଗୁଡ଼ିକରେ ହ୍ୱାଇଟ୍-କଲାର (ଅଧିକାରୀ ସ୍ତରୀୟ) ନିଯୁକ୍ତି ଅଧିକ ସୃଷ୍ଟି ହୋଇଛି ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି । ମୁଖ୍ୟତଃ ସୁଟ୍ ପରିଧାନ କରି କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ମାନବ ସମ୍ବଳ ପରିଭାଷାରେ ହ୍ୱାଇଟ୍-କଲାର ଅଧିକାରୀ କୁହାଯାଉଛି ।

ମାଇଁ ଆରକ୍ଲାଉଡ୍ ତରଫରୁ କରାଯାଇଥିବା ଏକ ସର୍ବେକ୍ଷଣ ଅନୁସାରେ ଛୋଟ ସହରଗୁଡ଼ିକ ମଧ୍ୟରେ ନିଯୁକ୍ତି ସୃଷ୍ଟି କରିବାର ହଟ୍‌ସ୍ପଟ୍ ଭାବେ ତାମିଲନାଡୁ, ଓଡ଼ିଶା, ଗୁଜରାଟ ଓ ମହାରାଷ୍ଟ୍ର ଉଭା ହୋଇଛନ୍ତି । ଏହି ରାଜ୍ୟଗୁଡ଼ିକର ଛୋଟ ସହରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି । ରିପୋର୍ଟ ଅନୁସାରେ ମେଟ୍ରୋ ଭଳି ବଡ଼ ସହରଗୁଡ଼ିକରେ ନିଯୁକ୍ତି ହ୍ରାସ ପାଇଥିବା ବେଳେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରଗୁଡ଼ିକରେ ବଢ଼ିଛି । ହ୍ୱାଇଟ୍-କଲାର ନିଯୁକ୍ତି ବର୍ଗରେ ମାନୁଫାକ୍‌ଚରିଂ ଓ ଆର୍ଥିକ ସେବା କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି । ଦେଶର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଶ୍ରେଣୀ ସହରଗୁଡ଼ିକରେ ବର୍ଷକ ଭିତରେ ୧୭ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହୋଇଥିବା ବେଳେ ବଡ଼ ସହରଗୁଡ଼ିକରେ ତା'ଠାରୁ କମ୍ ୧୫ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି । ଅଧିକାଂଶ ନିଯୁକ୍ତି ଅଭିଜ୍ଞତାଭିତ୍ତିକ ଥିଲା । ୬-୧୦ ବର୍ଷ ଅଭିଜ୍ଞତା ଥିବା ପ୍ରାର୍ଥୀମାନଙ୍କୁ ବାର୍ଷିକ ୭-୧୦ ଲକ୍ଷ ଟଙ୍କାର ବେତନ ପ୍ୟାକେଜ୍ ମିଳିଥିଲା । ବର୍ଷକ ପୂର୍ବେ ବଡ଼ ସହରଗୁଡ଼ିକରେ ୧୬ ଲକ୍ଷ ୫୦ ହଜାର ନିଯୁକ୍ତି ସୃଷ୍ଟି ହୋଇଥିଲା । ଛୋଟ ସହରଗୁଡ଼ିକରେ ନିଯୁକ୍ତି ବଢ଼ିବାର କାରଣ ସମ୍ପର୍କରେ ରିପୋର୍ଟରେ କୁହାଯାଇଛି ଯେ ଇସ୍ପାତ କଂପାନି, ମେସିନ ନିର୍ମାତା, କାର୍ବନ ଉତ୍ପାଦ ନିର୍ମାତା ଓ ରେଷ୍ଟୋରାଁଗୁଡ଼ିକ ଛୋଟ ସହରଗୁଡ଼ିକରେ ସେମାନଙ୍କ କାରବାର ସମ୍ପ୍ରସାରଣ କରୁଥିବାରୁ ସେହି ଅଞ୍ଚଳରେ ଅଧିକ ନିଯୁକ୍ତି ସୃଷ୍ଟି ହେଉଛି । ପ୍ରଯୁକ୍ତି କ୍ଷେତ୍ରରେ ମାନ୍ଦାବସ୍ଥା ରହିଥିବାରୁ ବଡ଼ ସହରରେ ନିଯୁକ୍ତି ସୃଷ୍ଟି ହ୍ରାସ ପାଇଛି । ବୋରୋସିଲ୍ ଇଣ୍ଡିଆ, ସେଣ୍ଟ-ଗୋବେନ୍, ଟେକ୍ ମହିନ୍ଦ୍ରା ଭଳି ସଂସ୍ଥା ଛୋଟ ସହରରେ ନିଯୁକ୍ତି ଦେବାରେ ଆଗରେ ରହିଛନ୍ତି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'**



ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢ଼ି ଥୋକେ
ଭଗବାନ ହେଲେ
ରାମାୟଣ ପଢ଼ି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢ଼ିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢ଼ିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢ଼ି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢ଼ି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡ଼ି ଜୀବ
ଭାବ ନ ବୁଝିଲେ (୧୫୪)

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

(କ୍ରମଶଃ)

# ପ୍ଲାଷ୍ଟିକ୍ ଶଲ୍ୟଚିକିତ୍ସା ଜନକ ସୁଶ୍ରୁତ



ଇମରେଟସ୍ ପ୍ରଫେସର
ଡା. ଚତୁର୍ଭୁଜ ଭୂୟାଁ
ଶଲ୍ୟ ବିଭାଗ,
ଡି.ପି. ବିଶ୍ୱବିଦ୍ୟାଳୟ, ପୁନେ,
ମହାରାଷ୍ଟ୍ର,
ମୋ. ୯୫୫୬୭୫୨୨୧୨

ପ୍ରତିବର୍ଷ ଜୁଲାଇ ୧୫ ତାରିଖକୁ ବିଶ୍ୱ ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସା ଦିବସ ପାଳନ କରାଯାଉଛି । ଖ୍ରୀଷ୍ଟପୂର୍ବ ପ୍ରାୟତଃ ତିନିହଜାର ପୂର୍ବରୁ ସୁଶ୍ରୁତ ସମ୍ପୂର୍ଣ୍ଣ ଶଲ୍ୟ ଚିକିତ୍ସା ଏବଂ ତନ୍ମଧ୍ୟରେ ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସାକୁ ସନ୍ଧାନ ଚିକିତ୍ସା ଏବଂ ସଂଯୋଜନ ପଦ୍ଧତି ସ୍ୱତନ୍ତ୍ର ଅଧ୍ୟାୟରେ ଲେଖି ଆଧୁନିକ ଚିକିତ୍ସାକୁ ଗବେଷଣା ଏବଂ ସମୃଦ୍ଧ କରିଛନ୍ତି । ବିଶ୍ୱ ଚିକିତ୍ସାକୁ ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସାର ଅବଦାନ, ଅତୁଳନୀୟ ଓ ଅବିସ୍ମରଣୀୟ । ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସାର ସ୍ରଷ୍ଟା 'ସୁଶ୍ରୁତ' 'ଶଲ୍ୟ ଚିକିତ୍ସା ଜନକ' ଭାବେ ସୁବିଦିତ । ବିଶ୍ୱର ପୂର୍ବଭାଗ 'ଭାରତ' ଚିକିତ୍ସା ବିଜ୍ଞାନୀଙ୍କ 'ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସା'କୁ ସ୍ମରଣ ରଖିବା ପାଇଁ ବିଶ୍ୱ ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସା ଦିବସକୁ ସୁଶ୍ରୁତ ଜୟନ୍ତୀ ଭାବେ ଅନେକ ଦିନରୁ ଜୁଲାଇ ୧୫ ତାରିଖକୁ ପ୍ରତିବର୍ଷ ପାଳନ କରାଯାଏ । ଭାରତରେ ଡ. ରାଜ ସବପଥ, ଭାରତୀୟ ପ୍ଲାଷ୍ଟିକ୍ ସଂଘ ସଭାପତି, ଆମ ଗର୍ବ ଗୌରବକୁ ମନେପକାଇ ଆରମ୍ଭ କରିଥିଲେ । ସୁଶ୍ରୁତ ଜୟନ୍ତୀ ଦିବସଟି ଐତିହାସିକ ତଥ୍ୟ ଅନୁସାରେ ନିର୍ଦ୍ଧାରିତ । ସୁଶ୍ରୁତ ଚିକିତ୍ସା ବିଜ୍ଞାନୀ ହୋଇ ମହର୍ଷି ଭାବେ ପରିଚିତ । ସେ ରାଜା ବିଶ୍ୱାମିତ୍ରଙ୍କ ପୁତ୍ର ଏବଂ ଧନ୍ୱନ୍ତରୀଙ୍କ ଶିଷ୍ୟ ଥିଲେ । ବିଶ୍ୱାମିତ୍ର ଯେବେ ସନ୍ୟାସ ନେଇ ସାଧନରେ ଗଲେ, ସେବେ ସୁଶ୍ରୁତଙ୍କୁ କାଶିରାଜା, ଦିବୋଦାସ ଧନ୍ୱନ୍ତରୀଙ୍କ ଆଶ୍ରମରେ ଜ୍ଞାନ ପାଇଁ ସମର୍ପଣ କରିଥିଲେ । ସୁଶ୍ରୁତ, ଅନ୍ୟାନ୍ୟ ଶିଷ୍ୟ, ଔପଧେନବ, ଗୋପୁରକ୍ଷିତ କରିବୀର୍ଯ ନିମି, ଗାଲବ, ଭୋଜ, ପୌଷକଳାବର୍ତ୍ତ, କାଙ୍କାୟନ, ଗାର୍ଗୀ ପ୍ରଭୃତିଙ୍କ ସହିତ ପଢ଼ିଥିଲେ । ସମସ୍ତ ମହର୍ଷି ନିଜର ଅନୁଭୂତିକୁ ନେଇ ଗ୍ରନ୍ଥ ରଚନା କରିଛନ୍ତି । ତନ୍ମଧ୍ୟରେ ସୁଶ୍ରୁତ ମେଧାବୀ ତୀକ୍ଷ୍ଣ ବୁଦ୍ଧିମାନ, ଶଲ୍ୟ ଚିକିତ୍ସା ପ୍ରତି ରୁଚି ରଖିଥିଲେ । ସେ ମହର୍ଷି, ଦିବ୍ୟଦ୍ରଷ୍ଟା ବଳରେ ଚିକିତ୍ସା ବିଜ୍ଞାନର ପୂର୍ଣ୍ଣ ଜ୍ଞାନ ପାଇ ନିଜର ଅନୁଭୂତିକୁ ନେଇ 'ସୁଶ୍ରୁତ ସଂହିତା' ବା 'ସୁଶ୍ରୁତ ଏନସାଇକ୍ଲୋପିଡ଼ିଆ' ରଚନା କରିଥିଲେ । ଏହା ଏକମାତ୍ର ପୂର୍ଣ୍ଣାଙ୍ଗ ଚିକିତ୍ସା ଗ୍ରନ୍ଥ ରୂପେ ସର୍ବବିଜ୍ଞାନ ସମ୍ମତି । ପୂର୍ଣ୍ଣାଙ୍ଗ ଚିକିତ୍ସା ବିଜ୍ଞାନ କହିଲେ, ଏଥିରେ ଭେଷଜ ଚିକିତ୍ସା (Meaune), ଶଲ୍ୟ (Surgery), ଶାଲାକ୍ୟ (Eye, E.N.T. & Dentistry), ସ୍ତ୍ରୀ ଓ ପ୍ରସୂତି (Gyonics & Obstretics), ଶିଶୁ (Paediatric) ଶରୀର ବିଜ୍ଞାନ (Anatomy Physiology), ନିଦାନ (Pathology), ବିଷ (Toxicology), ଦ୍ରବ୍ୟ ବିଜ୍ଞାନ (Materia Medical), ଔଷଧ ନିର୍ମାଣ (Pharmacy & Pharmacology), ରସାୟନ ବିଜ୍ଞାନ (Rejuvention), ବାଜୀକରଣ ବିଜ୍ଞାନ (Virility Science) ସ୍ୱତନ୍ତ୍ର ଭାବେ ଏବଂ ଅନ୍ୟାନ୍ୟ ବିଜ୍ଞାନର ବର୍ଣ୍ଣନା କରିଛନ୍ତି । କିନ୍ତୁ ବିଶେଷ ଜ୍ଞାନ, ଯାହାକି ଆଶୁକାରୀ (Emergency) ଚିକିତ୍ସା ଶଲ୍ୟ ଚିକିତ୍ସାରେ ରହିଛି । ତେଣୁ ସେ ସ୍ରଷ୍ଟା ଭାବରେ ଶଲ୍ୟ ଚିକିତ୍ସାର ଜନକ ଭାବେ ସର୍ବସମ୍ମତ । ଏହି ପୂର୍ଣ୍ଣାଙ୍ଗ ଗ୍ରନ୍ଥଟି ସୂତ୍ର ଆକାରରେ ତଥ୍ୟ (Concept) ଗୁଡ଼ିକ ବର୍ଣ୍ଣନା ରହିଛି । ଏହା ଆଦିଭାଷା ସଂସ୍କୃତରେ ଲେଖା, କିନ୍ତୁ ବିଶ୍ୱବିଦ୍ୟାଳୟମାନଙ୍କରେ ଏକାଧିକ ଭାଷାରେ ଲେଖା ଦେଖାଯାଏ ।

ସୁଶ୍ରୁତଙ୍କ ବିଶ୍ୱ ଚିକିତ୍ସା ବିଜ୍ଞାନକୁ ଅତୁଳନୀୟ ଅବଦାନ ମଧ୍ୟରେ ଶ୍ରେଷ୍ଠ ଶଲ୍ୟ ଚିକିତ୍ସା ଏବଂ ସେଥିରେ ପ୍ଲାଷ୍ଟିକ୍ ଚିକିତ୍ସା ପ୍ରଧାନ । ଯାହାକୁ ଆଜି ବିଶ୍ୱ ସ୍ମରଣ କରୁଛି । ଶଲ୍ୟ ଚିକିତ୍ସା ଜ୍ଞାନ; ପ୍ରତ୍ୟକ୍ଷ ଶରୀର ରଚନା, କ୍ରିୟା ବିଜ୍ଞାନ (Anatormy Physiology), ଶବ ବ୍ୟବଚ୍ଛେଦାଦି, ନିଦାନାଦି (Pathology), ସହିତ ଶଲ୍ୟ ଚିକିତ୍ସାର ଉପପାଦ୍ୟ (Theory) ଏବଂ ପ୍ରତ୍ୟକ୍ଷ ଜ୍ଞାନ (Practical) ପ୍ରଶିକ୍ଷଣ ପରେ, ସ୍ୱୟଂ ପ୍ରତ୍ୟକ୍ଷ ଜ୍ଞାନ (Hand to Hand Surgery) ପ୍ରାପ୍ତ, ଯୋଗ୍ୟତା ପରୀକ୍ଷା, କର୍ମ କ୍ଷେତ୍ରରେ ପ୍ରବେଶ ପୂର୍ବ, ରାଜାଦେଶ । ଶାସନରେ ପଞ୍ଜୀକରଣ (Registration) ପ୍ରତିଜ୍ଞା (Oath) ଇତ୍ୟାଦି ଶଲ୍ୟ ଚିକିତ୍ସାର ଶୃଙ୍ଖଳା ଏବଂ ଅନୁଶାସନ ଜଣାଏ ।

ଚିକିତ୍ସାରେ ତ୍ରିବିଧ ଚିକିତ୍ସାଜୀବୀ – ପୂର୍ବକର୍ମ (Pre-operative), ପ୍ରଧାନ କର୍ମ (OPerative), ଏବଂ ପଶ୍ଚାଦ୍‌କର୍ମ (Post operative) ତିନୋଟି ସ୍ତମ୍ଭ ପରି ଅଟେ । ଏହା ସଠିକ୍ ପାଳନ କରିପାରିଲେ ଚିକିତ୍ସା ସଫଳ ହୁଏ । ଶସ୍ତ କର୍ମ ଚିକିତ୍ସା ସୂତ୍ର ଆକାରରେ ଆଠଟି ବିଧି ମଧ୍ୟରେ ସମସ୍ତ ବିଧି ଅନ୍ତର୍ଭୁକ୍ତ । ଆଜିର ଶୀଘ୍ର ଲାକ୍ଷଣିକ (Symptomatic) ଚିକିତ୍ସା ବିଧିରେ, ସୁଶ୍ରୁତ ପରାମର୍ଶ ଦିଅନ୍ତି । ଯେଉଁଠାରେ ରୋଗ ନିର୍ଣ୍ଣୟ ହୋଇ ନପାରେ, ସେଠାରେ ଚିକିତ୍ସା କରିବା ଉଚିତ । ସର୍ବଦା ରୋଗକୁ ସମୂଳେ ଆରୋଗ୍ୟ ଏବଂ ରୋଗୀର ସୁସ୍ଥତା ହେବା ଉଚିତ । ଶଲ୍ୟ ଚିକିତ୍ସାରେ ନିଃସଂକ୍ରମଣ ଚିକିତ୍ସା (Aseptic Surgery) ସର୍ବୋତ୍ତମ । ସଂକ୍ରମଣର ଚିକିତ୍ସା ପ୍ରତିଷେଧ ଉପାୟାଦି ରହିଛି । 'ଘା' ବା ବ୍ରଣ (Wound)ର ଚିକିତ୍ସା ୬୦ ପ୍ରକାର ଅଛି । ଏପରିକି କ୍ଷତ ସ୍ଥାନ ଶୁଖି, ରୋମ ଉତ୍ପନ୍ନ (Hair Grow) ଓ ଦାଗ ଲିଭି ପ୍ରକୃତ ଚର୍ମ ଆସିବା (କସ୍‌ମେଟିକ୍) ବର୍ଣ୍ଣନା, ଆଧୁନିକ ବିଜ୍ଞାନକୁ ଗବେଷଣା ମାର୍ଗ ଦେଖାଏ । ଶଲ୍ୟ ଚିକିତ୍ସା ଅନ୍ତର୍ଗତ ପ୍ଲାଷ୍ଟିକ୍ ଚିକିତ୍ସା ଆବଶ୍ୟକତା, ଯୁଦ୍ଧ କ୍ଷେତ୍ରରୁ ସୁଶ୍ରୁତ ଆରମ୍ଭ କରିଥିଲେ । ସେଠାରେ ସେନାମାନଙ୍କର କାନ, ନାକ କଟିବା, ହାତ, ଗୋଡ଼ ଭାଙ୍ଗିବା, ସିରା, ଧମନୀ, ଅନ୍ୟାନ୍ୟ ଅଙ୍ଗ ଅବୟବ କଟିବା, ଖଣ୍ଡିଆ, 'ଘା' ଆଦିର ଆଶୁ ଚିକିତ୍ସା କେବଳ (Emergency) ଶଲ୍ୟ ପ୍ଲାଷ୍ଟିକ୍ ଚିକିତ୍ସକ କରିପାରେ । ଚିକିତ୍ସକ ଯୁଦ୍ଧ କ୍ଷେତ୍ରରେ ରହେ ଏବଂ ଦୁର୍ଘଟଣା ପରେ ରୋଗୀ ଏବଂ ଅବୟବକୁ ରକ୍ଷା କରିବା ପାଇଁ ସ୍ୱର୍ଣ୍ଣିମ ସମୟ (Golden Hour) ଏକାନ୍ତ ଆବଶ୍ୟକ । ଦୁର୍ଘଟଣାର ଏକ ଘଣ୍ଟା ମଧ୍ୟରେ ରୋଗୀର ଆଶୁ ଚିକିତ୍ସା କଲେ ଆରୋଗ୍ୟପୂର୍ବ ସମ୍ଭାବନା ଥାଏ । ଶସ୍ତ୍ର ଚିକିତ୍ସା ବ୍ୟତୀତ ଉପଶଲ୍ୟ ଚିକିତ୍ସା ପଦ୍ଧତି (Para Surgery)ରେ କ୍ଷାର ଚିକିତ୍ସା (PCA Therapy), ଅଗ୍ନି ଚିକିତ୍ସା ଆଦିରେ, ଲେଜର ପଦ୍ଧତି (Laser Therapy) ଇତ୍ୟାଦି (DCA Therapy) ଓ ରକ୍ତମୋକ୍ଷଣ ପଦ୍ଧତି (BLT Therapy) ଆଦି ନିର୍ଦ୍ଦେଶ ଦେଇଛନ୍ତି । ସ୍ୱତନ୍ତ୍ର ସନ୍ଧାନ ଚିକିତ୍ସା (Plastic of Surgery) ବିଷୟରେ କାନ (Ear), ନାକ (Nose), IO (Lip) ଖଣ୍ଡିଆର ଚିକିତ୍ସା ଉଦାହରଣ, ପ୍ରତ୍ୟକ୍ଷ ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସାରେ ବର୍ଣ୍ଣନା କରିଛନ୍ତି । ଆଜିର ଯୁଗରେ କାନର Lobuls plastry ; ନାକର Rhinoplastry ଇତ୍ୟାଦି ଭାବେ ପରିଚିତ । ସାଧାରଣତଃ କାନ ପତା (lobule) ଛିଣ୍ଡି, ଚିରି ଯାଇଥିଲେ, ନାକରେ ନୋଥାଦି ଖଣ୍ଡିଆ ହେଲେ ସେସବୁ ପୁର୍ନସଂଗଠନ (Reconstructive Surgery) ଦ୍ୱାରା ହୋଇପାରୁଛି । ସୁଶ୍ରୁତ ଗ୍ରହଣ ଖଣ୍ଡିଆ, ନାକ କାନାଦି ପୁନର୍ନିର୍ମାଣ କରିବାରେ ଏସବୁର ଆକାର ନେଇ ଗାଲରୁ ଜୀବନ୍ତ ଚମଡ଼ା (Skin-Grafting) ବିଧିରେ ଜୀବନ୍ତ ଚର୍ମ, ତନ୍ତୁକୁ ସଂଯୋଜନ, ସିଲାଇ କରି ସୁନ୍ଦର କରିପାରିଥିଲେ; ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସା ବହୁବିଧ ନିର୍ଦ୍ଦେଶ କରିବା; ଅନ୍ୟାନ୍ୟ ଏକାଧିକ ଅଙ୍ଗ ଅବୟବରେ କ୍ଷତ, ଆଘାତ (Trauma)ରେ ବିନିଯୋଗ କେବଳ ଦକ୍ଷ, ସାହାସୀ, ଉତ୍ସର୍ଗୀକୃତ, ନିଃସ୍ୱାର୍ଥ ଶଲ୍ୟ ଚିକିତ୍ସକ କରିପାରନ୍ତି । ସିଦ୍ଧାନ୍ତରେ କହନ୍ତି – ଉତ୍ତମ ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସକଙ୍କୁ ରୟାଲ ସର୍ଜନ (ରାଜ ଶଲ୍ୟ ଚିକିତ୍ସକ) ଆଖ୍ୟା ଦେଇଛନ୍ତି । ଆଜିର ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସାରେ ଅସମ୍ଭବ ରୋଗ, ଟ୍ରମାଟିକ୍ ଇନ୍‌ଜୁରି, ସମାଧାନ କରିବାରେ ସଫଳ । ଶରୀର ବାହାର ଭିତର ଅଙ୍ଗାବୟବର ରୋପଣ (ବୃକ୍‌କ ହୃଦୟାଦି) ଏବଂ ପୁର୍ନ ନିର୍ମାଣ (Reconstruction) ତଥା ସୁନ୍ଦର ମୁଖ, ନାରୀର ସୁନ୍ଦରତା ବୃଦ୍ଧି, ଅବଦାନ ତଥା ପ୍ରତିରୋପଣ ଚିକିତ୍ସା ଜଗତକୁ ଓ ରୋଗୀ ସମାଜକୁ ସମୃଦ୍ଧ ଓ ସଫଳ କରିପାରିଛି । ଶରୀରରେ ବିବିଧ ଅଙ୍ଗ କ୍ଷତ, ବିକ୍ଷତ, ଏପରିକି ମସ୍ତିଷ୍କ ଅସ୍ଥି, ସିରା, ଧମନୀ ଇତ୍ୟାଦି ଏବଂ ଶରୀର ପୋଡ଼ା ଘା' (Buns), ମୁଖାଦି ହୋଇଥିଲେ ମଧ୍ୟ ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସା ଦ୍ୱାରା ଆରୋଗ୍ୟ ହେବା ସମ୍ଭବ । କେବଳ ଦୁର୍ଘଟଣାର ଏକ ଘଣ୍ଟା ମଧ୍ୟରେ ପ୍ଲାଷ୍ଟିକ୍ ଶଲ୍ୟ ବିଶେଷଜ୍ଞଙ୍କ ଓ ସଠିକ୍ ଚିକିତ୍ସାଳୟରେ ପହଞ୍ଚାଇ ଚିକିତ୍ସା ଆରମ୍ଭ କରିବା ଆବଶ୍ୟକ ।

ଚିକିତ୍ସାରେ ଗବେଷଣା ଅନବରତ ଚାଲିଛି । ନୂଆ ନୂଆ ପଦ୍ଧତିମାନଙ୍କ ସହିତ ପୂର୍ବ ପ୍ରସୂତ ଥିଓରି ଏବଂ ପ୍ରତ୍ୟକ୍ଷ ଜ୍ଞାନକୁ ନେଇ ନୂଆ ଆରୋଗ୍ୟ ସମ୍ଭାବନାରେ ଆଜିର ଚିକିତ୍ସା ବିଜ୍ଞାନରେ ମସ୍ତିଷ୍କ, ହୃଦୟ, ବୃକକ୍ (Brain. Heart, Kidney), ଯକୃତ, ଫୁସ୍‌ଫୁସ୍ ଇତ୍ୟାଦି ପ୍ରତିରୋପଣ ତଥା ମୃତ ପୂର୍ବ ବ୍ୟକ୍ତିର ଅଙ୍ଗ ଅବଦାନ ଅନେକ ବ୍ୟକ୍ତିଙ୍କ, ଆଖି ଓ କାନ, ବୃକକ, ଏପରିକି ହୃଦୟାଦି ସଂରକ୍ଷଣ କିମ୍ବା ତୁରନ୍ତ ପ୍ରତିରୋପଣରେ ଚିକିତ୍ସା ଜଗତରେ ପ୍ଲାଷ୍ଟିକ୍ ଶଲ୍ୟ ଚିକିତ୍ସାର ମହତା ଏବଂ ଆବଶ୍ୟକତା ଯଥେଷ୍ଟ ଉପଲବ୍ଧି କରିପାରିଛି ।

# ଅନ୍ତର୍ଜାତୀୟ ଉତ୍ତର – ଦକ୍ଷିଣ ପରିବହନ ପ୍ରକଳ୍ପ



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

**'ସୁଏଜ୍ କେନାଲକୁ ପ୍ରାୟ ୧୫୫ ବର୍ଷ ହୋଇ ଗଲାଣି, ସୁଏଜ୍ କେନାଲ ଭୂମଧ୍ୟ ସାଗର ସହିତ ଲୋହିତ ସାଗରକୁ ସଂଯୋଗ କରୁଥିବା ଏକ କେନାଲ, ଏହାର ଲମ୍ବ ୧୯୩.୩ କିଲୋମିଟର । ଇଜିପ୍ଟ ଦେଶ ମଧ୍ୟରେ ଏହି କେନାଲ ନିର୍ମିତ ହୋଇଛି, ଇଜିପ୍ଟ ସରକାର୍ ଏହି କେନାଲ ପଥରେ ଯାତ୍ରା କରୁଥିବା ପ୍ରତ୍ୟେକ ପଣ୍ୟ ବୋଝେଇ ଜାହାଜ ପାଇଁ ୭୦,୦୦୦ (ସତୁରୀ ହଜାର) ଆମେରିକୀୟ ଡ଼ଲାର କର ବାବଦକୁ ନିଅନ୍ତି, ଏହି କେନାଲ ଟିକୁ ଅତିକ୍ରମ କରିବାକୁ ଜାହଜ ଗୁଡ଼ିକୁ ପ୍ରାୟ ଷୋହଳ ଘଣ୍ଟା ସମୟ ଲାଗି ଥାଏ । ଇଜିପ୍ଟ ଦେଶର ସରକାରଙ୍କ ସହିତ ଭାରତର ସମ୍ପର୍କ ଭଲ ଥିଲେ ମଧ୍ୟ ଇଜିପ୍ଟ ଅନେକ କ୍ଷେତ୍ରରେ ଭାରତକୁ ବିରୋଧ କରିବା ସହିତ ପାକିସ୍ତାନକୁ ସହଯୋଗ କରୁଛି । ଭବିଷ୍ୟତକୁ ନଜରରେ ରଖି ଭାରତ କିଛି ଦେଶ ସହିତ ଆଲୋଚନା କରି ସୁଏଜ୍ କେନାଲର ବିକଳ୍ପ ବାହାର କରିଛି । ସୁଏଜ୍ କେନାଲ ବନ୍ଦ୍ ହୋଇଗଲେ ଏସିଆ ମହାଦେଶ ୟୁରୋପ ଏବଂ ଆମେରିକା ମହା ଦେଶକୁ ସଂଯୋଗ କରିବାକୁ ଆଫ୍ରିକା ମହାଦେଶର କେପ୍ ଟାଉନ ତଳ ଦେଇ ବୁଲି ଆସିବାକୁ ହେବ ଫଳରେ ସମୟର ଅପଚୟ ସହିତ ପ୍ରାୟ ସାତ ହଜାର କିଲୋମିଟର ଅଧିକ ପଥ ଅତିକ୍ରାନ୍ତ କରିବାକୁ ପଡ଼ିବ, ଏହାଦ୍ୱାରା ଆମଦାନୀ ରପ୍ତାନୀ ହେଉଥିବା ପଣ୍ୟର ଦର ନିଶ୍ଚିତ ବୃଦ୍ଧି ପାଇବ । ଭରତ ଦ୍ୱାରା 'ଇଣ୍ଟର ନ୍ୟାସନାଲ ନର୍ଥ ସାଉଥ୍ ଟ୍ରାନ୍ସପୋର୍ଟ କରିଡ଼ର' ପ୍ରକଳ୍ପ ରୂପରେଖର ଆରମ୍ଭ କରା ହୋଇଥଲା ।'**

ଆଧୁନିକ ଜ୍ଞାନ କୌଶଳ ଦ୍ୱାରା ପୃଥିବୀ ଆଜି ଖୁବ ଛୋଟ ହୋଇ ଯାଇଛି, ଏକ ସେକେଣ୍ଡ ମଧ୍ୟରେ ଆମେ ପୃଥିବୀର ଏକ କୋଣରୁ ଅନ୍ୟ ଏକ କୋଣ ସହିତ ଯୋଗାଯୋଗ ରକ୍ଷା କରି ପାରୁଛୁ ନିଜର କାର୍ଯ୍ୟ କରି ପାରୁଛୁ ତଥା ବନ୍ଧୁ ପରିଜନ ମାନଙ୍କ ସହିତ ଭିଡିଓ ମାଧ୍ୟମରେ ଦେଖା ସାକ୍ଷାତ କରି ପାରୁଛୁ । ଅତ୍ୟାଧୁନିକ ବିମାନ ସେବା ଆମକୁ ୨୪ ଘଣ୍ଟା ମଧ୍ୟରେ ପୃଥିବୀର ଯେ କୌଣସି କୋଣରେ ପହଞ୍ଚାଇବାକୁ ସକ୍ଷମ , ମାଲ ପରିବହନ କ୍ଷେତ୍ରରେ ସାମୁଦ୍ରିକ ପଥ, ସଡକ ପଥ, ରେଳ ପଥ ଦ୍ୱାରା ତରଳ ତଥା କଠିନ ଦ୍ରବ୍ୟ, ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ପରିବହନ ହୋଇ ପାରୁଛି । ତେବେ ଅନ୍ତର୍ଜାତୀୟ ପରିବହନ କ୍ଷେତ୍ରରେ ବର୍ତ୍ତମାନ ଅନେକ ଅସୁବିଧା ଦେଖା ଦେଇଛି ଯାହା ଦ୍ୱାରାକି ଅନେକ ଦେଶ ସମୁଦ୍ର ପଥରେ ସବୁଠାରୁ ଛୋଟ ମାର୍ଗରେ ନ ଆସି ଦୀର୍ଘତମ ପଥକୁ ଆପଣାଉଛନ୍ତି, ଏହାର କାରଣ ଜଳ ଜାହାଜ ଉପରେ ବିଭିନ୍ନ ଦେଶର ଆକ୍ରମଣ, ଜଳ ଦସ୍ୟୁ ମାନଙ୍କ ଭୟ , ସୁଏଜ୍ କେନାଲ୍ , ପାନାମା କେନାଲ୍ ଠାରେ ଟ୍ରାଫିକ ଯାମ୍ ଇତ୍ୟାଦି କୁ ଦୃଷ୍ଟିରେ ରଖି ଅନେକ ଦେଶ ବିକଳ୍ପ ପଥର ସନ୍ଧାନରେ ଅଛନ୍ତି । ପୃଥିବୀର ବିକଶିତ ତଥା ଧନଶୀଳ ରାଷ୍ଟ୍ର ମାନଙ୍କୁ ଚକିତ କରି ଭାରତ ଉତ୍ତର ଦକ୍ଷିଣ କରିଡୋର ଖୋଲି ଦେଇଛି ଫଳରେ ଭାରତ ୟୁରୋପ ସହିତ ସୁଏଜ୍ କେନାଲ , ଲୋହିତ ସାଗରକୁ ବାଦ୍ ଦେଇ ନିଜର ବାଣିଜ୍ୟ କାରବାର କରିବାରେ ସକ୍ଷମ ହୋଇଛି । ଭାରତ ସହିତ କିଛି ପଶ୍ଚିମ ଏସୀୟ ଦେଶ ତଥା ୟୁରୋପ ଏବେ ସିଧା ସଳଖ ଯୋଡି ହୋଇ ଯାଇଛନ୍ତି, ଚାଲନ୍ତୁ ଏହି ବିଷୟରେ ସୀମିତ ଜ୍ଞାନରୁ ଏହାର ଇତିହାସ ଉପରେ କିଛି ଆଲୋଚନା କରିବା ।

୨୦୦୨ ମସିହାରୁ ଆରମ୍ଭ ହୋଇ ଏହି ପ୍ରକଳ୍ପ ଆଜି ପର୍ଯ୍ୟନ୍ତ ହୋଇ ପାରି ନଥିଲା , ଏହାର ପ୍ରମୁଖ କାରଣ ହେଲା ଇରାନ୍ ଏବଂ ରଷିଆ ବର୍ତ୍ତମାନ୍ ସୁଦ୍ଧା ପଶ୍ଚିମ ଦେଶ ଗୁଡ଼ିକର ବାଣିଜ୍ୟିକ ମଞ୍ଜୁରୀ ଅପେକ୍ଷାରେ ରହିଅଛି । ରଷିଆ ତା'ର ଖଣିଜ ଏବଂ ତୈଳ ବିକ୍ରି ପାଇଁ ଚୀନ୍ ଉପରେ ନିର୍ଭର କରୁଛି, ଆଇ ଏନ୍:ଏସ: ଟି:ସି (ଇନ୍ଟରନ୍ୟାଶନାଲ୍ ନର୍ଥ ସାଉଥ୍ ଟ୍ରାନ୍ସପୋର୍ଟ କରିଡୋର ) କାର୍ଯ୍ୟକାରୀ ହେଲେ ରୁଷିଆ ଦେଶରୁ ଅଜାର୍ ବାଇଜାନ୍ ଦେଇ ସିଧା ସଳଖ ଏସୀୟ ଦେଶ ଗୁଡ଼ିକ ପାଇଁ ବାଟ ଖୋଲି ଯିବ ଏବଂ ଏଥିରୁ ସେମାନେ ଅନେକ ଲାଭ ପାଇବେ । ୨୦୧୫ ମସିହାରେ ଇରାନ୍ ଏବଂ ପଶ୍ଚିମ ଦେଶ ସମୂହ ଭିତର ଆଣବିକ ଚୁକ୍ତି ହେବା ପରେ ଏହି ଆଇ: ଏନ୍: ଏସ:ଟି:ସି କାର୍ଯ୍ୟକାରୀ ହେବାର ଏକ ନୂତନ ଆଶା ଜାଗ୍ରତ ହୋଇ ଥଲା , କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକାର ଟ୍ରମ୍ପ ପ୍ରଶାସନ ୨୦୧୮ ମସିହାରେ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଲେ । ୟୁକ୍ରେନ୍ ରଷିଆ ଯୁଦ୍ଧ ବର୍ତ୍ତମାନ ରଷିଆର ଅର୍ଥନୀତିକୁ ଦୁର୍ବଳ କରି ଦେଇଛି, ରୁଷିଆ ନିଜର କୂଟନୀତି ପ୍ରୟୋଗ କରି ଅନେକ ଦେଶକୁ ଅଶୋଧିତ ତୈଳ କିଛି ଶସ୍ତା ଦରରେ ରପ୍ତାନୀ କରୁଛି । ରଷିଆର ସେଣ୍ଟ ପୀଟର୍ସ ବର୍ଗ ଠାରୁ ଏସିଆ ମହାଦେଶର ଦକ୍ଷିଣରେ ଅବସ୍ଥିତ ସବୁ ଦେଶକୁ ଏହି କରିଡ଼ର ଦ୍ୱାରା ସଂଯୋଗ କରା ଯାଇ ପାରନ୍ତା, କିନ୍ତୁ ପୃଥିବୀରେ ଏପରି କ୍ଷମତାସୀନ ଦେଶ ଅଛନ୍ତି ଯେଉଁମାନେ ଅନ୍ୟ ଦେଶର ଉନ୍ନତି ସହ୍ୟ କରିପାରନ୍ତି ନାହିଁ । ନୂତନ କରିଡ଼ର ଖୋଲିଲେ ଚୀନ୍, ପାକିସ୍ତାନ, ଇଜିପ୍ଟ, ପ୍ରଭାବିତ ହେବେ, ସୁଏଜ୍ କେନାଲ ର ଏକ ଚାଟିଆ ଆୟ କମିଯିବ, ପାକିସ୍ତାନ-ଚୀନ୍ କରିଡ଼ର ର ଏତେ ଚାହିଦା ରହିବ ନାହିଁ । ରୁଷିଆ ଆଉ ଚୀନ୍ ଉପରେ ନିର୍ଭର କରିବ ନାହିଁ, କିଛି ଲ୍ୟାଣ୍ଡ ଲକ୍ (ଯେଉଁ ଦେଶକୁ ଚାରିପଟୁ ଅନ୍ୟ ଦେଶ ମାନେ ଘେରି ରହିଛନ୍ତି) ଦେଶ ଏହି କରିଡ଼ର ଦ୍ୱାରା ନିଜର ଆମଦାନୀ ରପ୍ତାନୀ ସ୍ୱଚ୍ଛ ମୂଲ୍ୟରେ କରି ପାରିବେ । ଏହି ସବୁ ବିଷୟ ଗୁଡ଼ିକୁ ଧ୍ୟାନରେ ରଖି କୁଚକ୍ରୀ ଦେଶ ମାନେ ଭାରତର ଏହି ଐତିହାସିକ ପଦକ୍ଷେପକୁ ନାନା ଉପାୟରେ ବିରୋଧ କରୁଛନ୍ତି । ବର୍ତ୍ତମାନ୍ ଭାରତର ଭୂମିକା ବିଶ୍ୱବାସୀଙ୍କୁ ଆକର୍ଷିତ କରୁଛି, ଭାରତ ସରକାର ନିଜର କୂଟନୀତି ପ୍ରୟୋଗ କରି ଯୁକ୍ତରାଷ୍ଟ୍ର ଆମେରିକାର ସରକାର ତଥା ୟୁରୋପୀୟ ଦେଶ ସମୂହ କୁ ନିଜ ବିଶ୍ୱାସକୁ ଆଣି ଏହି କରିଡ଼ର କାର୍ଯ୍ୟକାରୀ କରି ପାରିଛି । କିଛି ଆରବ୍ ଦେଶ ଏହି ପ୍ରକଳ୍ପ କାର୍ଯ୍ୟକାରୀ ଦ୍ୱାରା ତାଙ୍କର ମନମୁଖୀ ତୈଳ ଦର କମି ଯିବାର ଆଶଙ୍କା କୁ ନେଇ ପରୋକ୍ଷରେ ବିରୋଧ କରୁଛନ୍ତି ।

ସୁଏଜ୍ କେନାଲ କୁ ପ୍ରାୟ ୧୫୫ ବର୍ଷ ହୋଇ ଗଲାଣି, ସୁଏଜ୍ କେନାଲ ଭୂମଧ୍ୟ ସାଗର ସହିତ ଲୋହିତ ସାଗରକୁ ସଂଯୋଗ କରୁଥିବା ଏକ କେନାଲ, ଏହାର ଲମ୍ବ ୧୯୩.୩ କିଲୋମିଟର । ଇଜିପ୍ଟ ଦେଶ ମଧ୍ୟରେ ଏହି କେନାଲ ନିର୍ମିତ ହୋଇଛି, ଇଜିପ୍ଟ ସରକାର୍ ଏହି କେନାଲ ପଥରେ ଯାତ୍ରା କରୁଥିବା ପ୍ରତ୍ୟେକ ପଣ୍ୟ ବୋଝେଇ ଜାହାଜ ପାଇଁ ୭୦,୦୦୦ (ସତୁରୀ ହଜାର) ଆମେରିକୀୟ ଡ଼ଲାର କର ବାବଦକୁ ନିଅନ୍ତି, ଏହି କେନାଲ ଟିକୁ ଅତିକ୍ରମ କରିବାକୁ ଜାହଜ ଗୁଡ଼ିକୁ ପ୍ରାୟ ଷୋହଳ ଘଣ୍ଟା ସମୟ ଲାଗି ଥାଏ । ଇଜିପ୍ଟ ଦେଶର ସରକାରଙ୍କ ସହିତ ଭାରତର ସମ୍ପର୍କ ଭଲ ଥିଲେ ମଧ୍ୟ ଇଜିପ୍ଟ ଅନେକ କ୍ଷେତ୍ରରେ ଭାରତକୁ ବିରୋଧ କରିବା ସହିତ ପାକିସ୍ତାନକୁ ସହଯୋଗ କରୁଛି । ଭବିଷ୍ୟତକୁ ନଜରରେ ରଖି ଭାରତ କିଛି ଦେଶ ସହିତ ଆଲୋଚନା କରି ସୁଏଜ୍ କେନାଲର ବିକଳ୍ପ ବାହାର କରିଛି । ସୁଏଜ୍ କେନାଲ ବନ୍ଦ୍ ହୋଇଗଲେ ଏସିଆ ମହାଦେଶ ୟୁରୋପ ଏବଂ ଆମେରିକା ମହା ଦେଶକୁ ସଂଯୋଗ କରିବାକୁ ଆଫ୍ରିକା ମହାଦେଶର କେପ୍ ଟାଉନ ତଳ ଦେଇ ବୁଲି ଆସିବାକୁ ହେବ ଫଳରେ ସମୟର ଅପଚୟ ସହିତ ପ୍ରାୟ ସାତ ହଜାର କିଲୋମିଟର ଅଧିକ ପଥ ଅତିକ୍ରାନ୍ତ କରିବାକୁ ପଡ଼ିବ, ଏହାଦ୍ୱାରା ଆମଦାନୀ ରପ୍ତାନୀ ହେଉଥିବା ପଣ୍ୟର ଦର ନିଶ୍ଚିତ ବୃଦ୍ଧି ପାଇବ । ଭରତ ଦ୍ୱାରା 'ଇଣ୍ଟର ନ୍ୟାସନାଲ ନର୍ଥ ସାଉଥ୍ ଟ୍ରାନ୍ସପୋର୍ଟ କରିଡ଼ର' ପ୍ରକଳ୍ପ ରୂପରେଖର ଆରମ୍ଭ କରା ହୋଇଥଲା । ଏଥିରେ ପ୍ରଥମେ ୨୦୦୨ ମସିହାରେ ରଷିଆ ଏବଂ ଇରାନ ସହଯୋଗରେ ହାତ ବଢ଼ାଇ ଥିଲେ, ୨୦୦୫ ମସିହାରେ ଅଜାର୍ ବାଇଜାନ୍ ଯୋଗ ଦେଇଥିଲା । ଆଇ ଏନ ଏସ ଟି ସି ଯଦି ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ ହେବ ତେବେ ପ୍ରାୟ ୩୦ ପ୍ରତିଶତ ପରିବହନ ଖର୍ଚ୍ଚ କମ୍ ସହିତ ୪୦ ପ୍ରତିଶତ ସମୟ ବଞ୍ଚିବ । ଏହି ପ୍ରକଳ୍ପ ରୂପରେଖ ହେଲେ ଭାରତର ମୁମ୍ବାଇ ବନ୍ଦର ରୁ ଆରବ ସାଗର ଦେଇ ଜାହଜ ଗୁଡ଼ିକ ଇରାନ୍ ର ବନ୍ଦର୍ ଆବାସ୍ ଠାରେ ପହଞ୍ଚି ପାରିବ, ସେଠାରୁ ଇରାନ ମଧ୍ୟ ଦେଇ ସ୍ଥଳ ପଥରେ କାସ୍ପିଆନ୍ ସାଗର କୂଳରେ ଅସ୍ତ୍ରାରା ବନ୍ଦର ପର୍ଯ୍ୟନ୍ତ ଯାଇ ସେଠାରୁ ଜଳ ପଥରେ ରଷିଆ ର ଆସ୍ତ୍ରାଖାନ୍ ବନ୍ଦର ପର୍ଯ୍ୟନ୍ତ ଯାଇ ସେଠାରୁ ରେଳ ଯୋଗେ ମସ୍କୋ ସହର ପହଞ୍ଚି ଯିବ କିମ୍ବା ଆସ୍ତ୍ରାଖାନ୍ ଠାରୁ ଆଜାର ବାଇଜାନ୍ ଦେଶ ମଧ୍ୟ ଦେଇ ରେଳ ସଂଯୋଗ କରିବାକୁ ହେବ ଯାହାକି ରଷିଆର ମସ୍କୋ ସହରକୁ ଯୋଡ଼ି ପାରିବ । ଏହା ଦ୍ୱାରା ୟୁରୋପୀୟ ଦେଶ ସମୂହ ପଣ୍ୟ ବାହୀ ଜାହଜ ଚଳା ଚଳ କ୍ଷେତ୍ରରେ ଏତେଟା ସୁଏଜ୍ କେନାଲ ଉପରେ ନିର୍ଭରଶୀଳ ହେବେ ନାହିଁ ।

ବର୍ତ୍ତମାନ ବିଶ୍ୱର ଅର୍ଥନୀତି ବାଣିଜ୍ୟ ଉପରେ ଆଧାରିତ ତେଣୁ ବାଣିଜ୍ୟ ପାଇଁ ଅନେକ ଉନ୍ନତ ଦେଶ ପୃଥିବୀକୁ ଜଳ, ସ୍ଥଳ ଏବଂ ଆକାଶ ମାର୍ଗରେ ସଂଯୋଗ କରି ନିଜର ଅର୍ଥନୀତିକୁ ସୁଦୃଢ଼ କରିବାକୁ ଚେଷ୍ଟିତ ଅଛନ୍ତି । କିଛି ରାଷ୍ଟ୍ର ନିଜର ବାହୁବଳ ଦେଖାଇ ଅନ୍ୟ ଦେଶର ବାଣିଜ୍ୟ କୁ ସଙ୍କୁଚିତ କରିବାର ପ୍ରୟାସ ଜାରୀ ରଖିଛନ୍ତି ଏଥି ମଧ୍ୟରୁ ଚୀନ୍ ଅନ୍ୟତମ, କିଛି ସାମୁଦ୍ରିକ ପଥ ଉପରେ ନିଜର ପ୍ରଭୂତ୍ୱ ଜାହିର କରି ଅନ୍ୟ ଦେଶର ବାଣିଜ୍ୟିକ ପୋତ ଗୁଡ଼ିକୁ ନିଜର ଗନ୍ତବ୍ୟ ସ୍ଥଳକୁ ଛାଡି ଦେଉ ନାହିଁ, ବର୍ତ୍ତମାନ ଲୋହିତ ସାଗର ହୂତିସ୍ ମାନଙ୍କ ଦୌରାତ୍ମ୍ୟ ଲାଗି ଜାହାଜ ଚଳାଚଳ ପାଇଁ ଅସୁରକ୍ଷିତ ସାବ୍ୟସ୍ତ ହୋଇଛି , ତେବେ ଭାରତ କ'ଣ ହାତ ଯୋଡି ଆତଙ୍କ ଖେଳାଉ ଥିବା ଦେଶ ତଥା ବାହୁବଳୀ ଦେଶ ମାନଙ୍କ ପାଖରେ ଶରଣ ପଶିବ ? ନା ଆତଙ୍କ ବାଦୀମାନଙ୍କ ଦାବିକୁ ମାନି ନେବ ? ଏହାର ବିକଳ୍ପ ଭାବେ ରୁଷିଆ, ଇରାନ ଏବଂ ଭାରତ ଏକତ୍ରିତ ହୋଇ ଏକ ଦୃଢ଼ ପଦକ୍ଷେପ ନେଇ ବିଶ୍ୱକୁ ଚକିତ କରି ଦେଇଛନ୍ତି ଏବଂ ପ୍ରମାଣିତ କରି ଦେଇଛନ୍ତି ଯେ, ଆମେ ନିଜ ଦେଶବାସୀ ଙ୍କ ସ୍ୱାର୍ଥ ପାଇଁ ତଥା ନିଜ ନିରାପତ୍ତା ପାଇଁ କୌଣସି ଶକ୍ତି ପାଖରେ ମଥା ନତ କରିବୁ ନାହିଁ । ଏହା ଏକ ସମ୍ବେଦନଶୀଳ ଆନ୍ତର୍ଜାତିକ ବିଷୟ, ଆଇ ଏନ୍ ଏସ ଟି ସି ସହିତ ଯୋଡି ହେବାକୁ ଏବେ ଆଠ ଗୋଟି ଦେଶ ନିଜର ସହମତି ଦେଇ ସାରିଲେଣି । ରୁଷିଆର ସେଣ୍ଟ ପିଟର୍ସବର୍ଗରୁ ଭାରତର ମୁମ୍ବାଇ ବନ୍ଦର ଏହି କରିଡୋର ଦେଇ ଆସିବାକୁ ୭୨୦୦ କିଲୋମିଟର ପଥ ମଲ୍ଟି ମୋଡ଼ ଟ୍ରାନ୍ସପୋର୍ଟ ସିଷ୍ଟମ ବା ଏକାଧିକ ପରିବହନ ବ୍ୟବସ୍ଥା ଦ୍ୱାରା ପହଞ୍ଚାଇ ହେବ । କେବଳ ଜଳ ପଥରେ ସୁଏଜ୍ କେନାଲ ଦେଇ ଆସିବାକୁ ହେଲେ ପ୍ରାୟ ୪୫ ଦିନ ସମୟ ଲାଗୁଥିବା ସମୟରେ ଏହି ପଥରେ ଆସିଲେ ପ୍ରାୟ ୨୫ ଦିନ ମଧ୍ୟରେ ମାଲ୍ ସେଣ୍ଟ ପୀଟର୍ସ ବର୍ଗ ଠାରୁ ମୁମ୍ବାଇ କିମ୍ବା କାଣ୍ଡଲା ବନ୍ଦରରେ ପହଞ୍ଚି ଯିବ ।

ହଠାତ୍ ପୃଥିବୀର ଉନ୍ନତ ଦେଶ ମାନଙ୍କୁ ଚମକାଇ ଦେଇ ଭାରତ ରୁଷିଆର ସେଣ୍ଟ ପଟର୍ସ ବର୍ଗରୁ ଉତ୍ତମ ମାନର ଦୁଇଟି କୋଇଲା ବୋଝେଇ ରେଳଗାଡ଼ି ରଷିଆର ରାଜଧାନୀ ମସ୍କୋ ବାଟ ଦେଇ ଦକ୍ଷିଣାଭିମୁଖୀ ହୋଇ ରଷିଆ ଦେଶ ମଧ୍ୟରେ ଗତିକରି କାସପିଆନ୍ ସମୁଦ୍ର କୂଳରେ ଥିବା ରୁଷିଆର ଅସ୍ତର ଖାନ ବନ୍ଦର ପର୍ଯ୍ୟନ୍ତ ଆସି ସେଠାରୁ ସମୁଦ୍ର ପଥରେ କାସପିଆନ୍ ସମୁଦ୍ର ପାରି ହୋଇ ଇରାନ ଦେଶର ଉତ୍ତର ପଟେ ଥିବା ବନ୍ଦର-ଇ-ଅଞ୍ଜାଲିରେ ପହଞ୍ଚି ପୁନଶ୍ଚ ଇରାନ୍ ଦେଶର ରେଳ ଯୋଗେ ଇରାନ୍ ଦେଶର ମଧ୍ୟ ଦେଇ ତେହେରାନ୍ ପହଞ୍ଚି ସେଠାରୁ ବାଖ୍ ଦେଇ ବନ୍ଦର ଅବାସ୍ ପର୍ଯ୍ୟନ୍ତ ଆସିବ ଏବଂ ତତ୍ପରେ ଜଳ ଜାହାଜରେ ସେଠାରୁ ଭାରତର ମୁମ୍ବାଇ ପହଞ୍ଚିବ ଏହା ଆମ ପାଇଁ ଗର୍ବର ବିଷୟ ହେବ । ଯଦିଓ ଏହି ପରିବହନ ପାଇଁ ଭାରତ ରୁଷିଆକୁ କୋଇଲା ପ୍ରାପ୍ୟ ସହିତ ସେଣ୍ଟ ପୀଟର୍ସ ବର୍ଗ ଠାରୁ ଅସ୍ତର୍ ଖାନ୍ ବନ୍ଦର ପର୍ଯ୍ୟନ୍ତ ରେଳ ମହାସୁଲ ଲୋଡିଂ ଅନଲୋଡିଂ ଟ୍ରାନଜିଟ୍ ଖର୍ଚ୍ଚ ତତ୍ପରେ ଅସ୍ତର୍ ଖାନ୍ ଠାରୁ କାସପିଆନ୍ ସମୁଦ୍ରରେ ବନ୍ଦର-ଇ-ଅଞ୍ଜାଲୀ ପର୍ଯ୍ୟନ୍ତ ପରିବହନ ଖର୍ଚ୍ଚ ସେଠାରୁ ପୁନଶ୍ଚ ଅନଲୋଡିଂ / ଲୋଡିଂ ଖର୍ଚ୍ଚ ଏବଂ ଇରାନ୍ ଦେଶର ରେଳ ଯୋଗେ ବନ୍ଦର ଆବାସ ପର୍ଯ୍ୟନ୍ତ ଆସିବା ପାଇଁ ଇରାନ୍ ସରକାରଙ୍କୁ ରେଳ ମାହାସୁଲ ତଥା ଟ୍ରାନଜିଟ୍ ମାହାସୁଲ ଦେବାକୁ ହେବ, ତତ୍ପରେ ଜଳ ଜାହାଜ ଯୋଗେ ସିଧା ସଳଖ କୋଇଲା ଆରବ ସାଗର ଦେଇ ମୁମ୍ବାଇ ପହଞ୍ଚି ଯିବ । ଏତେ ଗୁଡିଏ ଖର୍ଚ୍ଚ ତଥା ବିଭିନ୍ନ ସ୍ଥାନରେ ଲୋଡିଂ /ଅନଲୋଡିଂ ଗୋଦାମ ଖର୍ଚ୍ଚ ଟ୍ରାନଜିଟ୍ ଖର୍ଚ୍ଚ ଜଳ ଜାହାଜ ମାହାସୁଲ ଦେଇ ମଧ୍ୟ ଭାରତ ଲାଭରେ ରହୁଛି ତଥା ସମୟ ବଞ୍ଚୁଛି । ଏହା ପ୍ରଥମ ଥର ପାଇଁ କାର୍ଯ୍ୟକାରୀ କରି ଭାରତ, ଇରାନ ଏବଂ ରୁଷିଆ ବିଶ୍ୱର ଚକ୍ଷୁ ଖୋଲି ଦେଇ ଛନ୍ତି , ଏହା କୂଟନୈତିକ ସ୍ତରରେ ଭାରତର ଏକ ବଡ଼ ବିଜୟ କହିଲେ ଅତ୍ୟୁକ୍ତି ହେବନାହିଁ । ଏବେ ଏସିଆ ମହାଦେଶ ସହିତ ୟୁରୋପ ସଂଯୋଗ ହୋଇ ଗଲା ଆଗକୁ ମଧ୍ୟ ଅନ୍ୟ ୧୧ ଟି ଦେଶ ଏହି ପ୍ରକଳ୍ପରେ ଯୋଗ ଦେବେ , ଭାରତ ଉନ୍ନତିର ଶୀର୍ଷରେ ପହଞ୍ଚିବାର ଆଶା ଉଜ୍ଜଳ ହୋଇ ଉଠିଛି, ଏହା କେବଳ କେନ୍ଦ୍ର ସରକାରଙ୍କ ବିଜୟ ନୁହେଁ, ଏହା ସାରା ଭାରତର ୧୪୦ କୋଟି ଜନତାଙ୍କର ବିଜୟ ତଥା ଏକ ନୂତନ ଯୁଗର ଅୟମାରମ୍ଭ ହୋଇଛି ବୋଲି ଧରି ନେବା । ଜୟ ହିନ୍ଦ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୫ ଜୁଲାଇ ୨୦୨୪ ସୋମବାର





# ଭାରତର ୯୦ ଭାଗରୁ ଊର୍ଦ୍ଧ୍ୱ ଲୋକଙ୍କ ଡିଜିଟାଲ୍ ପେମେଣ୍ଟ ପାଇଁ ଆଗ୍ରହ




**ମୁମ୍ବାଇ, ନ୍ୟୁଜ୍ ବ୍ୟୁରୋ**

ନଗଦ ବିହୀନ ଅର୍ଥନୀତି ଆଡ଼କୁ ଭାରତର ଦ୍ରୁତ ଗତିକୁ ଉନ୍ମୋଚନ କରି କିର୍ନି ଇଣ୍ଡିଆ ଏବଂ ଆମାଜନ୍ ପେ ଇଣ୍ଡିଆ 'ହାଓ ଅର୍ବାନ ଇଣ୍ଡିଆ ପେଜ୍' ରିପୋର୍ଟ ରିପୋର୍ଟ ଜାରି କରିଛି । ୧୨୦ଟି ସହର ଏବଂ ୬୦୦୦ରୁ ଅଧିକ ଉପଭୋକ୍ତା ଏବଂ ୧୦୦୦ ବ୍ୟବସାୟୀଙ୍କୁ ନେଇ କରାଯାଇଥିବା ଏକ ସର୍ବେକ୍ଷଣକୁ ଆଧାର କରି କରାଯାଇଥିବା ଏହି ବିସ୍ତୃତ ଅଧ୍ୟୟନରୁ ଦେୟ ପସନ୍ଦରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଜଣାପଡିଛି । ୯୦% ଉତ୍ତରଦାତା ଅନ୍‌ଲାଇନ୍ କ୍ରୟ ପାଇଁ ଡିଜିଟାଲ୍ ପେମେଣ୍ଟକୁ ପସନ୍ଦ କରୁଥିବା ବେଳେ ପ୍ରାୟ ଅଧା (୫୦%) ଏହି ପସନ୍ଦକୁ ବ୍ରିକ୍-ଆଣ୍ଡ-ମୋର୍ଟାର ଷ୍ଟୋର୍‌କୁ ବୃଦ୍ଧି କରିଛନ୍ତି । ବିଭିନ୍ନ ଅଞ୍ଚଳ ଆୟ ବର୍ଗ, ସହରର ସ୍ତର, ବୟସ ବର୍ଗ ଏବଂ ଲିଙ୍ଗ ମଧ୍ୟରେ ଏହି ସର୍ଭେର ବିସ୍ତୃତ ପହଞ୍ଚ ଭାରତର ଡିଜିଟାଲ୍ ପେମେଣ୍ଟ ପରିଦୃଶ୍ୟରେ ଏକ ବିସ୍ତୃତ ଦୃଷ୍ଟିକୋଣ ପ୍ରଦାନ କରୁଛି ଏହି ରିପୋର୍ଟରେ ଉପଭୋକ୍ତା ଏବଂ ବ୍ୟବସାୟୀଙ୍କ ଗ୍ରହଣ ପଦ୍ଧତିକୁ ସତର୍କତାର ସହ ଉପସ୍ଥାପିତ କରାଯାଇଛି । ଯେଉଁଥିରେ ମୁଖ୍ୟ ଅଭିବୃଦ୍ଧି ଚାଳକ ଏବଂ ଅଭିବୃଦ୍ଧି ପାଇଁ କ୍ଷେତ୍ରଗୁଡ଼ିକୁ ଉନ୍ମୋଚନ କରାଯାଇଛି । କିର୍ନି ଇଣ୍ଡିଆର ଫାଇନାନ୍ସିଆଲ୍ ସର୍ଭିସେସ୍ ଲିଡର ପାର୍ଟନର ଶାଶ୍ୱତ ଶର୍ମା କହିଛନ୍ତି ଯେ 'ଆମର ବ୍ୟାପକ ଗବେଷଣା ଭାରତର ଡିଜିଟାଲ୍ ପେମେଣ୍ଟ ବିକାଶର ଏକ ଆକର୍ଷଣୀୟ ଝଲକ୍ ପ୍ରଦାନ କରୁଛି, ଯାହା ଉପଭୋକ୍ତା ଏବଂ ବାଣିଜ୍ୟିକ ଆଚରଣରେ ନାଟକୀୟ ପରିବର୍ତ୍ତନକୁ ଦର୍ଶାଉଛି । ଉଭୟ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍ କାରବାରରେ ଡିଜିଟାଲ୍ ପେମେଣ୍ଟର ବ୍ୟାପକ ଗ୍ରହଣ ଠାରୁ ଆରମ୍ଭ କରି ବିଏନ୍‌ପିଏଲ୍ ଭଳି ଉଦୀୟମାନ ଦେୟ ପଦ୍ଧତିର ବୃଦ୍ଧି ପର୍ଯ୍ୟନ୍ତ ଭାରତ କିପରି ଏହାର ଦେୟ କ୍ଷେତ୍ରରେ ପରିବର୍ତ୍ତନ କରୁଛି ତାହା ଉପରେ ଏହି ରିପୋର୍ଟରେ ବିସ୍ତୃତ ଦୃଷ୍ଟି ଦିଆଯାଇଛି । ଆମାଜନ୍ ପେ ଇଣ୍ଡିଆର ସିଇଓ ବିକାଶ ବଂଶଲ କହିଛନ୍ତି, 'ଭାରତର ଡିଜିଟାଲ ପେମେଣ୍ଟ ବିପ୍ଳବ ଗ୍ରାହକ ଓ ବ୍ୟବସାୟୀଙ୍କ ଦ୍ୱାରା ପରିଚାଳିତ ସମସ୍ତ ସିଲିଣ୍ଡର ଉପରେ ଚାଲୁଛି । ଯେଉଁଥିରେ ଅଂଶୀଦାରମାନଙ୍କୁ ଏକ ଅନ୍ତର୍ଭୁକ୍ତ, ସୁରକ୍ଷିତ ଏବଂ ଭବିଷ୍ୟତ ପ୍ରମାଣିତ ଡିଜିଟାଲ୍ ପେମେଣ୍ଟ ଇକୋସିଷ୍ଟମ୍ ନିର୍ମାଣ କରିବା ପାଇଁ ଉଦ୍ଭାବନ ଏବଂ ସହଯୋଗ କରିବାର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଛି । ଡିଜିଟାଲ ପେମେଣ୍ଟ ବିପ୍ଳବର ଏହି ଉଲ୍ଲେଖନୀୟ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବା ହେଉଛି ଡିଜିଟାଲ୍ ପେମେଣ୍ଟର ଅତୁଳନୀୟ ସୁବିଧା, ଯାହାକୁ ୬୦% ରୁ ଅଧିକ ଉତ୍ତରଦାତା ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍ କ୍ରୟ ପାଇଁ ପ୍ରାଥମିକ ପ୍ରେରଣା ବୋଲି ଦର୍ଶାଇଛନ୍ତି । ବେଗ, ଦକ୍ଷତା ଏବଂ ଲୋଭନୀୟ ପୁରସ୍କାର ଏହି ଆକର୍ଷଣକୁ ଆହୁରି ବଢ଼ାଇଥାଏ । ଯାହା ବ୍ୟାପକ ଗ୍ରହଣକୁ ଉତ୍ସାହିତ କରିଥାଏ । ୫୩% ଉପଭୋକ୍ତା ଅନ୍‌ଲାଇନ୍ କ୍ରୟ ପାଇଁ ୟୁପିଆଇକୁ ପସନ୍ଦ କରୁଥିବା ବେଳେ ଡିଜିଟାଲ ୱାଲେଟ୍ ଏବଂ କାର୍ଡ (କ୍ରେଡିଟ୍, ଡେବିଟ୍ ଏବଂ ପ୍ରିପେଡ୍) ୩୦% ଉପଭୋକ୍ତା ଏହାକୁ ପସନ୍ଦ କରୁଛନ୍ତି । ଅଫ୍‌ଲାଇନ୍ କ୍ରୟରେ ୨୫% ଗ୍ରାହକ ୟୁପିଆଇକୁ ପସନ୍ଦ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ୨୦% ଡିଜିଟାଲ ୱାଲେଟ୍ ଏବଂ କାର୍ଡକୁ ପସନ୍ଦ କରୁଛନ୍ତି ।

# ରାଜଧାନୀରେ କାନ୍ଥର ସୌନ୍ଦର୍ଯ୍ୟ ହ୍ରାସ ପାଉଛି:ପ୍ରଶାସନ ନିରବ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କାନ୍ଥରେ ଚିତ୍ର କରିବାକୁ ଖର୍ଚ୍ଚ କଲେ କୋଟିଏ ସତୁରୀ ଲକ୍ଷ । ରସୁଲଗଡ଼ ବାଣୀବିହାରରୁ ବରମୁଣ୍ଡା, ସିଆରପି ଛକରୁ ଏଜି, ଫାୟାର ଷ୍ଟେସନ୍‌ରୁ ଓୟୁଏଟି ଆଦି ଛକରେ କେଉଁଠି ଐତିହ୍ୟ, ଓଡ଼ିଶାର ବୀର ପୁରୁଷ, କେଉଁଠି ସହରୀ ଜୀବନଶୈଳୀ ପୁଣି କେଉଁଠି ବର୍ଣ୍ଣବୋଧରୁ 'ଯାଜ୍ଞସେନୀ' ଯାଏଁ ସ୍ଥାନ ପାଇଲା । କିନ୍ତୁ କିଛିଦିନ ପରେ ଏହି ଚିତ୍ରକୁ ସମ୍ପୂର୍ଣ୍ଣ ଭୁଲିଗଲେ । ବର୍ତ୍ତମାନ କିଏ ଉତ୍କଳର ବୀର ପୁରୁଷଙ୍କ ଆଗରେ ପରିସ୍ରା କରୁଛି ତ କିଏ ଘରଭଡ଼ା, ଟ୍ୟୁସନ୍ ଓ ରାଜନୀତିକ ପୋଷ୍ଟର ଲଗାଉଛି । ପୁଣି କେତେକ ଉଠା ଦୋକାନୀ ଏହି ଚିତ୍ର ଆଗରେ ନିଜ ପସରା ମେଲାଇଛନ୍ତି । ଏହି ଚିତ୍ରକୁ ଦେଖିଲେ ସରକାରଙ୍କର ସହରର ସୌନ୍ଦର୍ଯ୍ୟତା ପାଇଁ କେତେ ଦୃଷ୍ଟି ତାହା ଜଣା ପଡ଼ିଯାଉଛି । । ଉଦାହରଣ ଭାବରେ ବିଗ୍ ବଜାର ଛକରୁ ଝାରପଡ଼ା ରେଲୱେ ଓଭରବ୍ରିଜ୍‌କୁ ନିଆଯାଇପାରେ ଏହି ଛକରେ କାନ୍ଥରେ ପରିବେଶର ମୁଖ୍ୟ ଅଂଶ ଜଳ, ସ୍ଥଳ ଓ ବାୟୁର ସ୍ୱଚ୍ଛତା



ଶୀର୍ଷକ ଚିତ୍ର ଅଙ୍କା ଯାଇଥିଲା । ଏଥିସହିତ କରୋନା ମହାମାରି, ଭ୍ୟାକ୍ସିନ, ମାକ୍ସ, ସାନିଟାଇଜର ଆଦିର ମଧ୍ୟ ଚିତ୍ର ଅଙ୍କା ଯାଇଥିଲା । କିନ୍ତୁ ବର୍ତ୍ତମାନ ଏହି ଚିତ୍ରଗୁଡ଼ିକ ଉଠା ଦୋକାନୀଙ୍କ କବଜାରେ ମନ୍ଦିର ଛକରୁ ଲୁଚିଯାଇଛି । ଏପରିକି ଯେଉଁଠି ବି ଟିକିଏ ଫାଙ୍କା ଅଛି ସେଠାରେ ମଧ୍ୟ ସେମାନେ ଗ୍ରାହକ ଲାଗି ଚଉକି ପକେଇ ଦେଇଛନ୍ତି । ଫଳରେ ଚିତ୍ରଗୁଡ଼ିକ ଦେଖାଯାଉନାହିଁ । ସେହିପରି ରାମ ହାଉସିଂବୋର୍ଡ ଛକ ଯାଏଁ ଓଡ଼ିଶୀ ମୁଦ୍ରା, ବୋଇତ ବନ୍ଦାଣ, ଓଡ଼ିଶାର ଐତିହାସିକ ମନ୍ଦିର ଆଦି ଚିତ୍ରଣ କରାଯାଇଥିଲା । ଏହା ମଧ୍ୟ ଉଠା ଦୋକାନୀଙ୍କ କବଜାରେ ରହିଛି । ଏପରିକି କିଛି ଲୋକବାଣୀ ଯେପରିକି 'ଆ କା ମା ବୈ' ବଦଳରେ 'ଅ କା ମା' ଲେଖା ହୋଇଛି । ସବୁଆଡ଼େ ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଆଜି ଯାଏଁ ଏହି ଲେଖାକୁ ଠିକ୍ କରାହେଲାନାହିଁ । ସେହିପରି ଶ୍ରୀୟା ଛକରୁ ମାଷ୍ଟରକ୍ୟାଣ୍ଟିନ୍ ଛକ ପର୍ଯ୍ୟନ୍ତ ବହୁ ଚର୍ଚ୍ଚିତ କଳାକାର, ସଙ୍ଗୀତ ଓ ସିନେମାକୁ ଚିତ୍ରିତ କରାଯାଇଥିଲା କିନ୍ତୁ ବର୍ତ୍ତମାନ ଏହା ଲୋକଙ୍କ ପାଇଁ ଶୌଚାଳୟ ପାଲଟିଛି ଅଥବା ସେଠାରେ ଗାଡ଼ି ପାର୍କିଂ ହେଉଛି । ସେହିପରି ସିଆରପି ଛକରୁ ଷ୍ଟୁଆର୍ଟ ସ୍କୁଲ୍ ଦେଇ ଡେଲଟା ଓ ୟୁନିଟ୍ ୮ ଡିଏଭି ସ୍କୁଲ ପର୍ଯ୍ୟନ୍ତ ଶିକ୍ଷା, ବିଦ୍ୟାଳୟର ଉପକରଣ, ବିଭିନ୍ନ ବିଷୟବସ୍ତୁ, ଖଣିଜ ପଦାର୍ଥ ଆଦି ଚିତ୍ର ଚିତ୍ରିତ ହୋଇଥିଲା କିନ୍ତୁ ବର୍ତ୍ତମାନ ପୋଷ୍ଟର ଲଗାଇବା ସ୍ଥାନ, ଶୌଚାଳୟ ଓ ଡଷ୍ଟବିନ୍ ପାଲଟିଛି । ସବୁଠାରୁ ତାତ୍ସଲ୍ୟର କଥା ଏହି କି ଯେ ଯେଉଁଠାରେ ସ୍ୱଚ୍ଛ ଭାରତ ଲେଖା ହେଉଛି ସେହିଠାରେ ଆବର୍ଜନା ଗଦା ହେଉଛି । ବିଏମ୍‌ସି ପକ୍ଷରୁ ରାଜଧାନୀର ସୌନ୍ଦର୍ଯ୍ୟ ଓ ସ୍ୱଚ୍ଛତା ରକ୍ଷା କରିବା ପାଇଁ କାନ୍ଥରେ ଓ ଗଛରେ ହୋର୍ଡିଂ ଲଗାଇବାକୁ ନିଷେଧ କରିଥିଲା । ଯିଏ ଏହି ପୋଷ୍ଟର କି ବ୍ୟାନର ଲଗାଇବ ତାଠାରୁ ଜରିମାନା ଆଦାୟ ହେବା ସହିତ କେସ୍ ମଧ୍ୟ କରାଯାଉଥିଲା । କିନ୍ତୁ ବର୍ତ୍ତମାନ ଲୋକ ଖୁଲମଖୁଲା ଏହି ନିୟମର ଉଲ୍ଲଂଘନ କରୁଛନ୍ତି । ଯେଉଁ କାନ୍ଥ ଯିବା ଆସିବା ବେଳେ ଲୋକ ଦେଖି ଅଟକି ଯାଉଥିଲେ ବର୍ତ୍ତମାନ ତାହା ପୋଷ୍ଟରରେ ଭର୍ତ୍ତି ହୋଇଯାଇଛି ।

## ବାଘଛାଲ ଜବତ, ୩ ଗିରଫ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ନୂଆପଡା ଜିଲ୍ଲା ସିନାପାଲି ରେଞ୍ଜ ସୀମାନ୍ତ ଅଞ୍ଚଳରୁ ଗୋଟିଏ କଲରାପତରିଆ ବାଘ ଛାଲ ଜବତ କରିଛି ବନ ବିଭାଗ । ଏଥିରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜୀଜ ଖାନ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ ନୂଆପଡା ଜିଲ୍ଲା ସିନାପାଲି ରେଞ୍ଜର ସୀମାନ୍ତ ଅଞ୍ଚଳରେ ବାଘ ଛାଲ ଡିଲ୍ ହେଉଥିବା ଖବରପାଇ ଖଡ଼ିଆଳ ବନଖଣ୍ଡ ଟିମ୍ ଏବଂ ଛତିଶଗଡର ଉଦନ୍ତୀ ସୀତା ନଦୀ ଟାଇଗର ପ୍ରୋଜେକ୍ଟର ମିଳିତ ଉଦ୍ୟମରେ ଚଢଉ କରାଯାଇଥିଲା । ସେଠାରୁ ବାଘ ଛାଲ ଏବଂ ୩ଟି ମୋବାଇଲ ଜବତ କରିବା ସହ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ରେଞ୍ଜ ଅଫିସ ଆଣି ଅଧିକ ତଦନ୍ତ ପରେ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତ ୩ ଜଣ ସିନାପାଲି ଅଞ୍ଚଳର ହୋଇଥିବା ଜଣାପଡିଛି ।



## ମୃତ୍ୟୁ ପରେ ଯୁବ ଇଞ୍ଜିନିୟରଙ୍କ ଚକ୍ଷୁଦାନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ପଳାଶୁଣି ନିବାସୀ ଯୁବ ଇଞ୍ଜିନିୟର ତନ୍ମୟ କୁମାର ବସ୍ତିଆ ଫୁସ୍‌ଫୁସ୍ ସଂକ୍ରମଣରେ ରୋଗାକ୍ରାନ୍ତ ହୋଇ ଗୁରୁବାର ଦିନ ମୃତ୍ୟୁବରଣ କରିଛନ୍ତି । ତନ୍ମୟ ହେଉଛନ୍ତି ଶିଳ୍ପପତି ପ୍ରସନ୍ନ କୁମାର ବସ୍ତିଆଙ୍କର ଏକମାତ୍ର ପୁତ୍ର । ତନ୍ମୟ ମୃତ୍ୟୁ ବେଳକୁ ମାତ୍ର ୨୩ ବର୍ଷ ହୋଇଥିଲା । ସେ ଅଟୋମୋବାଇଲ ଇଞ୍ଜିନିୟରିଙ୍ଗରେ ଡିଗ୍ରୀ କରିଥିଲେ । ସେ ବହୁବାର ରକ୍ତ ଦାନ କରି ବହୁତ ରୋଗୀଙ୍କ ମୁହଁରେ ହସ ଆଣିଥିଲେ । ମୃତ୍ୟୁ ପରେ ସେ ତାଙ୍କର ଚକ୍ଷୁ ଦାନ କରି ଦୁଇଟି ଦୃଷ୍ଟିବାଧିତ ଦୁଃଖୀ ଲୋକଙ୍କ ମୁହଁରେ ଆଲୁଅ ଦେଇ ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ।

## ||||||||||||||| ଭିନ୍ନକ୍ଷମଙ୍କୁ ମିଳୁନି ଆବାସ ଘର |||||||||||||||

# ଝାଟିମାଟି ଘର ଭାଙ୍ଗିଯିବାରୁ ଅନ୍ୟ ଘରେ ନେଇଛନ୍ତି ଆଶ୍ରୟ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ଆଗଲପୁର (ଡୁଡୁକା) ବ୍ଲକ କୁଟାସିଂହା ପଞ୍ଚାୟତ ଡୁଙ୍ଗୁରିପାଲି ଗାଁର ବାସିନ୍ଦା ହିରୋ ସୁନା (୩୭) ଜନ୍ମରୁ ସେ ଭିନ୍ନକ୍ଷମ ଅଟନ୍ତି । ଡାହାଣ ଗୋଡ଼ ସରୁ ହୋଇ ବାମ ଗୋଡ଼ରୁ ଛୋଟ ଥିବାରୁ ଠିକ୍‌ରେ ଚାଲି ପାରନ୍ତି ନାହିଁ କି କୌଣସି କାମ ଧନ୍ଦା କରି ପାରନ୍ତିନାହିଁ । ୧୦ ବର୍ଷ ହେଲା ମା', ବାପାଙ୍କ ମୃତ୍ୟୁ ହୋଇସାରିଛି । ବଡ ଭାଇ ନିଜ ପରିବାରକୁ ନେଇ ଅଲଗା ରହୁଛନ୍ତି । ଭାଗ ପାଇଥିବା ଦୁଇ ବଖରା ମାଟି ଚାଳ ଛପର ଘରେ ନିଜେ ରୋଷେଇ କରି ଚଳୁଥିଲେ ଅବିବାହିତ ହିରୋ ସୁନା । ହେଲେ ଅର୍ଥାଭାବ ତଥା ନିଜେ ଅକ୍ଷମ ଥିବାରୁ ଘରକୁ ମରାମତି କରିପାରିଲେନାହିଁ । ଫଳରେ ଘର ଭାଙ୍ଗିରୁଜି ଗଲାଣି । ଏବେ ବର୍ଷେ ହେବ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଛନ୍ତି । ସରକାରଙ୍କ ଆବାସ ଯୋଜନା ତଥା ଭିନ୍ନକ୍ଷମ କୋଟାରୁ ଘର ଖଣ୍ଡିଏ ଯୋଗାଇ ଦେବାକୁ ପ୍ରଶାସନକୁ ବହୁବାର ଜଣେଇଥିଲେ ବି ଏପର୍ଯ୍ୟନ୍ତ ପ୍ରଶାସନ ତାଙ୍କ କଥା ଶୁଣିନାହିଁ । ଭିନ୍ନକ୍ଷମ ଭତ୍ତା ବାବଦକୁ ୧୦୦୦ ଟଙ୍କା ଓ ୫ କେଜି ରାସନ ଚାଉଳକୁ ଛାଡିଦେଲେ ଆଉ କୌଣସି ସରକାରୀ ସହାୟତା ପାଇନଥିବା କହିଛନ୍ତି ୫୫ ପ୍ରତିଶତ ଭିନ୍ନକ୍ଷମ ହିରୋ ସୁନା । ଭିନ୍ନକ୍ଷମ ହିରୋ ସୁନାଙ୍କୁ ଆବାସ ଘର ସାତ ସପନ । ମାଟି, ଚାଳଛପର ଘର ଭାଙ୍ଗି ଯିବାରୁ ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି । ଅନିୟମିତତା ଘେରରେ କୁଟାସିଂହା ଗ୍ରାମ ପଞ୍ଚାୟତ । ଗୋଟିଏ ଗୋଟିଏ ପରିବାରରେ ଏକାଧିକ ଘର, ପୁଣି ଷ୍ଟଲ୍ ନିର୍ମାଣ କରିଛନ୍ତି । ବହୁ ଅଯୋଗ୍ୟ ହିତାଧିକାରୀ ଏଥିରେ ସାମିଲ ହୋଇ ଆବାସ ଘର ହାତେଇ ନିଜର ପ୍ରଭାବ ଜାହିର କରିଥିବା ବେଳେ ଅସହାୟ ହିରୋ ସୁନାଙ୍କୁ ମିଳିନଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମାଳ ମାଳ ଯୋଜନା, କିନ୍ତୁ ଉପଯୁକ୍ତ ହିତାଧିକାରୀ ଏଥିରୁ ବଞ୍ଚିତ ହୋଇଥିବା ଉଦାହରଣ । ଯେପରିକି ଭାତ ହାଣ୍ଡିରେ ଗୋଟିଏ ଭାତ ଚିପିଲେ ଯାହା, ସେଭଳି ଅବସ୍ଥା କୁଟାସିଂହା ଗ୍ରାମପଞ୍ଚାୟତରେ ଦେଖିବାକୁ ମିଳିଛି । ଏଠାରେ ସୂଚନା ଯୋଗ୍ୟ ଯେ, କୁଟାସିଂହା କଂଟାପାଲି ପଡ଼ା ଗ୍ରାମର ଭୂମିହୀନ, ସୁରଜ୍ ବାଗଙ୍କୁ ମଧ୍ୟ ଘର ମିଳିପାରିନାହିଁ । ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ସାପ ନେଉଛି ଜୀବନ:୮ ବର୍ଷରେ ପ୍ରାଣ ହରାଇଲେଣି ସାତ ହଜାର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବର୍ଷା ଋତୁରେ ରାଜ୍ୟରେ ସାପ କାମୁଡ଼ା ଭୟ ବଢ଼ିଛି । ରାଜ୍ୟରେ ପ୍ରତିବର୍ଷ ସାପ କାମୁଡ଼ା ଦ୍ୱାରା ପ୍ରାୟ ୧୦୦୦ରୁ ଅଧିକ ଜୀବନ ଯାଉଛି । ୨୦୧୫-୧୬ରୁ ୨୦୨୨- ୨୩ ମଧ୍ୟରେ ସାପ କାମୁଡାରେ ୭,୧୨୫ ଜଣ ପ୍ରାଣ ହରାଇଛନ୍ତି । ଏଥିରେ ଅଙ୍କୁଶ ଲଗାଇବା ପାଇଁ ବିବିଧ କାର୍ଯ୍ୟକ୍ରମ ଜାରି ରହିଛି । ସାପ କାମୁଡ଼ା ପରେ ଗୋଲ୍‌ଡେନ୍ ଆୱାରକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଦେଶୀ ଚିକିତ୍ସାକୁ ବାରଣ କରାଯାଇଛି । ସାପ କାମୁଡିଥିବା ବ୍ୟକ୍ତିବିଶେଷଙ୍କୁ ଚଲାବୁଲା ନକରାଇ ତୁରନ୍ତ ନିକଟସ୍ଥ ଚିକିତ୍ସାଳୟ ନେବା ଆବଶ୍ୟକ । ଏହାଦ୍ୱାରା ଜୀବନ ବଞ୍ଚାଯାଇପାରିବ । ଚଳିତ ବର୍ଷ କେନ୍ଦ୍ର ସରକାର ଏଥିପାଇଁ ଜାତୀୟ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିଛନ୍ତି । ସେହିଭଳି ରାଜ୍ୟ ମଧ୍ୟରେ ଏକ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯିବ ଏବଂ ସେହି ଆଧାରରେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏନେଇ ସମସ୍ତ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଅନ୍ୟଦିନ ଅପେକ୍ଷା ବର୍ଷା ଦିନେ ଅଧିକ ସାପ ଦେଖାଦିଅନ୍ତି । ଓଡ଼ିଶାରେ ପ୍ରାୟ ୭୦ ପ୍ରତିଶତ ବିଷ ନଥିବା ସାପ ରହିଥିବାବେଳେ ୩୦ ପ୍ରତିଶତ ବିଷଧର ସାପ ଦେଖାଦେଇଥାନ୍ତି । ସେଥିମଧ୍ୟର ୬ରୁ ୮ ପ୍ରକାର ବିଷଧର । ଯେଉଁଥିରେ ନାଗ, ଚିତି, ରଣା, ଧୂଳିଆ ବୋଡା, ଚନ୍ଦନ ବୋଡା, ନାଉଡଙ୍କିଆ ଅଛନ୍ତି । ଏହି ସାପ କାମୁଡିବା ଦ୍ୱାରା ମୃତ୍ୟୁ ଘଟିବାର ଶତ ପ୍ରତିଶତ ସମ୍ଭାବନା ରହିଥାଏ । ସାପ କାମୁଡିବା ପରେ ସାପବିଷ ଅପେକ୍ଷା ଏଥିନେଇ ଥିବା ଡର ଅଧିକ ବିପଦ ସାଜିଥାଏ । ସେଥିପାଇଁ କେତେକ ହୃଦ୍‌ଘାତରେ



ପ୍ରାଣ ହରାଇଥାନ୍ତି । ସେହିପରି ସାପ କାମୁଡିବା ପରେ ଚଲାବୁଲା ନକରି ଶରୀରକୁ ସ୍ଥିର ରଖି ତୁରନ୍ତ ଡାକ୍ତରଖାନା ନେବା ଆବଶ୍ୟକ । ସରକାରୀ ଡାକ୍ତରଖାନାଗୁଡ଼ିକରେ ପରୀକ୍ଷାରୁ ନେଇ ଆଣ୍ଟିଭେନମ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ଦିଆଯାଉଛି । ତେଣୁ କୌଣସି ଝଡ଼ାଫୁଙ୍କା ବା ଗୁଣିଗାରେଡ଼ି ଅବା ଦେଶୀ ଚିକିତ୍ସାରେ ସମୟ ନଷ୍ଟ ନକରି ଶୀଘ୍ର ହସ୍ପିଟାଲ୍‌କୁ ନେବା ଦରକାର । ସେହିପରି ଆଣ୍ଟିଭେନମର ମଧ୍ୟ ପାର୍ଶ୍ୱପ୍ରତିକ୍ରିୟା ରହିଛି । ଅଭିଜ୍ଞ ଓ ପ୍ରଶିକ୍ଷଣ ନେଇଥିବା ଡାକ୍ତରଙ୍କ ହିଁ ଏହାକୁ ଦେଇପାରିବେ । ଏଥିପାଇଁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ସହଭାଗିତାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଶିକ୍ଷଣ ଦିଆଯାଇଛି । ଦୁଇଟି ପର୍ଯ୍ୟାୟରେ ୨୦୨୩-୨୪ରେ ପ୍ରାୟ ୨୩୦ ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । କିଭଳି ଚିକିତ୍ସା କରିବେ ଏବଂ କ'ଣ ପଦକ୍ଷେପ ଗ୍ରହଣ କରିବେ ସେ ସମ୍ପର୍କରେ ପ୍ରଶିକ୍ଷଣରେ କୁହାଯାଇଛି । ଅସୁବିଧା ହେଲେ ବା ଅଧିକ ଗୁରୁତର ରୋଗୀ ହେଲେ ଜିଲ୍ଲା ତଥା ଭେଷଜ ମହାବିଦ୍ୟାଳୟକୁ ରେଫର କରିବେ । ଏହାଛଡା ପ୍ରତି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୦ ଭାଏଲ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩୦ ଭାଏଲ ଆଣ୍ଟିଭେନମ ମହଜୁଦ ରହିବ । ଏହାସହିତ ସଦର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକତା ଅନୁସାରେ ଆଣ୍ଟିଭେନମ ମହଜୁଦ ରହିବ । ଚଳିତ ବର୍ଷ ଠାରୁ ଡେଙ୍ଗୁ ଓ ଅନ୍ୟାନ୍ୟ ରୋଗ ପରି ବର୍ଷ ତମାମ ସାପ କାମୁଡ଼ା ଚିକିତ୍ସା ଓ ନିରାକରଣ ଉପରେ କାର୍ଯ୍ୟକ୍ରମ କରାଯିବ । ସମସ୍ତ ତଥ୍ୟ ସ୍ୱାସ୍ଥ୍ୟ ବିଭାଗ ନିକଟରେ ରହିବ । ସିଡିଏମ୍‌ଓ ସମ୍ପୃକ୍ତ ଜିଲ୍ଲାରୁ ତଥ୍ୟ ସଂଗ୍ରହ କରି ଏହାର ବିବରଣୀ ପ୍ରଦାନ କରିବେ । ଏନେଇ ରାଜ୍ୟ ଆକ୍ସନ ପ୍ଲାନ୍ ତିଆରି ହେବ । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏନେଇ ସମସ୍ତ ଡାକ୍ତରଖାନାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଡାକ୍ତରଙ୍କୁ ପ୍ରଶିକ୍ଷଣ ଦିଆଯିବା ସହିତ ଆଣ୍ଟିଭେନମ ମଧ୍ୟ ମହଜୁଦ ରଖାଯାଇଛି । ସ୍ନେକ୍ ହେଲ୍ପଲାଇନ୍ ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି ବର୍ଷର ସବୁ ସମୟରେ ସାପ କାମୁଡ଼ା ମାମଲା ଆସିଥାଏ । କିନ୍ତୁ ବର୍ଷା ଦିନେ ଅଧିକ ରହିଥାଏ । ସାପ କାମୁଡିବା ପରେ ତୁରନ୍ତ ଡାକ୍ତରଖାନାକୁ ନେଇ ଚିକିତ୍ସା କରିବା ଦରକାର । ସେହିପରି ସାପ କାମୁଡ଼ା ପାଇଁ ଗୁଣିଗାରେଡି କରୁଥିବା ଗୁଣିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ । ବନ୍ୟପ୍ରାଣୀ ଭାବେ ବାଘ, ହାତୀ, ଭାଲୁ ଆକ୍ରମଣରେ ମୃତ୍ୟୁ ହେଲେ ୬ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉଛି । ମାତ୍ର ନିୟମ ଅନୁସାରେ ସାପ ବି ବନ୍ୟପ୍ରାଣୀରେ ଆସୁଥିବାବେଳେ ଏଥିପାଇଁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉଛି । ତେଣୁ ଏହାକୁ ବୃଦ୍ଧି କରାଯିବାକୁ ସେ ଦାବି କରିଛନ୍ତି ।

# ସମସ୍ୟା ଘେରରେ ଲକ୍ଷ୍ମୀପୁର ପ୍ରାଥମିକ ବିଦ୍ୟାଳୟ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ଶିକ୍ଷାର ବିକାଶ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ କେଉଁଠି ଛାତ୍ର ତୁଳନାରେ ଆବଶ୍ୟକ ଶିକ୍ଷକ ନଥିବା ବେଳେ, କେଉଁଠି ଆବଶ୍ୟକ ଶ୍ରେଣୀ ଗୃହ ନାହିଁ ତ କେଉଁଠି ପାଚେରୀ ନଥିବାରୁ ଶୈକ୍ଷିକ ପରିବେଶ ନଷ୍ଟ ହେଉଥିବା ଅଭିଯୋଗ ହେଉଛି । ଏଭଳି ଅଭିଯୋଗ ଆସିଛି ବୌଦ୍ଧ ବ୍ଲକ ବ୍ରାହ୍ମଣୀପାଲି ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମୀପୁର ସରକାରୀ ପ୍ରାଥମିକ



ବିଦ୍ୟାଳୟରୁ । ଏହି ପଞ୍ଚାୟତ ଏକ ଅନୁନ୍ନତ ଅଞ୍ଚଳ ହୋଇଥିବାରୁ ଶିକ୍ଷାର ବିକାଶ ପାଇଁ ସରକାର ୨୦୦୯ ମସିହାରେ ଲକ୍ଷ୍ମୀପୁର ସରକାରୀ ବିଦ୍ୟାଳୟ ଖୋଲିଥିଲେ । ବର୍ତ୍ତମାନ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୭ ଜଣ ଛାତ୍ରଛାତ୍ରୀ ପଢୁଥିବାବେଳେ ଏମାନଙ୍କ ପାଇଁ ଅଛନ୍ତି ୨ ଜଣ ଶିକ୍ଷକ । ତେବେ ପାଚେରୀ ମାତ୍ର ଏକ ତୃତୀୟାଂଶ ହୋଇ ଥିବାରୁ ସ୍କୁଲ ଭିତରେ ସୌନ୍ଦର୍ଯ୍ୟକରଣକୁ ବୁଲା ଗାଈଗୋରୁ ପଶି ନଷ୍ଟ କରୁଛନ୍ତି । ରାତିରେ ମଦ୍ୟପମାନଙ୍କ ଆସର ଜମୁଛି । ଖେଳ ପଡିଆ ନଥିବାରୁ ଛାତ୍ରଛାତ୍ରୀମାନେ ବିଭିନ୍ନ ଖେଳରୁ ବଞ୍ଚିତ ହେଉଛନ୍ତି । ତୁରନ୍ତ ଅସଂପୂର୍ଣ୍ଣ ପାଚେରୀ ସଂପୂର୍ଣ୍ଣ କରିବା ସହିତ ଖେଳପଡିଆ ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଚୋରି ସାମଗ୍ରୀ ଜବତ୍:୫ ଡକାୟତ ଗିରଫ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ସଦରଥାନା ଅନ୍ତର୍ଗତ ଚକ୍ରୋଡା ପଞ୍ଚାୟତ କାର୍ଯ୍ୟାଳୟରୁ ଏକମାସ ପୂର୍ବରୁ ଦୁର୍ବୃତ୍ତମାନଙ୍କ ଦ୍ୱାରା ବହୁ ମୂଲ୍ୟବାନ ସାମଗ୍ରୀ ତାଲା ଭାଙ୍ଗି ଚୋରି ହୋଇଥିଲା । ଚକ୍ରୋଡା ସରପଞ୍ଚ ତନୁଜା ନାୟକ ସଦର ଥାନାରେ ଏତଲା ଦେଇଥିଲେ । ଏହି ଏତଲାକୁ ଭିତ୍ତିକରି ସଦର ଥାନା ପୋଲିସ ବହୁ ସାମଗ୍ରୀ ଜବତ କରି ୫ ଜଣଙ୍କୁ ଥାନାରେ ଅଟକ ରଖିଛି । ଡକାୟତମାନେ ହେଲେ ସଦରଥାନା ଅନ୍ତର୍ଗତ ନରିଲୋ ଗ୍ରାମର ନୃସିଂହ ମଲିକଙ୍କ ପୁଅ ଧନି ମଲିକ (୨୫) ଓ ଗିରିଗୋଲା ଶାସନର ବାବୁଲି ମଲିକଙ୍କ ପୁଅ ରାକେଶ କୁମାର ମଲିକ, ନେମାଳ ଥାନା ଅନ୍ତର୍ଗତ ତରତ ଗ୍ରାମର ନିରଞ୍ଜନ ରାଉତଙ୍କ ପୁଅ ସଂଗ୍ରାମ ରାଉତ (୨୪) ଓ କେରିଲୋ ଗ୍ରାମର ବିରେନ୍ଦ୍ର ସିଂଙ୍କ ପୁଅ ଅଜୟ ସିଂ (୨୦), କୁଦାନଗରୀ ଫାଣ୍ଡି ଅନ୍ତର୍ଗତ କ୍ଷୀରୋଦ ମଲିକଙ୍କ ପୁଅ ଜୟନ୍ତ ମଲିକ (୨୨)ଙ୍କୁ ଅଟକ ରଖି ପଚରାଉଚରା କରୁଛନ୍ତି । ସେମାନଙ୍କ ନିକଟରୁ ଗୋଟିଏ ୩୦ଇଞ୍ଚର ଏଲଇଡି ଟିଭି, ଗୋଟିଏ ଏସି ଷ୍ଟାବଲାଇଜର, ଦୁଇଟି ଇନ୍‌ଭର୍ଟର ବ୍ୟାଟେରୀ, ଗୋଟିଏ ଇନ୍‌ଭର୍ଟର, ଗୋଟିଏ ପ୍ରିଣ୍ଟର ସଦରଥାନା ପୋଲିସ ଜବତ କରିଛି । ଏଥିସହିତ ବିଭିନ୍ନ ଜିଲ୍ଲାରୁ ବହୁ ଅଞ୍ଚଳରୁ ଚୋରି କରିଥିବା ସଦରଥାନା ପକ୍ଷରୁ ସୂଚନା ଦିଆଯାଇଛି । ସେମାନେ ବିଭିନ୍ନ ଜାଗାରୁ ଚୋରି କରି ଚୋରି ସାମଗ୍ରୀଗୁଡ଼ିକ ବିଭିନ୍ନ ଜାଗାରେ ବିକ୍ରି କରିଥିବା ଏହି ଡକାୟତମାନେ ସଦରଥାନା ପୋଲିସ ପାଖରେ ମାନିଛନ୍ତି । ଏହାକୁ ଭିତ୍ତିକରି ସଦରଥାନା ପୋଲିସ ତଦନ୍ତ ଜାରି ରଖିଛି ।

# ପ୍ରୋତ୍ସାହନ ଅଭାବରୁ ବିପଦରେ କଟକର ନାଟ୍ୟ ରଙ୍ଗମଞ୍ଚ

**କଟକ, ନ୍ୟୁଜ୍ ବ୍ୟୁରୋ**

ଏକଦା କଟକ ଥିଲା ରାଜ୍ୟରେ ନାଟ୍ୟ ଆନ୍ଦୋଳନର ଅନ୍ୟତମ ଏନ୍ତୁଡିଶାଳ । ଏଠିକାର ବହୁ ନାଟ୍ୟକାର ଓ ଅଭିନେତା ନାଟକକୁ ନେଇ ଜୀବନ ଜୀଉଁଥିଲେ । ଅନ୍ନପୂର୍ଣ୍ଣା ଥିଏଟର, ଜନତା ରଙ୍ଗମଞ୍ଚ ପରି ରଙ୍ଗମଞ୍ଚ ଓ କଳା ବିକାଶ କେନ୍ଦ୍ର, ଭଞ୍ଜକଳା ମଣ୍ଡପ ପରି ବିଭିନ୍ନ ମଞ୍ଚ ନାଟ୍ୟପ୍ରେମୀଙ୍କୁ ଭରପୁର ମନୋରଞ୍ଜନ ଯୋଗାଇ ଆସୁଥିଲା । ହେଲେ ଧୀରେ ଧୀରେ ସିନେମା ହଲ୍‌ର ପ୍ରତିଷ୍ଠା ସହ ଟିଭି ଓ ମୋବାଇଲର ପ୍ରାବଲ୍ୟ ରଙ୍ଗମଞ୍ଚ ସଂସ୍କୃତିକୁ ପଛରେ ପକାଇଦେଲା । ନାଟ୍ୟ ଆନ୍ଦୋଳନ ସହ ଜଡ଼ିତ ଅନେକ କଳାକାରଙ୍କ ଦାନା ପାଣି ବି ଏଥିପାଇଁ ଦିନକୁ ଦିନ ବାଧାପ୍ରାପ୍ତ ହେଲା । ତେବେ କଟକରେ ଏବେ ଯେଉଁ କେତୋଟି ନାଟ୍ୟ ଅନୁଷ୍ଠାନ ରହିଛନ୍ତି ସେଗୁଡିକ ଧୀରେ ଧୀରେ ଅବକ୍ଷୟମୁଖୀ ହେଉଥିବା ଅଭିଯୋଗ ଆସିଛି । କଟକର ହାତଗଣତି ଯେଉଁ କେତୋଟି ନାଟ୍ୟ ଅନୁଷ୍ଠାନ ବା ରଙ୍ଗ ମଞ୍ଚ ରହିଛି ସେଗୁଡିକର ଭବିଷ୍ୟତ ଏବେ ବିପଦରେ । ବକ୍ସି ବଜାର ସ୍ଥିତ ଅନ୍ନପୂର୍ଣ୍ଣା ଥିଏଟର ହେଉ କିମ୍ବା ବାଙ୍କାବଜାରର ଜନତା ରଙ୍ଗମଞ୍ଚ ସବୁଠି ଏବେ ଦୟନୀୟ ଅବସ୍ଥା । ଅନ୍ନପୂର୍ଣ୍ଣା ଥିଏଟର୍ କେବଳ ନାଟ୍ୟ କଳାକାରଙ୍କୁ ନେଇ ଚାଲୁଥିବା ବେଳେ ଜନତା ରଙ୍ଗମଞ୍ଚରେ ତାଲା ଝୁଲୁଛି ।







ଅନ୍ନପୂର୍ଣ୍ଣାରେ ପ୍ରଦର୍ଶିତ ହେଉଥିବା ନାଟକ ଦେଖିବା ପାଇଁ ଲୋକେ ଆଉ ଟିକେଟ୍ କାଟୁ ନାହାନ୍ତି । ଯେଉଁ ନାଟ୍ୟକାର କିମ୍ବା ଅଭିନେତା ନାଟକ ମଞ୍ଚସ୍ଥ କରୁଛନ୍ତି ସେମାନଙ୍କ ନିକଟ ସମ୍ପର୍କୀୟମାନେ ସେହି ନାଟକ ଦେଖିବାକୁ କେବଳ ଆସୁଥିବା ଦୃଷ୍ଟିଗୋଚର ହୋଇଛି । ସେପଟେ ବାଙ୍କାବଜାର ସ୍ଥିତ ଜନତା ରଙ୍ଗମଞ୍ଚରେ ତାଲା ଝୁଲୁଛି । ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଥିବା ଏହି ପୁରୁଣା ନାଟ୍ୟଶାଳାର ପୁନରୁଦ୍ଧାର ପାଇଁ ବି କେହି ଆଖିଦୃଶିଆ ଉଦ୍ୟମ କରୁଥିବା ଦେଖିବାକୁ ମିଳୁନି । ଆଗରୁ ରଙ୍ଗମଞ୍ଚରେ ନାଟକ ଦେଖିବା ପାଇଁ ଯେଉଁ ଭିଡ଼ ହେଉଥିଲା ତାହା ଆଜିକାଲି ସେପରି ନାହିଁ । ବକ୍ସି ବଜାର ସ୍ଥିତ ଅନ୍ନପୂର୍ଣ୍ଣା ଥିଏଟରରେ ନାଟକ ଦେଖିବା ପାଇଁ ଲୋକେ ଆଉ ପୂର୍ବଭଳି ଟିକେଟ୍ କାଟୁ ନାହାନ୍ତି । ମଞ୍ଚରେ ବିଭିନ୍ନ ନାଟକ ଦେଖିବା ପାଇଁ ଲୋକଙ୍କ ଭିତରେ ଆଉ ସେପରି ଆଗ୍ରହ ଦେଖିବାକୁ ମିଳୁନାହିଁ । ଯଦି କିଏ ନିମନ୍ତ୍ରଣ କରିଛି ତେବେ ଅନୁରୋଧ ରକ୍ଷା କରି କଦବା କେବେ କିଏ ଯାଉଛି । ଫିଲ୍ମ ହଲ୍‌ର ଦର୍ଶକଙ୍କ ତୁଳନାରେ ରଙ୍ଗମଞ୍ଚ ଦର୍ଶକଙ୍କ ସଂଖ୍ୟା ଶୂନ୍ୟ ବୋଲି କୁହାଯାଇଛି । ସେପଟେ ବାଙ୍କା ବଜାର ସ୍ଥିତ ଜନତା ରଙ୍ଗମଞ୍ଚ କେବଳ ନାମଫଳକରେ ସୀମିତ ହୋଇ ରହିଛି । ପୂର୍ବଭଳି ଆଉ ଏହି ରଙ୍ଗମଞ୍ଚରେ କୌଣସି ନାଟକ ମଞ୍ଚସ୍ଥ ହେଉନାହିଁ । ବିଭିନ୍ନ ଯାନି ଯାତ୍ରା ଓ ପର୍ବ ପର୍ବାଣୀରେ ନାଟକ ଦେଖିବାକୁ କଟକର ବହୁ ଲୋକେ ଏପରି ରଙ୍ଗମଞ୍ଚରେ ଏକାଠି ହେଉଥିଲେ । ତାହା ଆଜିକାଲି ଆଉ ଦେଖିବାକୁ ମିଳୁନି । ଅଧିକରୁ ଅଧିକ ଲୋକେ ଏବେ ଫିଲ୍ମ ଦେଖିବାକୁ ମଲ୍ଟିପ୍ଲେକ୍ସ ଯିବାକୁ ପସନ୍ଦ କରୁଥିବା ଦେଖିବାକୁ ମିଳିଛି । ସହରରେ ନାଟକ ଦେଖିବା ଲୋକଙ୍କ ସଂଖ୍ୟା କମିଥିବାରୁ ବେଳେ ବେଳେ ଅନ୍ନପୂର୍ଣ୍ଣା ଥିଏରରେ ମଞ୍ଚସ୍ଥ ହେଉଥିବା ଦର୍ଶକ ଗ୍ୟାଲେରୀ ଖାଲିପଡୁଥିବା ଦେଖିବାକୁ ମିଳିଛି । ବହୁବର୍ଷ ପୂର୍ବେ କଦବା କେବେ ଜନତା ରଙ୍ଗମଞ୍ଚରେ ମଞ୍ଚସ୍ଥ ହେଉଥିବା ନାଟକ ଲୋକେ ଆଉ ଦେଖିବାକୁ ପାଉନାହାନ୍ତି । ଦିନକୁ ଦିନ ବର୍ଦ୍ଧିଷ୍ଣୁ ମୋବାଇଲ ପ୍ରୀତି ଫିଲ୍ମ ହଲ୍‌ଗୁଡିକର ଋହିଦା କମାଇଥିବା ବେଳେ ନାଟ୍ୟପ୍ରେମୀଙ୍କ ସଂଖ୍ୟା ବି ହ୍ରାସ କରିଛି । ପ୍ରତିଷ୍ଠିତ ରଙ୍ଗମଞ୍ଚଗୁଡିକର ଦୁରବସ୍ଥା, ସଂସ୍କୃତି ବିଭାଗର ଉଦାସୀନତା ଓ ପରିବର୍ତ୍ତିତ ମନୋରଞ୍ଜନ ଧାରା ଯୋଗୁଁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ଗବେଷକମାନେ କହିଛନ୍ତି । ଦିନେ ନାଟ୍ୟ ଆନ୍ଦୋଳନର ନେତୃତ୍ୱ ନେଇଥିବା କଳାର ସହର କଟକରେ ଏପରି ଅବସ୍ଥା ଯେ ଦିନେ ଆସିବ ତାହା କେହି କଳନା କରିନଥିଲେ । ଏହି ସହରର ବହୁ ନାଟ୍ୟକାର ଓ ଅଭିନେତାଙ୍କ ସୃଜନୀ ଓ ପ୍ରତିଭା ଉପଯୁକ୍ତ ମଞ୍ଚ ଓ ଦର୍ଶକ ଅଭାବରୁ ଦିନକୁ ଦିନ ଅପସରି ଯାଉଥିବା ଅଭିଯୋଗ ଆସିଛି । ବେଳ ଥାଉଁ ଥାଉଁ ମୁମୂର୍ଷୁପ୍ରାୟ ନାଟ୍ୟ ସଂସ୍ଥାଗୁଡିକର ପୁନରୁଦ୍ଧାର ପାଇଁ ସରକାର ଯଦି ପ୍ରଯତ୍ନ ନକରନ୍ତି ତେବେ ଆଗାମୀ ପିଢ଼ି ନାଟକ କିମ୍ବା ରଙ୍ଗମଞ୍ଚ ସମ୍ପର୍କରେ କିଛି ଜାଣିପାରିବେ ନାହିଁ ବୋଲି ଆଶଙ୍କା ଉପୁଜିଛି ।

## ବିଏମ୍‌ସି ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବ

# ୫୦ ଲକ୍ଷ ଟଙ୍କାରେ ନିର୍ମିତ ଭେଣ୍ଡିଂ ଜୋନ୍ କାମରେ ଲାଗୁନି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ମହାନଗର ନିଗମର ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ସହରରେ ଅନେକ ପ୍ରକଳ୍ପ ବ୍ୟବହାର ହୋଇପାରୁନାହିଁ । ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ହେଉଥିବା ପ୍ରକଳ୍ପଗୁଡ଼ିକ ଦିନ କେଇଟା ପରେ ଅଲୋଡ଼ା ହୋଇଯାଉଛି । ଯେଉଁ ଉଦ୍ଦେଶ୍ୟରେ ସେଗୁଡ଼ିକ ନିର୍ମାଣ ହେଉଛି, ତାହା ସଫଳ ହୋଇପାରୁନାହିଁ । ଏମିତି ଏକ ପ୍ରକଳ୍ପ ହେଲା କର୍ପୋରେସନ୍ ରୋଡ୍‌ରେ ନିର୍ମିତ ୫୦ ଲକ୍ଷ ଟଙ୍କାର ଭେଣ୍ଡିଂଜୋନ୍ । ଗତ ଅନେକ ମାସ ହେଲା ଏହି ଭେଣ୍ଡିଂଜୋନ୍ ବ୍ୟବହାରରେ ଲାଗିପାରୁନାହିଁ । ପୁରାତନ ଗିରି ମାର୍କେଟ୍ ବିପଦ ସଙ୍କୁଳ ଅବସ୍ଥାକୁ ଚାଲିଯିବା ପରେ ତାହାକୁ ଉଚ୍ଛେଦ ପାଇଁ ମହାନଗର ନିଗମ ପକ୍ଷରୁ ୨୦୨୧ ମସିହାରେ ନିଷ୍ପତ୍ତି ନେଇଥିଲା । ପୂର୍ବରୁ ସେଠାରେ ଥିବା ଦୋକାନୀଙ୍କୁ ଉଠାଇ ଦିଆଗଲା । ଏହାପରେ ମାର୍କେଟ୍ କୋଠାକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଦିଆଗଲା । ୨୦୨୨ ନଭେମ୍ବରରେ ମାର୍କେଟ୍ ମାଟିରେ ମିଶିଲା । ୪୦ ହଜାର ବର୍ଗଫୁଟର ଏହି ବଜାର ଭାଙ୍ଗିଯିବା ପରେ ୧୭୩ ଜଣ ଦୋକାନୀ ବେସାହାରା ହୋଇଗଲେ । ପ୍ରତିଶ୍ରୁତି ଦିଆଯାଇଥିଲା, ଦୋକାନୀଙ୍କୁ ଥଇଥାନ କରାଯିବ । କିନ୍ତୁ ପରବର୍ତ୍ତୀ ସମୟରେ ଆଉ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ । ଗିରି ମାର୍କେଟ୍ ବ୍ୟବସାୟୀ ପେଟପାଉଣା ପାଇଁ ଏଣେତେଣେ ବୁଲିଲେ । ହେଲେ ଥଇଥାନକୁ ଗୁରୁତ୍ୱ ଦେଲାନାହିଁ ମହାନଗର ନିଗମ । ବାରମ୍ବାର ଦୋକାନୀମାନେ ପ୍ରତିବାଦ କରିବା ପରେ ମଧ୍ୟ ସୁଫଳ ମିଳିଲାନାହିଁ । କେତେକ ଦୋକାନୀ ଏକାଠି ହୋଇ ଗୋସାଇଁ ନୂଆଗାଁ ସ୍ଥିତ ଏକ ଆପାର୍ଟମେଣ୍ଟକୁ ସ୍ଥାନାନ୍ତର ହୋଇଗଲେ । ଆଉ କେତେ ଜଣ ଆସିକା ରୋଡ଼ରେ ଯିଏ ଯେଉଁଠି ପାରିଲା, ଦୋକାନ ଖୋଲିଲେ । କିଛି ଦୋକାନୀ ଜାଗା ନପାଇ ରାସ୍ତା କଡ଼କୁ ଚାଲି ଆସିଲେ । ଏହାକୁ ନେଇ ଦୋକାନୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ରତର ନେଲା । ଫଳରେ ମହାନଗର ନିଗମ ତରଫରୁ କର୍ପୋରେସନ୍ ରୋଡ୍ ଠାରେ ଏକ ଖାଲି ଜାଗାରେ ଅସ୍ଥାୟୀ ଭାବେ ଭେଣ୍ଡିଂଜୋନ୍ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲା । ପ୍ରାୟ ୫୦ ଲକ୍ଷ ଟଙ୍କାର ବ୍ୟୟରେ ୫୦ଟି ଦୋକାନ ଘର ନିର୍ମାଣ କରାଗଲା । ହେଲେ ତାହା ବ୍ୟବସାୟୀଙ୍କ କାମରେ ଲାଗୁନି । ଭେଣ୍ଡିଂଜୋନ୍‌ରେ ବ୍ୟବସାୟ ପାଇଁ ଅନୁକୂଳ ପରିବେଶ ନଥିବା ଯୋଗୁଁ ଦୋକାନ ଖୋଲିବାକୁ ପସନ୍ଦ କରୁନାହାନ୍ତି । ହାତ ଗଣତି କେତେକ ଦୋକାନକୁ ଛାଡ଼ିଦେଲେ ପ୍ରାୟତଃ ସବୁ ଦୋକାନ ଏକ ପ୍ରକାର ବନ୍ଦ ପଡ଼ିଛି । ରାତି ହେଲେ ଅସାମାଜିକଙ୍କ ଆଡ୍ଡା ଜମୁଛି । ଭେଣ୍ଡିଂଜୋନ୍ ପରିସରରେ ଏବଂ ବାହାରେ ଆବର୍ଜନା ଜମୁଛି । ବିଳମ୍ବିତ ରାତିରେ ମଦ ଆସର ଜମୁଛି । ଏଣେତେଣେ ମଦ ବୋତଲ ପଡ଼ିରହୁଛି । ବଜାର ପରିସରରେ ମାଟି ରାସ୍ତା ପଡ଼ିଛି । ସାମାନ୍ୟ ବର୍ଷା ହେଲେ ଅପରିଷ୍କାର ହୋଇଯାଉଛି । ବିଦ୍ୟୁତ୍ ଯୋଗାଣରେ ମଧ୍ୟ ସମସ୍ୟା ରହୁଛି । ଏକ ପ୍ରମୁଖ ସ୍ଥାନରେ ଭେଣ୍ଡିଂଜୋନ୍ ନିର୍ମାଣ ହୋଇଥିଲେ ମଧ୍ୟ ମହାନଗର ନିଗମର ଅସହଯୋଗ ଫଳରେ ଏହା ପୂର୍ଣ୍ଣାଙ୍ଗ ବଜାରରେ ପରିଣତ ହୋଇପାରୁନାହିଁ ବୋଲି କୁହାଯାଉଛି । ପ୍ରାୟ ଦେଢ଼ ବର୍ଷ ହେଲା ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଏବେବି ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି । ଅନ୍ୟପଟେ ପୁରାତନ ଗିରି ମାର୍କେଟ୍‌କୁ ଭାଙ୍ଗି ଦିଆଯାଇଥିଲେ ମଧ୍ୟ ତା' ସ୍ଥାନରେ ନୂତନ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ହୋଇପାରୁନାହିଁ । ଏପରିକି ଘରୋଇ-ସରକାର ସହଭାଗିତାରେ ଏହାର ନିର୍ମାଣ କରାଯିବ ନା ମହାନଗର ନିଗମ ନିଜସ୍ୱ ଅନୁଦାନରେ ଏହାର ନିର୍ମାଣ କରିବ ସେନେଇ କୌଣସି ନିଷ୍ପତ୍ତି ହୋଇପାରୁନାହିଁ । ବାରମ୍ବାର ଏନେଇ ମହାନଗର ନିଗମର କର୍ପୋରେସନ୍ ବୈଠକରେ ଆଲୋଚନା ହେଉଥିଲେ ମଧ୍ୟ ଏହା ଫଳପ୍ରଦ ହୋଇପାରିନାହିଁ । ଏହାକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

## କୋପା ଆମେରିକା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# କାନାଡ଼ାକୁ ହରାଇ ତୃତୀୟ ସ୍ଥାନରେ ଉରୁଗୁଏ



**ଚାର୍ଲୋଟ**

କୋପା ଆମେରିକା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ କାନାଡ଼ାକୁ ୪-୩ ଶୁଟ୍‌ଆଉଟରେ ହରାଇ ଦେଇଛି ଉରୁଗୁଏ। ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ଖେଳ ୨-୨ରେ ଅମୀମାଂସିତ ରହିବାରୁ ପେନାଲ୍ଟି ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା।

ମ୍ୟାଚ୍‌ରେ ରୋଡ୍ରିଗୋ ବେନାଟାନ୍‌କର ୮ମ ମିନିଟରେ ଗୋଲ ସ୍କୋର କରି ଉରୁଗୁଏକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ପରେ କାନାଡା ପକ୍ଷରୁ ଇସ୍‌ମାଇଲ କୋନ୍ (୨୨ତମ ମିନିଟ୍) ଓ ଜୋନାଥନ ଡେଭିଡ୍ (୮୦ତମ ମିନିଟ) ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରି ତାଙ୍କ ଦଳକୁ ୨-୧ ଗୋଲରେ ଅଗ୍ରଣୀ କରାଇଥିଲେ। ହେଲେ ଉରୁଗୁଏର ୩୭ ବର୍ଷୀୟ ଷ୍ଟାର ଖେଳାଳି ତାଙ୍କର କମାଲ ଦେଖାଇଥିଲେ। ତାଙ୍କ (୯୦+୨ ମିନିଟ) ଷ୍ଟପେଜ ଟାଇମ୍ ଗୋଲ ବଳରେ ଉରୁଗୁଏ ନିର୍ଦ୍ଧାରିତ ସମୟ ଖେଳକୁ ୨-୨ରେ ଅମୀମାଂସିତ ରଖିପାରିଥିଲା। ଶୁଟଆଉଟରେ ଉରୁଗୁଏ ତରଫରୁ ଫେଡ୍ରିକୋ ଭାଲଭର୍ଡେ, ରୋଡ୍ରିଗୋ ବେଣ୍ଟନକର, ଜର୍ଜିଆନ ଡି ଆରାସ୍କେଟା ଏବଂ ସୁଆରେଜ ବିପକ୍ଷ ଦଳର ଗୋଲକିପର ଡେନି ସେଣ୍ଟ କ୍ଲେୟାରଙ୍କୁ ପରାସ୍ତ କରି ଗୋଟିଏ ଲେଖାଏଁ ଗୋଲ୍ ଦେବାରେ ସମର୍ଥ ହୋଇଥିଲେ। ଅନ୍ୟପକ୍ଷରେ କାନାଡା ପକ୍ଷରୁ ଜୋନାଥନ ଡେଭିଡ ମୋଇସେ ବମ୍ବିଟୋ ଓ ମାଥ୍ୟୁ ଚୋଇର୍ନି ପ୍ରମୁଖ ଗୋଲ ସ୍କୋର କରିବାରେ ସମର୍ଥ ହୋଇଥିଲେ।

# ଜିମ୍ବାୱେକୁ ୪୨ ରନରେ ହରାଇ ୪-୧ରେ ସିରିଜ୍ ବିଜୟୀ ହେଲା ଟିମ୍ ଇଣ୍ଡିଆ

**ହରାରେ**

ହାରାରେ ସ୍ପୋର୍ଟସ କ୍ଲବ୍‌ଠାରେ ଖେଳାଯାଉଥିବା ୫ମ ଟି-୨୦ରେ ଜିମ୍ବାୱେକୁ ୪୨ ରନରେ ପରାସ୍ତ କରିଛି ଭାରତ। ଏହା ସହିତ ଟିମ୍ ଇଣ୍ଡିଆ ୫ ମ୍ୟାଚ୍ ବିଶିଷ୍ଟ ଏହି ଟି-୨୦ ସିରିଜ୍‌କୁ ୪-୧ରେ ଜିତି ନେଇଛି। ଏହି ସିରିଜର ପ୍ରଥମ ମ୍ୟାଚ୍‌ରେ ଜିମ୍ବାୱେ ଜିତିଥିବାବେଳେ ପରବର୍ତ୍ତୀ ୪ଟି ମ୍ୟାଚ୍ ଭାରତ ଜିତିଥିଲା।

ଭାରତ ପକ୍ଷରୁ ରଖାଯାଇଥିବା ୧୬୮ ରନର ଲକ୍ଷ୍ୟର ପିଛା କରିବାକୁ ଯାଇ ଜିମ୍ବାୱେ ୧୮.୩ ଓଭରରେ ୧୨୫ ରନ କରି ଅଲଆଉଟ



ହୋଇଯାଇଥିଲା। ଦଳ ପକ୍ଷରୁ ଡାୟନ ମାୟର୍ସ ୩୪ ରନ କରିଥିବାବେଳେ ଟାଡିୱାନସେ ମାରୁମାନି ଓ ଫରାଜ ଆକ୍ରାମ ୨୭ ରନ ଲେଖାଏଁ କରିଥିଲେ। ଏହି ମ୍ୟାଚ୍‌ରେ ଜିମ୍ବାୱେ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଭାରତର ଦୁଇ ଓପନର ବଡ଼ ସ୍କୋର କରିବାକୁ ବିଫଳ ହୋଇଥିଲେ। ଯଶସ୍ୱୀ ଜୟସ୍ୱାଲ ୧୨ ରନ ଓ ଶୁଭମନ ଗିଲ ୧୩ ରନ କରି ଆଉଟ୍ ହୋଇଥିଲେ। ୩ୟ ସ୍ଥାନରେ ଆସିଥିବା ଅଭିଷେକ ଶର୍ମା ବି ୧୪ ରନ କରି ଆଉଟ ହୋଇଥିଲେ। ତେବେ ସଞ୍ଜୁ ସାମସନ ଲଢୁଆ ବ୍ୟାଟିଂ କରି ୫୮ ରନ କରିଥିଲେ। ରିୟାନ ପରାଗ ୨୨ ରନ ଓ ଶିବମ ଦୁବେ ୨୬ ରନ କରିଥିଲେ। ରିଙ୍କୁ ସିଂ ୧୧ ରନ କରିଥିଲେ। ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୬୭ ରନ କରିଥିଲା। ଜିମ୍ବାୱେ ପକ୍ଷରୁ ବ୍ଲେସିଂ ମୁଜାରାବାନି ୨ଟି ୱିକେଟ ନେଇଥିବା ବେଳେ ସିକନ୍ଦର ରାଜା, ବ୍ରାଣ୍ଡନ ମାଭୁଟା ଓ ରିଚ୍ଛର୍ଡ ଗାରାଭା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

# ଯୁବରାଜ ସିଂହଙ୍କ ସର୍ବକାଳୀନ ଶ୍ରେଷ୍ଠ ଏକାଦଶରେ ନାହାନ୍ତି ମହେନ୍ଦ୍ର ସିଂହ ଧୋନି

**ନୂଆଦିଲ୍ଲୀ**

ଲିଜେଣ୍ଡସ ବିଶ୍ୱ ଚାମ୍ପିୟନସିପ ଟ୍ରଫି ଜିତିଛି। ଭାରତ ଚାମ୍ପିୟନ୍ସ ଅବସରପ୍ରାପ୍ତ ଖେଳାଳିଙ୍କୁ ନେଇ ଖେଳା ଯାଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ଯୁବରାଜ ସିଂହଙ୍କ ଭାରତ ୫ ୱିକେଟରେ ପାକିସ୍ତାନକୁ ହରାଇ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ପରେ ଯୁବରାଜ ନିଜର ସର୍ବକାଳୀନ ଶ୍ରେଷ୍ଠ ଏକାଦଶ ବାଛିଛନ୍ତି। ତେବେ ଏହି ୧୧ ଜଣିଆ ତାଲିକାରେ କିମ୍ବଦନ୍ତୀ କ୍ରିକେଟର ମହେନ୍ଦ୍ର ସିଂହ ଧୋନି ନାହାନ୍ତି। ଧୋନିଙ୍କ କ୍ୟାପ୍ଟେନ୍ସିରେ ଭାରତ ଟି-୨୦ ବିଶ୍ୱକପ ଓ ୨୦୧୧ ବିଶ୍ୱକପ ଜିତିଥିଲା। ଉଭୟ ବିଶ୍ୱକପରେ ଯୁବରାଜ ମଧ୍ୟ ରହିଥିଲେ। ସେ ମ୍ୟାନ ଅଫ ଦି ସିରିଜ୍ ପୁରସ୍କାର ଜିତିଥିଲେ। ଧୋନିଙ୍କ କ୍ୟାପ୍ଟେନ୍ସିରେ ଯୁବରାଜ ଖେଳିଥିଲେ ହେଁ ତାଙ୍କୁ ସର୍ବକାଳୀନ ଶ୍ରେଷ୍ଠ ଏକାଦଶରେ ରଖି ନାହାନ୍ତି। ଯୁବରାଜ ସିଂହଙ୍କ ସର୍ବକାଳୀନ ଶ୍ରେଷ୍ଠ ଏକାଦଶରେ ସଚିନ ତେନ୍ଦୁଲକର, ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଭଳି କ୍ରିକେଟର ରହିଛନ୍ତି। ଓପନର ଭାବେ ସେ ସଚିନ ତେନ୍ଦୁଲକର ଓ ରିକି ପଣ୍ଟିଂଙ୍କୁ ଚୟନ କରିଛନ୍ତି। ରୋହିତ ଶର୍ମା ଓ ବିରାଟ କୋହଲି ଯଥାକ୍ରମେ ୩ନଂ ଏବଂ ୪ନଂରେ ବ୍ୟାଟିଂ କରିବେ। ୫ନଂ ସ୍ଥାନ ପାଇଁ ଯୁବରାଜ ଦକ୍ଷିଣ ଆଫ୍ରିକାର ଏବି ଡିଭିଲିୟର୍ସଙ୍କୁ ବାଛିଛନ୍ତି। ୱିକେଟ କିପର ବ୍ୟାଟର ଭାବେ ଯୁବରାଜଙ୍କ ଦଳରେ ଅଷ୍ଟ୍ରେଲିଆର ଆଡାମ ଗିଲକ୍ରିଷ୍ଟ ରହିଛନ୍ତି।

ଯୁବରାଜଙ୍କ ଅଲ ଟାଇମ ଏକାଦଶ : ସଚିନ ତେନ୍ଦୁଲକର, ରିକି ପଣ୍ଟିଂ, ରୋହିତ ଶର୍ମା, ବିରାଟ କୋହଲି, ଏବି ଡିଭିଲିୟର୍ସ, ଆଡାମ ଗିଲକ୍ରିଷ୍ଟ(ୱିକେଟ କିପର), ଆଣ୍ଡ୍ର୍ୟୁ ଫ୍ଲିଣ୍ଟଫ, ଶେନ ୱାର୍ଣ୍ଣ, ମୁଥିଆ ମୁରଲୀଧରନ, ଗ୍ଲେନ ମ୍ୟାଗ୍ରାଥ ଓ ୱାସିମ ଆକ୍ରମ। ଦ୍ୱାଦଶ ଖେଳାଳି- ଯୁବରାଜ ସିଂହ।

# ମହିଳା ଏସିଆ କପ୍ : ବିନା ଟିକେଟରେ ଷ୍ଟାଡ଼ିୟମକୁ ଯାଇ ପାରିବେ ଦର୍ଶକ

**ନୂଆଦିଲ୍ଲୀ**

ଆରମ୍ଭ ହେବାକୁ ଯାଉଛି ମହିଳା ଟି-୨୦ ଏସିଆ କପ୍। ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଦର୍ଶକଙ୍କ ପାଇଁ ହୋଇଛି ବଡ଼ ଘୋଷଣା।

ଟୁର୍ଣ୍ଣାମେଣ୍ଟକୁ ଟିକେଟ ମୁକ୍ତ କରିଛି ଶ୍ରୀଲଙ୍କା କ୍ରିକେଟ। ଦର୍ଶକମାନେ ବିନା ଟିକେଟରେ ଷ୍ଟାଡ଼ିୟମ ଭିତରକୁ ଯାଇ ମ୍ୟାଚ୍‌ର ମଜା ଉଠାଇ ପାରିବେ। ଦର୍ଶକଙ୍କ ପାଇଁ ମାଗଣା ପ୍ରବେଶର ବ୍ୟବସ୍ଥା କରାଯାଇଛି। ମହିଳା କ୍ରିକେଟକୁ ଦେଶରେ ଅଧିକ ଲୋକପ୍ରିୟ ଓ ଟୁର୍ଣ୍ଣାମେଣ୍ଟରେ ଅଧିକ ଭିଡ଼ ସୃଷ୍ଟି କରିବା ପାଇଁ ଶ୍ରୀଲଙ୍କା କ୍ରିକେଟ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ମହିଳା ଏସିଆ କପ୍‌ର ୯ମ ସଂସ୍କରଣର ସମସ୍ତ ୧୫ଟି ଯାକ ମ୍ୟାଚ୍ ଡମ୍ବୁଲାରେ ଥିବା ରଣଗିରି ଡମ୍ବୁଲା ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ୍ ଭାଗ ନେଉଛନ୍ତି। ଶ୍ରୀଲଙ୍କା, ଭାରତ, ବାଂଲାଦେଶ, ୟୁଏଇ, ନେପାଳ, ମାଲେସିୟା, ପାକିସ୍ତାନ ଓ ଥାଇଲ୍ୟାଣ୍ଡ। ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଶ୍ରୀଲଙ୍କା କ୍ରିକେଟର ଉପ ସଭାପତି ରବୀନ ବିକ୍ରମାରତ୍ନେ କହିଛନ୍ତି, ବୋର୍ଡ ସଫଳତାର ସହ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଲକ୍ଷ୍ୟ ରଖିଛି। ଏହାଦ୍ୱାରା ବିଶ୍ୱସ୍ତରରେ ମହିଳା କ୍ରିକେଟ ପହଞ୍ଚି ପାରିବ। ୮ଟି ଦଳକୁ ୨ଟି ଗ୍ରୁପରେ ବିଭକ୍ତ କରାଯାଇଛି। ଭାରତ ସମେତ ଗ୍ରୁପ୍ ଏରେ ପାକିସ୍ତାନ, ୟୁଏଇ ଓ ନେପାଳ ରହିଛନ୍ତି। ଗ୍ରୁପ୍ ବିରେ ଶ୍ରୀଲଙ୍କା, ମାଲେସିୟା, ବାଂଲାଦେଶ ଓ ଥାଇଲ୍ୟାଣ୍ଡ ରହିଛନ୍ତି। ଜୁଲାଇ ୨୮ରେ ଫାଇନାଲ ଖେଳାଯିବ। ପ୍ରଥମ ଦିନରେ ୟୁଏଇ ଓ ନେପାଳ ପରସ୍ପରକୁ ଭେଟିବେ। ସେହିଦିନ ଭାରତ ତା'ର ଏସିଆ କପ୍ ଅଭିଯାନ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରୁ ଆରମ୍ଭ କରିବ।

# ସମସ୍ତେ ଭୁଲି ଯାଇଛନ୍ତି ଯେ ମୁଁ ରୋହିତଙ୍କୁ ଅଧିନାୟକ କରିଥିଲି : ଗାଙ୍ଗୁଲି

**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆ ଟି-୨୦ ବିଶ୍ୱକପ ୨୦୨୪ ଜିତିବା ପରେ ଅଧିନାୟକ ଭାବେ ରୋହିତ ଶର୍ମାଙ୍କ କ୍ରେଜ୍ ଆହୁରି ବଢ଼ିଯାଇଛି। ସମସ୍ତେ ତାଙ୍କ ନେତୃତ୍ୱକୁ ପ୍ରଶଂସା କରୁଛନ୍ତି। ଆଉ ତା' ଭିତରେ ନିଜ ସମାଲୋଚକଙ୍କୁ ଟାର୍ଗେଟ କରିଛନ୍ତି ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ତଥା ବିସିସିଆଇର ପୂର୍ବତନ ସଭାପତି ସୌରଭ ଗାଙ୍ଗୁଲି।

ଏକ ବେଙ୍ଗଲୀ ସମ୍ବାଦପତ୍ରକୁ ଦେଇଥିବା ସାକ୍ଷାତ୍‌କାରରେ ଗାଙ୍ଗୁଲି କହିଛନ୍ତି, ଯେତେବେଳେ ମୁଁ ଟିମ୍ ଇଣ୍ଡିଆର ଅଧିନାୟକ ଦାୟିତ୍ୱ ରୋହିତ ଶର୍ମାଙ୍କୁ ଦେଲି ସେତେବେଳେ ମୋତେ ସମସ୍ତେ ସମାଲୋଚନା କରିଥିଲେ। ଆଉ ଏବେ ଯେତେବେଳେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଟି-୨୦ ବିଶ୍ୱକପ ଜିତିଯାଇଛି, କେହି ମୋତେ ସମାଲୋଚନା କରୁ ନାହାନ୍ତି। ମୁଁ ଭାବୁଛି, ରୋହିତଙ୍କୁ ମୁଁ ଟିମ୍ ଇଣ୍ଡିଆର ଅଧିନାୟକ କରିଛି ବୋଲି ସମସ୍ତେ ଭୁଲି ଯାଇଛନ୍ତି।

ବିରାଟ କୋହଲି ନିଜ ଆଡୁ ଟି-୨୦ର ଅଧିନାୟକ ଦାୟିତ୍ୱରୁ ଓହରି ଯାଇଥିଲେ। ପରେ ତାଙ୍କୁ ଟିମ୍ ଇଣ୍ଡିଆର ଦିନିକିଆ ଅଧିନାୟକ ପଦରୁ ହଟାଇ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ବିରାଟ ଟେଷ୍ଟ ଟିମ୍‌ର ଅଧିନାୟକ ପଦ ମଧ୍ୟ



ଛାଡ଼ିଥିଲେ।

ଏହି ଅଧିନାୟକ ଦାୟିତ୍ୱ ପରିବର୍ତ୍ତନ ସମୟରେ ଟିକେ ଗୋଳିଆ ପରିସ୍ଥିତି ଉପୁଜିଥିଲା। ଅନିଚ୍ଛା ସତ୍ତ୍ୱେ ତାଙ୍କୁ ଟିମ୍ ଇଣ୍ଡିଆର ଦିନିକିଆ ଅଧିନାୟକ ପଦରୁ ହଟାଇ ଦିଆଯାଇଥିଲା ବୋଲି ବିରାଟ କୋହଲି କହିବା ପରେ ଏହି ପ୍ରସଙ୍ଗ ଭିନ୍ନ ମୋଡ଼ ନେଇଥିଲା। ସୋସିଆଲ ମିଡିଆରେ ତତ୍‌କାଳୀନ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ତୀବ୍ର ସମାଲୋଚନା କରାଯାଇଥିଲା। ସେତେବେଳେ ଗାଙ୍ଗୁଲି ଗଣମାଧ୍ୟମକୁ କହିଥିଲେ ଯେ ଦୁଇ ପକ୍ଷ ମଧ୍ୟରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଆଲୋଚନା ପରେ କୋହଲିଙ୍କୁ ଅଧିନାୟକ ପଦରୁ ହଟାଇ ଦିଆଯାଇଥିଲା। ଏମିତିକି କେତେକ ପୂର୍ବତନ କ୍ରିକେଟର ମଧ୍ୟ ବିସିସିଆଇକୁ ସମାଲୋଚନା କରିଥିଲେ। ଏହି ସ୍ଥିତିକୁ ବିସିସିଆଇ ସଠିକ୍ ଭାବେ ପରିଚାଳନା କରିବାରେ ବିଫଳ ହୋଇଥିଲା ବୋଲି ସେମାନେ କହିଥିଲେ। ସୌରଭ ଗାଙ୍ଗୁଲି ଏବେ ଦିଲ୍ଲୀ କ୍ୟାପିଟାଲ୍ସର ପରାମର୍ଶଦାତା ଭାବେ କାର୍ଯ୍ୟ କରୁଛନ୍ତି। ଶନିବାର ଦିଲ୍ଲୀ କ୍ୟାପିଟାଲ୍ସର ମୁଖ୍ୟ କୋଚ୍ ପଦରୁ ରିକି ପଣ୍ଟିଂଙ୍କୁ ବିଦା କରାଯାଇଛି। କୁହାଯାଉଛି, ସୌରଭ ଗାଙ୍ଗୁଲି ଏହି ପଦ ସମ୍ଭାଳି ପାରନ୍ତି।

# ପାକିସ୍ତାନକୁ ହରାଇ ଡବ୍ଲୁସିଏଲ-୨୦୨୪ ଟାଇଟଲ୍ ଜିତିଲା ଇଣ୍ଡିଆ ଚାମ୍ପିଅନ୍ସ



**ବର୍ମିଂହାମ୍**

ୱାଲ୍ଡ ଚାମ୍ପିୟନସିପ୍ ଅଫ୍ ଲିଜେଣ୍ଡସ୍ (ଡବ୍ଲ୍ୟୁସିଏଲ୍) ୨୦୨୪ର ଟାଇଟଲ ଜିତିଛି ଇଣ୍ଡିଆ ଚାମ୍ପିଅନ୍ସ। ଏଠାରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ଯୁବରାଜ ସିଂଙ୍କ ନେତୃତ୍ୱାଧୀନ ଇଣ୍ଡିଆ ଚାମ୍ପିଅନ୍ସ ସହଜ ବିଜୟ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ଟିମ୍ ୧୫୬ ରନ୍ କରିଥିଲା। ଜବାବରେ ଇଣ୍ଡିଆ ଚାମ୍ପିଅନ୍ସ ୫ ଉଇକେଟ ହରାଇ ୫ ବଲ୍ ଥାଇ ଲକ୍ଷ୍ୟ ହାସଲ କରିନେଇଥିଲେ। ଏହି ବିଜୟର ହିରୋ ଅମ୍ବାଟି ରାୟୁଡୁ ପାଲଟିଥିଲେ।

ଇଣ୍ଡିଆ ଚାମ୍ପିଅନ୍ସ ପକ୍ଷରୁ ଅମ୍ବାଟି ୩୦ ବଲ୍‌ରେ ୫୦ ରନ୍ ଦେଇଥିଲେ। ୟୁସୁଫ ପଠାନ ୧୬ ବଲ୍‌ରେ ୩୦ ରନ୍‌ର ଇନିଂସ ଖେଳିଥିଲେ। ବୋଲିଂରେ ଅନୁରୀତ ସିଂ ୩ ଉଇକେଟ ହାସଲ କରିଥିଲେ। ଇରଫାନ ପଠାନ ୧୨ ରନ୍ ଦେଇ ୧ ଉଇକେଟ ହାସଲ କରିଥିଲେ। ପବନ ନେଗି ୨୪ ରନ୍ ଦେଇ ମଧ୍ୟ ୧ ଉଇକେଟ ନେଇଥିଲେ। ହରଭଜନ ସିଂ ଫିଟ୍ ନ ଥିବା କାରଣରୁ ଗୋଟିଏ ଓଭର ବୋଲିଂ କରିଥିଲେ।

# ଷ୍ଟେସନ ଆଥ୍‌ଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ଫୁଟ୍‌ବଲ ପ୍ରିମିୟର ଲିଗ୍‌ର ଉଦଯାପନୀ ଉତ୍ସବ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଷ୍ଟେସନ ଆଥ୍‌ଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ଫୁଟ୍‌ବଲ ପ୍ରିମିୟର ଲିଗ୍-୨୦୨୪ର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବର ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଷ୍ଟେସନ ଆଥ୍‌ଲେଟିକ୍ ଆସୋସିଏସନର ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାସ, ଆସୋସିଏସନର ସାଧାରଣ ସମ୍ପାଦକ ସଞ୍ଜୀବ ଦ୍ୱିବେଦୀ, ଉପସଭାପତି ଆଦିତ୍ୟ ଦଣ୍ଡପାଟ୍, ସହ ସମ୍ପାଦକ ଦେବାଶିଷ ପାତ୍ର, କୋଷାଧ୍ୟକ୍ଷ ସରୋଜ ରାଉତ, ସହ କୋଷାଧ୍ୟକ୍ଷ ଜିତେନ୍ଦ୍ର ନାୟକ, ଫୁଟବଲ ସମ୍ପାଦକ ରାମ ହାଁସଦା, କ୍ରିକେଟ ସମ୍ପାଦକ ରାମେଶ୍ୱର ମାଝୀ, ରାଜେଶ ସାହୁ, ଶଙ୍କୁ ପାଲ୍, ରଞ୍ଜନ ପଟ୍ଟନାୟକ, ସୁଧାଂଶୁ ଦାସ ଏବଂ ଅନ୍ୟ ସମସ୍ତ ବରିଷ୍ଠ ସଦସ୍ୟ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରବିବାର ଫାଇନାଲ ମ୍ୟାଚ୍ ଦ୍ୱାରଶୁଣି ଫୁଟ୍‌ବଲ୍ କ୍ଲବ୍ ଏବଂ ଛଉପଡ଼ିଆ ଫୁଟ୍‌ବଲ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରୋମାଞ୍ଚକର ଏହି ଫାଇନାଲ ମ୍ୟାଚ୍‌ରେ ଛଉପଡ଼ିଆ ଫୁଟ୍‌ବଲ କ୍ଲବ ଦଳ ଦ୍ୱାରଶୁଣି ଫୁଟବଲ କ୍ଲବ୍‌କୁ ପେନାଲ୍ଟି ସୁଟ୍‌ଆଉଟ୍ ଦ୍ୱାରା ପରାସ୍ତ କରିଥିଲେ। ଏହି ମ୍ୟାଚ୍‌କୁ ରେଫେରି ଭାବେ ତନ୍ମୟ ମାରାଣ୍ଡି, ଲୋଧା ମାଝୀ, ଟିମ୍ପୁ ବେହେରା, ଟୁକୁଲୁ ମୁର୍ମୁ ପରିଚାଳନା କରିଥିବା ବେଳେ ଦିବ୍ୟଜ୍ୟୋତି ମାଝୀ ଏବଂ ତ୍ରିଲୋଚନ ମାରାଣ୍ଡି ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ।

# କର୍କଟ ସହ ଲଢୁଛନ୍ତି ଭାରତର ପୂର୍ବତନ କ୍ରିକେଟର
# ୧ କୋଟିର ଅନୁଦାନ ଘୋଷଣା କଲା ବିସିସିଆଇ

**ନୂଆଦିଲ୍ଲୀ**

ପୂର୍ବତନ ଭାରତୀୟ କ୍ରିକେଟର ତଥା ଟିମ୍ ଇଣ୍ଡିଆର କୋଚ୍ ଭାବେ କାମ କରି ସାରିଥିବା ଅଂଶୁମାନ ଗାଏକ୍ୱାଡ୍ ଏବେ ରକ୍ତ କର୍କଟ ସହ ଲଢ଼େଇ କରୁଛନ୍ତି। ଲଣ୍ଡନରେ ସେ ଚିକିତ୍ସିତ ହେଉଥିବା ବେଳେ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି।

ଅଂଶୁମାନ ସମସ୍ୟାରେ ପଡ଼ିଥିବା ଜାଣିବା ପରେ ତାଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଥିଲେ କପିଳ ଦେବ। ସେ ତାଙ୍କ ପେନସନ ବାବଦ ଅର୍ଥ ଅଂଶୁମାନଙ୍କୁ ଦେବେ ବୋଲି ଘୋଷଣା କରିଛନ୍ତି। ଏଥି ସହ ବିସିସିଆଇକୁ ମଧ୍ୟ ପୂର୍ବତନ କ୍ରିକେଟରଙ୍କ ପାଇଁ ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା କରିବାକୁ କହିଛନ୍ତି।

ମଦନ ଲାଲ, ରବି ଶାସ୍ତ୍ରୀ, ଦିଲୀପ ଭେଙ୍ଗସରକାର ଓ କିର୍ତ୍ତୀ ଆଜାଦ ମଧ୍ୟ ସେମାନଙ୍କ ସାଥୀ ଖେଳାଳିଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ। ଏବେ ବିସିସିଆଇ ମଧ୍ୟ ଅଂଶୁମାନଙ୍କୁ ସାହାଯ୍ୟ କରିବ ବୋଲି



ଘୋଷଣା କରିଛି। ତାଙ୍କ ଚିକିତ୍ସା ପାଇଁ ବିସିସିଆଇ ୧ କୋଟି ଦେବ। ବିସିସିଆଇ ସମ୍ପାଦକ ଜୟ ଶାହ ବ୍ୟକ୍ତିଗତ ଭାବେ ଅଂଶୁମାନଙ୍କ ପରିବାର ଲୋକଙ୍କ ସହ କଥା ହୋଇଥିଲେ। ଏହାପରେ ସେ ତୁରନ୍ତ ୧ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। ଗୋଟିଏ ପ୍ରେସ୍ ବିବୃତିରେ ବିସିସିଆଇ ପ୍ରତିଶ୍ରୁତି ଦେଇଛି ଯେ ଏଭଳି ଏକ ମୁହୂର୍ତ୍ତରେ ସଂସ୍ଥା ଅଂଶୁମାନଙ୍କ ପରିବାର ଲୋକଙ୍କ ସହ ରହିଛି। ଅଂଶୁମାନ ଏହି ସମସ୍ୟାରୁ ଯଥାଶୀଘ୍ର ମୁକୁଳିବେ ବୋଲି ବିସିସିଆଇ ଆଶା ରଖିଛି। ୬୭ ବର୍ଷୀୟ ଅଂଶୁମାନ ୧୯୭୪ ମସିହା ଡିସେମ୍ବର ୨୭ରେ କୋଲକାତାରେ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟରେ ଡେବ୍ୟୁ କରିଥିଲେ। ଡେବ୍ୟୁ ମ୍ୟାଚ୍‌ର ପ୍ରଥମ ଇନିଂସରେ ସେ ୩୬ ଓ ୪ ରନ କରିଥିଲେ। ସେ ଭାରତ ପାଇଁ ୪୦ଟି ଟେଷ୍ଟ ମ୍ୟାଚ୍ ଖେଳି ୩୦.୦୭ ହାରରେ ୧୯୮୫ ରନ କରିଛନ୍ତି। ଏହା ମଧ୍ୟରେ ୨ଟି ଶତକ ଓ ୧୦ଟି ଅର୍ଦ୍ଧଶତକ ରହିଛି। ଏହା ବ୍ୟତୀତ ଅଂଶୁମାନ ଭାରତ ପାଇଁ ୧୫ଟି ଦିନିକିଆ ଖେଳି ୨୬୯ ରନ କରିଛନ୍ତି। ଏଥିରେ ମାତ୍ର ଗୋଟିଏ ଅର୍ଦ୍ଧଶତକ ରହିଛି।

କ୍ରିକେଟରୁ ଅବସର ନେବା ପରେ ଅଂଶୁମାନ ଜାତୀୟ ଟିମ୍‌ର କୋଚ୍ ହୋଇଥିଲେ। ୧୯୯୭ରୁ ୧୯୯୯ ଯାଏ ସେ ଭାରତୀୟ କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ଥିଲେ। ଅଂଶୁମାନ ଗୁଜୁରାଟ ଷ୍ଟେଟ ଫର୍ଟିଲାଇଜର୍ସ ଓ କେମିକାଲ୍ସ ଲିମିଟେଡ (ଜିଏସଏଫସି)ରେ ମଧ୍ୟ କାର୍ଯ୍ୟ କରିଥିଲେ। ଜୁନ ୨୦୧୮ରେ ବିସିସିଆଇ ତାଙ୍କୁ ଲାଇଫ ଟାଇମ ଆଚିଭମେଣ୍ଟ ଆୱାର୍ଡରେ ସମ୍ମାନିତ କରିଥିଲା।

# ପ୍ରକାଶ ପାଇଲା ସିବିଏସ୍‌ଇ ଷଷ୍ଠ ଶ୍ରେଣୀ ହିନ୍ଦୀ ବହି 'ମହ୍ଲାର'

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଏନ୍‌ସିଇଆରଟି ପକ୍ଷରୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପରିଚାଳିତ ଷଷ୍ଠ ଶ୍ରେଣୀ ହିନ୍ଦୀ ପାଠ୍ୟପୁସ୍ତକ ପ୍ରକାଶ ପାଇଛି। 'ମହ୍ଲାର' ନାମରେ ପ୍ରକାଶିତ ଏହି ପୁସ୍ତକରେ ୧୩ଟି ବିଷୟ ରହିଛି। ବହିରେ ଦେଶର ଭାରତୀୟ ସଂସ୍କୃତି ସହ ବହୁ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ବିଷୟରେ ଉଲ୍ଲେଖ ଥିବା ଦେଖିବାକୁ ମିଳିଛି। ଏହାସହ ବହି ଶେଷରେ ହିନ୍ଦୀ ଶବ୍ଦକୋଷର କିଛି ନୂତନ ଶବ୍ଦ ଦିଆଯାଇଛି। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ଶବ୍ଦଜ୍ଞାନ ବୃଦ୍ଧି ପାଇବ ବୋଲି ଲେଖା ସହ ଚିତ୍ର କୁହାଯାଇଛି। ବହିର ପ୍ରଥମ ପୃଷ୍ଠାରେ ଏସିଇଆରଟି ନିର୍ଦ୍ଦେଶକ ଦିନେଶ ପ୍ରସାଦ ସକଲାନି ଲେଖିଛନ୍ତି, ଛାତ୍ରଛାତ୍ରୀ ମହ୍ଲାର ବହିରେ ସାହିତ୍ୟର ବହୁ ପ୍ରମୁଖ ବିଷୟକୁ ସାମିଲ କରାଯାଇଛି। ଦେଶପ୍ରେମ, ବିଜ୍ଞାନ, କଳା, ଇତିହାସ, ଖେଳ ଓ ଭାରତୀୟ ସମାଜ ସମ୍ପର୍କରେ ଛାତ୍ରଛାତ୍ରୀ ଅବଗତ ହୋଇପାରିବେ। ଛାତ୍ରଛାତ୍ରୀଙ୍କ ବୁଝିବା ପରି ଭାଷାରେ ସବୁ ଲେଖାଯାଇଛି। ପ୍ରତିଟି ଲେଖା ସହ ଏକ ଚିତ୍ର ମଧ୍ୟ ଦିଆଯାଇଛି। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କୁ ବୁଝିବାକୁ ସହଜ ହେବ ଓ ଚିତ୍ର ଦେଖି ବିଷୟ ସମ୍ପର୍କରେ ଜାଣିପାରିବେ। ଛାତ୍ରଛାତ୍ରୀଙ୍କ ଚିନ୍ତନ ଶକ୍ତି ଓ ସ୍ମରଣ ଶକ୍ତି ମଧ୍ୟ ବୃଦ୍ଧି ହେବ। ପାଠ ବ୍ୟତୀତ ବହିରେ ଅତିରିକ୍ତ ବିଷୟ ମଧ୍ୟ ଅଛି। ଏଥିରୁ ପରୀକ୍ଷାରେ ପ୍ରଶ୍ନ ଆସିବ ନାହିଁ, ହେଲେ ଛାତ୍ରଛାତ୍ରୀମାନେ ଅଧିକ ଜ୍ଞାନ ଅର୍ଜନ କରିପାରିବେ। ବହିରେ ପ୍ରସିଦ୍ଧ ତାମିଲ କବି ସୁବ୍ରମନ୍ୟମ ଭାରତୀଙ୍କ ରଚିତ କବିତା, ହକି ତାରକା ମେଜର ଧ୍ୟାନଚାନ୍ଦଙ୍କ ଆତ୍ମକଥା, ବୈଜ୍ଞାନିକ ଜଗଦିଶ୍ ଚନ୍ଦ୍ର ବସୁଙ୍କ ବୈଜ୍ଞାନିକ ନିବନ୍ଧ ଗଛର କଥା ଆଦି ସ୍ଥାନ ପାଇଛି।

# ଜଳବାୟୁ ପରିବର୍ତ୍ତନ ଯୋଗୁ ହେଉଛି ପ୍ରବଳ ବଜ୍ରପାତ

**ନୂଆଦିଲ୍ଲୀ**

ଜଳବାୟୁ ପରିବର୍ତ୍ତନ ଯୋଗୁ ପ୍ରବଳ ବଜ୍ରପାତ ହେଉଛି ବୋଲି କେନ୍ଦ୍ର ଭୂବିଜ୍ଞାନ ମନ୍ତ୍ରଣାଳୟର ପୂର୍ବତନ ସଚିବ ମାଧବନ ନାୟର ରାଜୀବନ କହିଛନ୍ତି। ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଘନ ବାଦଲ ସୃଷ୍ଟି ହେବା ସହିତ ଏହାର ସମ୍ମିଶ୍ରଣ ବା ଦ୍ରୁତ ସଂଯୋଗ ଯୋଗୁଁ ବଜ୍ରପାତ ଘଟଣା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ବୋଲି ସେ କହିଛନ୍ତି। ବର୍ତ୍ତମାନ ଦେଶର ବିଭିନ୍ନ ଭାଗରେ ବଜ୍ରପାତ ସଂଖ୍ୟା ବଢ଼ି ଚାଲିଥିବା ଦେଖାଯାଉଛି। ଜଳବାୟୁ ପରିବର୍ତ୍ତନ ଦ୍ୱାରା ବାୟୁର ଆର୍ଦ୍ରତା ବଜାୟ ରଖିବାର କ୍ଷମତା ବୃଦ୍ଧି ସହିତ ଘନ ବାଦଲ ସୃଷ୍ଟି ପାଇଁ ବାଟ କଢାଇଥାଏ। ଏହାଦ୍ୱା ଘନ ଘନ ବିଜୁଳି ଏବଂ ବଜ୍ରପାତ ହୋଇଥାଏ ବୋଲି ମାଧବନ କହିଛନ୍ତି।

ସେହିପରି ଭାରତୀୟ ପାଣିପାଗ ବିଭାଗ (ଆଇଏଡି)ର



ଅନ୍ୟତମ ପ୍ରମୁଖ ବୈଜ୍ଞାନିକ ଡିଏସ ପାଇ କହିଛନ୍ତି ଯେ, ସ୍ଥଳଭାଗରେ ଅତ୍ୟଧିକ ଉତ୍ତାପ ସୃଷ୍ଟି ଦ୍ୱାରା ଏହା ବାୟୁସ୍ତରକୁ ମଧ୍ୟ ଉତ୍ତପ୍ତ କରିଥାଏ। ଫଳରେ ବାୟୁ ଉର୍ଦ୍ଧ୍ୱମୁଖୀ ହେବା ସହିତ ବାଦଲ ସୃଷ୍ଟି କରିଥାଏ। ଉଚ୍ଚ ସ୍ତରରେ ବାଦଲ ସହ ବାଦଲର ଧକ୍କା କିମ୍ବା ସଂଯୋଗ ଦ୍ୱାରା ବଜ୍ରପାତର ବିପଦ ବଢ଼ିଥାଏ ବୋଲି ସେ କହିଛନ୍ତି।

# ଟଙ୍କା ପାଇଁ ପ୍ରେମିକକୁ ହତ୍ୟା ପରେ ୧୭ ଖଣ୍ଡ କଲା ନାବାଳିକା

**ରାୟପୁର, ନ୍ୟୁଜ୍‌ବ୍ୟୁରୋ**

ଛତିଶଗଡ଼ କୋରବାରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ଏଠାକାର ଜଣେ ନାବାଳିକା (୧୬) ଟଙ୍କା ପାଇଁ ନିଜ ପ୍ରେମିକକୁ ସାଉଦି ଆରବରୁ ଡକାଇ ତଣ୍ଟି ଚିପି ହତ୍ୟା କରିଛି। ହତ୍ୟା ପରେ ମୃତଦେହକୁ ୧୭ ଖଣ୍ଡ କରିଛି। ଏହାକୁ ବ୍ୟାଗ୍ ଏବଂ ବସ୍ତାରେ ଭର୍ତ୍ତି କରି ଡ୍ୟାମ୍‌ରେ ଫୋପାଡ଼ିଥିଲା। ଏହି ଜଘନ୍ୟ କାଣ୍ଡ ଘଟାଇବା ପାଇଁ ନାବାଳିକା ନିଜ ଲିଭ୍-ଇନ୍ ପାର୍ଟନରର ସହାୟତା ନେଇଥିଲା। ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଓଡ଼ିଶାରୁ ଗିରଫ କରିଛି। ପୁଲିସ ଦୁଇ ଅଭିଯୁକ୍ତଙ୍କ ନିକଟରୁ ସୁନା ଚେନ୍, ମୋବାଇଲ ଏବଂ ଟଙ୍କା ଜବତ କରିଛି। ସୂଚନା ଅନୁଯାୟୀ ପାଲି କ୍ଷେତ୍ରର ଚୈତମାର ବାଳିକା ଏବଂ ଝାଡ଼ଖଣ୍ଡ ରାଞ୍ଚିର ୱାସିମ ଅନ୍‌ସାରୀ (୨୪) ସାମାଜିକ ଗଣମାଧ୍ୟମରେ ପରସ୍ପରକୁ ଭେଟି ପ୍ରେମ କରୁଥିଲେ। ୩ ବର୍ଷ ହେଲା ଉଭୟେ ପରସ୍ପରକୁ ଜାଣିଥିଲେ। ୱାସିମ ଅଢ଼େଇ ବର୍ଷ ତଳେ ଚାକିରି କରିବାକୁ ସାଉଦି ଆରବ ଯାଇଥିଲେ। ଏବେ ନାବାଳିକା ଟଙ୍କା ପାଇଁ ଷଡ଼ଯନ୍ତ୍ର କରି ୱାସିମକୁ ବିଳାସପୁରକୁ ଡାକି ନିଜ ଘରେ ରଖିଥିଲା। ଗତ ୯ ତାରିଖ ରାତିରେ ତା'ର ଲିଭ୍-ଇନ୍ ପାର୍ଟନର ରଜା ଖାନ୍ (୨୦) ବାରିପଟୁ ୱାସିମ୍ ରହୁଥିବା ଘରେ ପ୍ରବେଶ କରିଥିଲା। ସେଠାରେ କୁକୁଡ଼ା କାଟୁଥିବା ଛୁରିରେ ୱାସିମର ବେକ କାଟି ପରେ ନାବାଳିକା ସହ ମିଶି ଖଣ୍ଡ ଖଣ୍ଡ କରି ଦେଇଥିଲା।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୨୭ତମ ପ୍ରତିଷ୍ଠା ଦିବସ

# 'ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଜନ୍ମଦେଇ ମୟୂରଭଞ୍ଜ ଜିଲ୍ଲା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି'

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ସମାରୋହର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାର୍ବଜନୀନ ଉଦ୍ୟୋଗ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ବାରିପଦା ବିଧାୟକ ପ୍ରକାଶ ସୋରେନ୍ ଓ ସାରସକଣା ବିଧାୟକ ଭାଦବ ହାଁସଦା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

କୁଳପତି ପ୍ରଫେସର ତ୍ରିପାଠୀ ନିଜ ବକ୍ତବ୍ୟରେ ଜାତୀୟ ଶିକ୍ଷାନୀତି ୨୦୨୦କୁ ଆପଣେଇବା ସହ



ପାରମ୍ପରିକ ଜ୍ଞାନ କୌଶଳର ସୁରକ୍ଷା, ନୃତ୍ୟ, ସଙ୍ଗୀତ, ଯୋଗ, କଳା ଓ ବିଜ୍ଞାନ ଦିଗରେ ଅନୁସନ୍ଧାନ ନିମନ୍ତେ ବିଶ୍ୱବିଦ୍ୟାଳୟ ବଦ୍ଧପରିକର ବୋଲି କହିବା ସହ ଶିମିଳିପାଳକୁ ନେଇ ଏକ ଉତ୍କର୍ଷ କେନ୍ଦ୍ର, ଜନଜାତି ଅଧ୍ୟୟନ କେନ୍ଦ୍ର, ଓଡ଼ିଆ ଅସ୍ମିତାର ପୁନରୁଦ୍ଧାର ପାଇଁ ଲୁଇପାଙ୍କ ନାମରେ ଏକ ଓଡ଼ିଆ ଚେୟାର ପ୍ରତିଷ୍ଠା, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ନାମରେ ସୂଚନା ପ୍ରଯୁକ୍ତିବିଦ୍ୟା ଚେୟାର ପାଇଁ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ମୟୂରଭଞ୍ଜ ଏକ ପଛୁଆ ଜିଲ୍ଲା ନୁହେଁ ବରଂ ପଣ୍ଡିତ ରଘୁନାଥ ମୁର୍ମୁ, ଲୁଇପା, ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ବିଭିନ୍ନ ବିଶିଷ୍ଟବ୍ୟକ୍ତିଙ୍କ ନାମରେ ଆଜି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି ବୋଲି ମତପ୍ରକାଶ କରିଥିଲେ। ବିଶ୍ୱବିଦ୍ୟାଳୟକୁ ଏକ ମଣିଷ ତିଆରି କାରଖାନା ରୂପେ ଅଭିହିତ କରି ଆଗାମୀ ଦିନରେ ଶିମିଳିପାଳ ଓ ଓଡ଼ିଆ ଗବେଷଣାରେ ବ୍ରତୀ ହେବାକୁ ନିବେଦନ କରିଥିଲେ। ସରକାରଙ୍କ ତରଫରୁ ବିଶ୍ୱବିଦ୍ୟାଳୟକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ବିଶ୍ୱବିଦ୍ୟାଳୟ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀଙ୍କ ପାଇଁ ଏକ ବରଦାନ ସାଜିଛି ବୋଲି କହିବା ସହ ବିଶ୍ୱବିଦ୍ୟାଳୟରେ ସାନ୍ତାଳୀ ଭାଷାରେ ପାଠ୍ୟକ୍ରମ ରହିଥିବାରୁ ସେ ସାଧୁବାଦ ଜ୍ଞାପନ କରିଥିଲେ। ବାରିପଦା ବିଧାୟକ ପ୍ରକାଶ ସୋରେନ୍ ଅଶୀ ଦଶକର ମୟୂରଭଞ୍ଜର ଜନ ଆନ୍ଦୋଳନ ଦ୍ୱାରା କିଭଳି ଏ ବିଶ୍ୱବିଦ୍ୟାଳୟର ଜନ୍ମ ହୋଇଥିଲା ତା'ର ସ୍ମୃତିଚାରଣ କରିବାସହ ଛାତ୍ରଛାତ୍ରୀଙ୍କୁ ଚରିତ୍ର ଗଠନ କରିବା ପାଇଁ ପରାମର୍ଶ ଦେଇଥିଲେ। ସାରସକଣା ବିଧାୟକ ଶ୍ରୀ ଭାଦବ ହାଁସଦା ନିଜ ବକ୍ତବ୍ୟରେ ଖୋଡ଼ିଆ, ଲୋଧା ଆଦି ପିଭିଟିଜି ସମ୍ପ୍ରଦାୟର ଲୋକମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ପାଇଁ ବିଶ୍ୱବିଦ୍ୟାଳୟ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ସହ ପାରମ୍ପରିକ କୃଷି ଉପରେ ଗବେଷଣା କରିବାକୁ ଆହ୍ୱାନ କରିଥିଲେ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୫ ଜୁଲାଇ ୨୦୨୪ ସୋମବାର





## ରତ୍ନଭଣ୍ଡାର ଖୋଲିବାକୁ ନେଇ

# ଭାଜପାକୁ ପ୍ରଂଶସା କଲେ ବିଜେଡିର ବରିଷ୍ଠ ନେତା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରତ୍ନଭଣ୍ଡାର ଖୋଲିବାକୁ ନେଇ ସବୁ ସ୍ଥାନରେ ଉତ୍ସାହ ଲାଗିରହିଛି । ଏ ଭିତରେ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ଅମର ଶତପଥୀ ପ୍ରଂଶସା କରିଛନ୍ତି । ତାଙ୍କ ପ୍ରତିକ୍ରିୟା ରଖି ସେ କହିଛନ୍ତି ରତ୍ନଭଣ୍ଡାର ଖୋଲିବା ପାଇଁ ସାରା ବିଶ୍ୱର ଜଗନ୍ନାଥ ପ୍ରେମୀ ଚାହିଁ ରହିଥିଲେ । ରତ୍ନଭଣ୍ଡାର ଉପରେ ଯେଉଁ ପ୍ରହେଳିକା ଥିଲା, ତାହା ମଧ୍ୟ ଏଥର ଦୂର ହେବ । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେ କହିଛନ୍ତି । ତେବେ ସେତିକି ନୁହେଁ, ଭାଜପା ସରକାରକୁ ପ୍ରଂଶସା କରି ସେ କହିଛନ୍ତି, ଭାଜପାର ଏହା ନିର୍ବାଚନ ପ୍ରତିଶ୍ରୁତି ଥିଲା । ତାହା ସେମାନେ ପାଳନ କରିଛନ୍ତି । ତେବେ ଚାବି କେଉଁଠି ଅଛି ତାର ରିପୋର୍ଟ ସାର୍ବଜନୀନ ହେବା ଦରକାର ବୋଲି ସେ କହିଛନ୍ତି । ଏଥିସହ ଯିଏ ଦୋଷ କରିଥିବ ତା ଉପରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ବୋଲି ଶତପଥୀ କହିଛନ୍ତି ।

# ରାଜଭବନ ପରିସରରେ ଧ୍ୟାନ କେନ୍ଦ୍ର ଉଦ୍‌ଘାଟିତ





**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରବିବାର ଦିନ ଏକ ଆଧ୍ୟାତ୍ମିକ ପରିବେଶରେ ରାଜଭବନ ପରିସରରେ ସ୍ଥାପିତ ଧ୍ୟାନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟପାଳ ରଘୁବର ଦାସଙ୍କ ପୌରୋହିତ୍ୟରେ ଯଥାରିତି ପୂଜାକାର୍ଯ୍ୟ ସଂପନ୍ନ ହୋଇଥିଲା । ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ମନ୍ତ୍ରୀମଣ୍ଡଳର ସଦସ୍ୟ, ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କ ସମେତ ରାଜଭବନର ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ବନ୍ଧୁକ ମୁନରେ କୋଟିଏ ଟଙ୍କାର ଅଳଙ୍କାର ଲୁଟ୍

**ଗଞ୍ଜାମ, ନ୍ୟୁଜ ବ୍ୟୁରୋ**

ଫିଲ୍ମ ଷ୍ଟାଇଲରେ ଚୋରି । ସୁନା ଦୋକାନ ମାଲିକ ମୁଣ୍ଡରେ ବନ୍ଧୁକ ଲଗାଇ ଦୋକାନରୁ ସମସ୍ତ ସୁନା ଓ ରୂପା ଅଳଙ୍କାର ଲୁଟି ନେଇ ଚମ୍ପଟ ମାରିଲେ ଦୁର୍ବୃତ୍ତ । ଏଭଳି ଘଟଣା ଘଟିଛି ଗଞ୍ଜାମ ଜିଲ୍ଲାର ଧରାକୋଟ ଥାନା ସୁନାମୋହି ଗ୍ରାମରେ । ଉକ୍ତ ଅଞ୍ଚଳର ଶ୍ରୀରୁଦ୍ର ସାଇ ଜୁଏଲର୍ସ ସୁନା ଦୋକାନରୁ ଦୁର୍ବୃତ୍ତ ପ୍ରାୟ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଓ ରୂପ ଗହଣା ଲୁଟି ନେଇଥିବା ଅଭିଯୋଗ ହୋଇଛି ।

ସୁନା ଦୋକାନ ମାଲିକଙ୍କ କହିବା ଅନୁଯାୟୀ ଅନୁଯାୟୀ, ଶନିବାର ରାତିରେ ୩ ଜଣ ଲୋକ ମୋଟର ସାଇକେଲରେ ଆସି ସୁନା ଦୋକାନରେ ଗହଣା କିଣିବା ପାଇଁ କହି ପଶିଥିଲେ । ସେହି ସମୟରେ ଦୋକାନ ବନ୍ଦ କରି ବ୍ୟବସାୟୀ ଜଣଙ୍କ ହିସାବ କିତାବ କରୁଥିଲେ । ତିନି ଲୁଟେରାଙ୍କ ମଧ୍ୟରୁ ଜଣେ ପରିଚିତ ଥିବାରୁ ସେ ଅଳଙ୍କାର ସବୁ ଦେଖାଇଥିଲେ । ସୁନା କିଣିବାକୁ କହି ହଠାତ ବନ୍ଧୁକ ବାହାର କରି ମାରିଦେବାର ଧମକ ଦେଇ ତାଙ୍କ ହାତଗୋଡ ବାନ୍ଧି ଦେବା ସହ ମୁହଁରେ ପଟି ଲଗାଇ ଦେଇଥିଲେ । ଏହାପରେ ଦୋକାନରେ ଥିବା ଟଙ୍କା ପଇସା, ସୁନାରୂପା ଗହଣା ନେଇ ଚମ୍ପଟ ମାରିଥିଲେ ୩ ଦୁର୍ବୃତ୍ତ । ଦୋକାନ ମାଲିକଙ୍କ କହିବାନୁଯାୟୀ, ପାଖାପାଖି ତିନି କିଲୋ ସୁନା ଅଳଙ୍କାର, ୮ କିଲୋ ରୂପା ଅଳଙ୍କାର ସମେତ ଦୋକାନରେ ଥିବା ପ୍ରାୟ ନଗଦ ଦୁଇ ଲକ୍ଷ ଟଙ୍କା ଦୃର୍ବୃତ୍ତମାନେ ଲୁଟି ନେଇଥିଲେ । ଆଉମଧ୍ୟ ସେ ହାତରେ ପିନ୍ଧିଥିବା ଚାରୋଟି ମୁଦି ଏବଂ ପକେଟରେ ଥିବା ନଗଦ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି । ଅନ୍ୟପଟେ ଧରାପଡିବା ଭୟରେ ସିସିଟିଭିର ହାର୍ଡଡିସ୍କ ମଧ୍ୟ ଲୁଟେରାମାନେ ସାଙ୍ଗରେ ନେଇ ପଳାଇଛନ୍ତି । ଏନେଇ ବ୍ୟବସାୟୀ ଜଣକ ପୋଲିସକୁ ଖବର ଦେଇଥିବା ବେଳେ ଧରାକୋଟ ଓ ଶେରଗଡ଼ ପୋଲିସ ସହ ଆସିକା ଏସ୍.ଡି.ପି.ଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି । ଗତ କିଛି ମାସର ବ୍ୟବଧାନରେ ପୁଣି ଗଞ୍ଜାମ ଜିଲ୍ଲାରେ ବଡ ଧରଣର ଚୋରି ଘଟଣା ସାମ୍ନାକୁ ଆସିଛି । ଜିଲ୍ଲାରେ ହତ୍ୟା, ରାହାଜାନୀ, ଲୁଟ୍,ଚୋରି, ଗଣଦୁଷ୍କର୍ମ ଭଳି ଅପରାଧ ବଢି ଚାଲିଥିବା ବେଳେ ପୋଲିସ ପାଇଁ ଏହା ମୁଣ୍ଡବ୍ୟଥାର କାରଣ ପାଲଟିଛି ।

# ସିଲଭରସିଟିରେ ଖୁସିର ଲହରୀ : ବାଲିଯାତ୍ରା ପାଇବ ଅନ୍ତର୍ଜାତୀୟ ମାନ୍ୟତା

**କଟକ, ନ୍ୟୁଜ ବ୍ୟୁରୋ**

ଐତିହାସିକ ବାଲିଯାତ୍ରାକୁ ମିଳିବ ଅନ୍ତର୍ଜାତୀୟ ମାନ୍ୟତା । ରାଜ୍ୟ କ୍ୟାବିନେଟର ନିଷ୍ପତ୍ତି ପରେ ଏହାକୁ ନେଇ ଆଶା ସଞ୍ଚାର ହୋଇଛି । ଦୀର୍ଘଦିନ ଧରି ବାଲିଯାତ୍ରାକୁ ଜାତୀୟ ମାନ୍ୟତା ପାଇଁ ପ୍ରଚେଷ୍ଟା ଚାଲି ଆସୁଥିବାବେଳେ ଏବେ ଆଉ ପାଦେ ଆଗକୁ ଯାଇଛି ବାଲିଯାତ୍ରା ପ୍ରସଙ୍ଗ । ଯାହାକୁ ସବୁ ମହଲରେ ସ୍ୱାଗତ କରାଯାଇଛି । ରାଜ୍ୟର ସର୍ବବୃହତ ମୁକ୍ତାକାଶ ବାଣିଜ୍ୟିକ ଓ ସାଂସ୍କୃତିକ ମେଳାକୁ ମିଳିବ ଅନ୍ତର୍ଜାତୀୟ ମାନ୍ୟତା । ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଯୋଡି ହୋଇ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ କଟକ । ଓଡ଼ିଆ ସାଧବପୁଅ, ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ସ୍ମୃତି ବହନ କରୁଥିବା କଟକ ବାଲିଯାତ୍ରା ପାଇଁ ସୃଷ୍ଟି ହୋଇଛି ନୂଆ ଆଶା । ଏହାକୁ ନେଇ କଟକବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି ।

କଟକବାସୀଙ୍କ ବହୁ ଦିନର ସ୍ୱପ୍ନ ବାସ୍ତବ ରୂପ ନେବାକୁ ଯାଉଛି । କଟକ ବାଲିଯାତ୍ରାକୁ ଅନ୍ତର୍ଜାତୀୟ ମାନ୍ୟତା ପ୍ରଚେଷ୍ଟା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମକୁ ସ୍ୱାଗତ କରିଛନ୍ତି ପୂର୍ବତନ ମନ୍ତ୍ରୀ ସମୀର ଦେ । ସେ କହିଛନ୍ତି, ଏହା କଟକବାସୀଙ୍କ ବହୁ ଦିନର ଦାବି ଥିଲା । ଇଣ୍ଡୋନେସିଆରେ ପ୍ରଧାନମନ୍ତ୍ରୀ କଟକ ବାଲିଯାତ୍ରା କଥା ଉଲ୍ଲେଖ କରିଛନ୍ତି । ଅନ୍ୟପଟେ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ପାଇଁ ପୂର୍ବରୁ ବହୁବାର ପ୍ରଚେଷ୍ଟା କରାଯାଇଛି ବୋଲି କହିଛନ୍ତି କଟକ ମେୟର ସୁବାସ ସିଂ । ସେ କହିଛନ୍ତି ଯେ, ସାଂସଦ ଥିବା ସମୟରେ ମଧ୍ୟ ସଂସଦରେ ଦାବି ଉପସ୍ଥାପନ କରାଯାଇଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବି କେନ୍ଦ୍ରକୁ ଚିଠି ଲେଖିଥିଲେ ।' ବାଲିଯାତ୍ରାକୁ ଅନ୍ତର୍ଜାତୀୟ ମାନ୍ୟତା ନେଇ ରାଜ୍ୟ କ୍ୟାବିନେଟରେ ପ୍ରସ୍ତାବ ଆସିବା ପରେ କଟକବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ରାଜ୍ୟବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ବାସ୍ତବ ଆଡକୁ ଅଗ୍ରସର ହେଉଛି । ଯାହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରୁ ଆରମ୍ଭ ହେଉଥିବା ଏହି ଐତିହାସିକ ବାଣିଜ୍ୟ ମେଳା ୭ରୁ ୮ଦିନ ଧରି ବାଲିଯାତ୍ରା ପଡ଼ିଆରେ ଆୟୋଜିତ ହୋଇଥାଏ । ଏହି ମେଳାରେ ରାଜ୍ୟ ସମେତ ଦେଶ ବିଦେଶରୁ ପ୍ରତିଦିନ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥାଏ । ଆଉ ଅନ୍ତର୍ଜାତୀୟ ମାନ୍ୟତା ମିଳିଲେ ଏହାର କଳେବର ବୃଦ୍ଧି ପାଇବ ବୋଲି ଆଶା ରହିଛି ।

## ନେପାଳ ବସ୍ ଦୁର୍ଘଟଣା- ତିନି ଦିନରେ କେବଳ ୫ଟି ମୃତଦେହ ଜବତ

**କାଠମାଣ୍ଡୁ, ୧୪/୭**

ଶୁକ୍ରବାର ଭୋରରେ ନଦୀକୁ ଖସିପଡି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦୁଇଟି ବସରେ ଥିବା ୬୫ ଯାତ୍ରୀଙ୍କ ତଲାସୀରେ ଚାଲିଥିବା ଅଭିଯାନରେ ଏବେ ସୁଦ୍ଧା କେବଳ ୫ଟି ମୃତଦେହ ଜବତ ହୋଇଛି । ୧୫୦ କିଲୋମିଟର ପରିସର ଯାଏ ତଲାସୀ ଅଭିଯାନ ପରେ ବି ରବିବାର ସକାଳ ସୁଦ୍ଧା ସେତେଟା ସଫଳତା ମିଳିନି । ଏପରିକି ଦୁର୍ଘଟଣାର ଶିକାର ହୋଇଥିବା ଦୁଇଟି ବସର ଏବେ ସୁଦ୍ଧା କୌଣସି ପତ୍ତା ମିଳିନି । ଶନିବାର ତିନୋଟି ମୃତଦେହ ଜବତ ହୋଇଥିବା ବେଳେ ରବିବାର ସକାଳେ ଦୁଇଟି ମୃତଦେହ ଉଦ୍ଧାର ହୋଇଛି । ପୂର୍ବ ନଭଲପରାସୀ ଜିଲ୍ଲାର ଗୋଲାଘାଟ ନିକଟରୁ ଏହି ମୃତଦେହ ଜବତ ହୋଇଛି ।

ସାଆନ୍ତଙ୍କ ଅପେକ୍ଷାରେ ୩ ରଥ...



ପୁରୀ : ମାଉସୀ ମା' ମନ୍ଦିରରେ ଭକ୍ତିମୟ ପରିବେଶରେ କମ୍ପୁଛି ଶରଧାବାଲି...

# ୬ ବରିଷ୍ଠ ଓଏଏସ୍‌ଙ୍କୁ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଓ ଓଏସଡି ଦାୟିତ୍ୱ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୬ ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଓ ଓଏସଡି ଭାବେ ଦାୟିତ୍ୱ ଦିଆଯାଇଛି । ୪ ଜଣଙ୍କୁ ବ୍ୟକ୍ତିଗତ ସଚିବ ଓ ୨ ଜଣଙ୍କୁ ଓଏସଡି ଦାୟିତ୍ୱ ମିଳିଛି । କେନ୍ଦ୍ରାପଡା ଏଡିଏମ୍ ପୀତାମ୍ବର ସାମଲଙ୍କୁ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଦାୟିତ୍ୱ ମିଳିଛି । ସେହିପରି ବୌଦ୍ଧ ଏଡିଏମ୍ ଦିଲ୍ଲୀପ ମହାପାତ୍ରଙ୍କୁ ଜଙ୍ଗଲ ଓ ପରିବେଶ, ଶ୍ରମ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଦାୟିତ୍ୱ ମିଳିଛି । ମଧୁସୂଦନ ବେହେରା ଖାଦ୍ୟ ଯୋଗାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀଙ୍କ ପିଏସ୍ , ବାଦଲ କୁମାର ମହାନ୍ତି ମତ୍ସ୍ୟ ସମ୍ପଦ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ନିଯୁକ୍ତି ମିଳିଛି । ସିଦ୍ଧାର୍ଥ ଶଙ୍କର ସାହୁଙ୍କୁ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀଙ୍କ ଓଏସଡି ଓ ଆଶିଷ ଭୋଇଙ୍କୁ ଏମଏସଏମଇ, ଏସ୍‌ଟି/ଏସ୍‌ସି କଲ୍ୟାଣ ମନ୍ତ୍ରୀଙ୍କ ଓଏସଡି ଭାବେ ନିଯୁକ୍ତି ମିଳିଛି । ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ଲୋକସଭାର ଉପବାଚସ୍ପତି ହେଲେ ଗୌରବ ଗୋଗୋଇ

**ନୂଆଦିଲ୍ଲୀ, ୧୪/୭**

ଲୋକ ସଭାରେ ଡେପୁଟି ସ୍ପିକରଙ୍କ ନାଁ ଘୋଷଣା କରିଛନ୍ତି ବିରୋଧୀ । କଂଗ୍ରେସ ଗୌରବ ଗୋଗୋଇଙ୍କୁ ଲୋକ ସଭାର ଉପବାଚସ୍ପତି କରିଛି । ଗତ ଲୋକ ସଭାରେ ସେ କଂଗ୍ରେସ ଦଳର ଉପନେତା ଥିଲେ । ଏହା ବ୍ୟତୀତ କେ ସୁରେଶଙ୍କୁ ମୁଖ୍ୟ ସଚେତକ ଏବଂ ମାଣିକମ ଟାଗୋର, ମହମ୍ମଦ ଜାଭେଦଙ୍କୁ ଦଳର ସଚେତକ ଦାୟିତ୍ୱ ଦିଆଯାଇଛି । ଏନେଇ କଂଗ୍ରେସ ସଂସଦୀୟ ଦଳର ମୁଖ୍ୟ ସୋନିଆ ଗାନ୍ଧୀ ଲୋକ ସଭା ବାଚସ୍ପତିଙ୍କୁ ସୂଚନା ଦେଇଛନ୍ତି । ଗୌରବ ଗୋଗୋଇ ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ତରୁଣ ଗୋଗୋଇଙ୍କ ପୁଅ ଅଟନ୍ତି । ସେ ଏହାପୂର୍ବରୁ ୨୦୨୦ରୁ ଲୋକ ସଭାରେ ଭାରତୀୟ ଜାତୀୟ କଂଗ୍ରେସର ଉପନେତା ଭାବରେ କାମ କରିଛନ୍ତି ।

**ତ୍ରୀଶା ହସ୍ପିଟାଲ ଅଗ୍ନିକାଣ୍ଡ ଘଟଣା**

# ନବଜାତକଙ୍କ ଚିକିତ୍ସା ବ୍ୟବସ୍ଥା ତଦାରଖ କଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

**କଟକ/ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ତ୍ରୀଶା ହସ୍ପିଟାଲ ଅଗ୍ନିକାଣ୍ଡ ଘଟଣାରେ ଶିଶୁ ଭବନରେ ପହଞ୍ଚି ଅଗ୍ନିକାଣ୍ଡ ଯୋଗୁଁ ସ୍ଥାନାନ୍ତରିତ ନବଜାତକଙ୍କ ଚିକିତ୍ସା ବ୍ୟବସ୍ଥା ତଦାରଖ କରିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ । ସ୍ଥିତି ଅନୁଧ୍ୟାନ ପରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଘଟଣାର ଅନୁସନ୍ଧାନ ପାଇଁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠିତ ହୋଇଛି । ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ର ସୁପାରିଶ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ । ଏହାସହ ସବୁ ବେସରକାରୀ ହସ୍ପିଟାଲର ଅଗ୍ନି ନିରାପତା ବ୍ୟବସ୍ଥା ଯାଂଚ ହେବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ । ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହ ସ୍ୱାସ୍ଥ୍ୟ ସଚିବ ମଧ୍ୟ ଶିଶୁ ଭବନ ପରିଦର୍ଶନ କରିଥିଲେ । ଅନ୍ୟପକ୍ଷରେ ଶିଶୁ ଭବନ ସୁପରିଣ୍ଟେଣ୍ଡେଣ୍ଟ କହିଛନ୍ତି ତ୍ରୀଶା ହସ୍ପିଟାଲରେ ଅଗ୍ନିକାଣ୍ଡ ପରେ ଶିଶୁ ଭବନକୁ ୧୭ ନବଜାତକ ଆସିଥିଲେ । ୧୭ଶିଶୁଙ୍କ ମଧ୍ୟରୁ ପାଂଚ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ଜଣେ ଶିଶୁର ଅବସ୍ଥା ସଙ୍କଟାପନ୍ନ ରହିଛି । କୌଣସି ଶିଶୁ ଅଗ୍ନିକାଣ୍ଡ ଯୋଗୁଁ ଗୁରୁତର ହୋଇନାହାନ୍ତି ।

## ୪୬ଟି ଟ୍ରେନ୍‌ରେ ଲାଗିଲା ଅତିରିକ୍ତ ୯୨ ବଗି

**ନୂଆଦିଲ୍ଲୀ,**

ଟ୍ରେନ୍‌ର ଜେନେରାଲ ବଗିରେ ଯାତ୍ରା କରୁଥିବା ଯାତ୍ରୀଙ୍କ ସୁବିଧା ନିମନ୍ତେ ପଦକ୍ଷେପ ଗ୍ରହଣ କରିଛି ଭାରତୀୟ ରେଳ ବିଭାଗ । ୪୬ଟି ଦୂରଗାମୀ ଟ୍ରେନ୍‌ରେ ୯୨ଟି ଅତିରିକ୍ତ ବଗି ଲଗାଯାଇଥିବା ରେଳ ବିଭାଗ ତରଫରୁ ସୂଚନା ଦିଆଯାଇଛି । ବେଙ୍ଗାଲୁରୁ ସିଟି ବେଲଗାଭି ସୁପରଫାଷ୍ଟ ଏକ୍ସପ୍ରେସ୍, ଚେନ୍ନଇ ସେଣ୍ଟ୍ରାଲ୍ ହୁବଲି ସୁପରଫାଷ୍ଟ ଏକ୍ସପ୍ରେସ୍, ମୁମ୍ବଇ ବେଙ୍ଗାଲୁରୁ ଉଡାୟନ ଏକ୍ସପ୍ରେସ୍, ମୁମ୍ବଇ ଅମରାବତୀ ସୁପରଫାଷ୍ଟ, ଗୁଆହାଟୀ ଲୋକମାନ୍ୟ ତିଲକ ଏକ୍ସପ୍ରେସ୍, ଗୁଆହାଟୀ ଜମ୍ମୁ ତାୱି ଏକ୍ସପ୍ରେସ ଆଦିରେ ନୂତନ ବଗି ସଂଯୋଗ କରାଯାଇଛି । ଏଥିସହ ଆଉ ୨୨ଟି ଟ୍ରେନ୍‌ରେ ଅତିରିକ୍ତ ଜେନେରାଲ ବଗି ସଂଯୋଗ କରିବାକୁ ଯୋଜନା ରହିଥିବା ରେଳ ବିଭାଗ ତରଫରୁ ସୂଚନା ଦିଆଯାଇଛି । ୨୦୨୪-୨୫ ଓ ୨୦୨୫-୨୬ରେ ଅତିରିକ୍ତ ୧୦ ହଜାର ବଗି ନିର୍ମାଣ କରିବାକୁ ଯୋଜନା ରହିଥିବା ମନ୍ତ୍ରଣାଳୟ ଦର୍ଶାଇଛି । ସେଥିମଧ୍ୟରେ ୩୨ଟି ପାର୍ସଲ ଭ୍ୟାନ ଓ ୫୫ଟି ପାନ୍‌ଟ୍ରି କାର୍ ବଗି ନିର୍ମାଣ କରାଯିବ । ଚଳିତବର୍ଷ ରେଳ ବିଭାଗ ତରଫରୁ ୨୬୦୫ଟି ଜେନେରାଲ ବଗି ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ଜନୈକ ଅଧିକାରୀ ସୂଚନା ଦେଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଖୋଲିଲା...

ଭଣ୍ଡାର ମେକାପଙ୍କ ଉପସ୍ଥିତିରେ ୩ଟି ତାଲା ଭଙ୍ଗା ଯାଇଥିଲା । ଆମେ ସବୁ ଦେଖିଲୁ ସିନ୍ଦୁକ, ଆଲମାରୀରେ ଅଳଙ୍କାର ଅଛି । ସମୟ ଅଭାବରୁ ରବିବାର ଅଳଙ୍କାର ସ୍ଥାନାନ୍ତରିତ କରାଯାଇପାରିଲା ନାହିଁ । ଏଥି ପାଇଁ ଆଉ ଗୋଟିଏ ଦିନ ଦରକାର । ଏଥି ପାଇଁ ସରକାରଙ୍କୁ ଅନୁରୋଧ କରାଯିବ । ରତ୍ନଭଣ୍ଡାରର ସ୍ଥାନାନ୍ତରିତ ହେଲା ପରେ ଗଣତି ହେବ । ଭିତର ରତ୍ନଭଣ୍ଡାରରେ ବିରାଟ ବିରାଟ ଗାତ ରହିଛି । ମୂଷାମାନେ ଏଭଳି ବଡ଼ ବଡ଼ ଗାତ କରିଛନ୍ତି । ମୂଷାମାନଙ୍କ ଦ୍ୱାରା ସୁଡ଼ଙ୍ଗ ଭଳି ବଡ଼ ବଡ଼ ଗାତ ହୋଇଛି । ରତ୍ନଭଣ୍ଡାର ଭିତରେ କୌଣସି ସାପ ଭୟ ନଥିଲା । ତେଣୁ ଶ୍ରୀମନ୍ଦିର ଭିତରୁ ସ୍ନେକ ହେଲ୍ପଲାଇନ ସଦସ୍ୟ ବାହାରି ଆସିଥିଲେ ବୋଲି ଶୁଭେନ୍ଦୁ ମଲ୍ଲିକ କହିଛନ୍ତି । ସେ କହିଛନ୍ତି, ଆମକୁ ଷ୍ଟାଣ୍ଡବାଇ ରଖାଯାଇଥିଲା, ଆମେ ଅପେକ୍ଷା କରିଥିଲୁ । ଆମେ ଭିତରକୁ ଯାଇନଥିଲୁ, ବାହାରେ ଅପେକ୍ଷା କରିଥିଲୁ ।

### ବିଦ୍ୟୁତ ଆଘାତରେ...

ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁସାରେ, ଗ୍ରାମରେ ଠାକୁରାଣୀ ଯାତ୍ରା ଚାଲିଥିଲା । ଯାତ୍ରା ସମୟରେ ରାମାୟଣ ନାଟକ ପରିବେଷଣ ହେଉଥିଲା । ଷ୍ଟେଜରେ ନାଟକ ପରିବେଷଣ ସମୟରେ ବିଦ୍ୟୁତ ତାର ଲାଗିଯିବା ଫଳରେ ପିଲାମାନେ ଆହତ ହୋଇଥିବା ଜଣାପଡ଼ିଛି । ସମସ୍ତ ପିଲାଙ୍କ ବୟସ ୭ରୁ ୧୨ ବର୍ଷ ମଧ୍ୟରେ ହେବ ବୋଲି ସୂଚନା ମିଳିଛି ।

### ଆଜି ଶ୍ରୀଜୀଉଙ୍କ

ତଡପଲାଗି ପ୍ରାତଃ ୪ଟା ୩୦, ରୋଷହୋମ ପ୍ରାତଃ ୪ଟା ୩୦, ଅବକାଶ ପ୍ରାତଃ ୫ଟା, ସୂର୍ଯ୍ୟପୂଜା ପ୍ରାତଃ ୫ଟା ୧୫, ଦ୍ୱାରପାଳ ପୂଜା ୫ଟା ୩୦, ବେଶଶେଷ ୫ଟା ୩୦, ଗୋପାଳ ବଲ୍ଲଭ ଓ ସକାଳ ଧୂପ ୫ଟା ୪୫ରୁ ୬ ଟା ୪୫ ଭିତରେ କରାଯାଇଛି । ସକାଳ ୭ଟାରୁ ୧୧ଟା ୩୦ରେ ଲାଗି ହେବ ସେନାପଟା । ଏହାସହ ମଙ୍ଗଳାର୍ପଣ ୧୧ଟା ୪୫ ହୋଇ ଦିବା ୧୨ଟାରୁ ୨ଟା ୩୦ରେ ହେବ ବାହୁଡା ପହଣ୍ଡି, ଦିବା ଗୋଟାଏରୁ ୨ଟା ୩୦ ମଧ୍ୟରେ ବେଶ ଶେଷ ହୋଇ ଦିବା ୨ଟା ୩୦ରୁ ୩ଟା ୩୦ରେ ଛେରାପହଁରା ହେବାର କାର୍ଯ୍ୟକ୍ରମ ରହିଛି । ୩ଟା ରୁ ୪ଟା ମଧ୍ୟରେ ଚାରମାଳ ଫିଟା ହୋଇ ଆରମ୍ଭ ହେବ ରଥଟଣା କାର୍ଯ୍ୟକ୍ରମ ।

### ଇତିହାସ ରଚିବେ...

କେନ୍ଦ୍ର ମନ୍ତ୍ରୀ କିରନ ରିଜିଜୁ ନିଜେ ଟୁଇଟରରେ ଏହି ସୂଚନା ଦେଇଛନ୍ତି । ସେ ଲେଖିଛନ୍ତି ଯେ ଏଥର ବଜେଟ ଅଧିବେଶନ ଜୁଲାଇ ୨୨ରୁ ଆରମ୍ଭ ହେବ, ଯାହା ଅଗଷ୍ଟ ୧୨ପର୍ଯ୍ୟନ୍ତ ଚାଲିବ । ଏଥି ସହିତ ନିର୍ମଳା ସୀତାରମଣ କ୍ରମାଗତ ସପ୍ତମ ଥର ପାଇଁ ବଜେଟ ଉପସ୍ଥାପନ କରିବେ । ସୂଚନା ଅନୁଯାୟୀ, ମୋଦି ସରକାରଙ୍କ ତୃତୀୟ କାର୍ଯ୍ୟକାଳର ଏହା ହେଉଛି ପ୍ରଥମ ପୂର୍ଣ୍ଣ ବଜେଟ । ଏଥି ସହିତ, ଏହି ସମୟର ବଜେଟରୁ ଏହା ଇନଫ୍ରା, ଇଭି ସେକ୍ଟର ଏବଂ ଏମଏସଏମଇ କ୍ଷେତ୍ର ପ୍ରତି ବିଶେଷ ଧ୍ୟାନ ଦେବ ବୋଲି ଆଶା କରାଯାଉଛି ।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲଗାତାର ୫ଥର ବଜେଟ ଉପସ୍ଥାପନ କରିଥିବା ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ, ପି ଚିଦାମ୍ବରମ, ମନମୋହନ ସିଂ ଏବଂ ଯଶୱନ୍ତ ସିହ୍ନାଙ୍କୁ ପଛରେ ଛାଡି ସାରିଛନ୍ତି । ସୂଚନା ମୁତାବକ ୨୦୧୯ରେ ନିର୍ମଳା ସୀତାରମଣ ଦେଶର ପ୍ରଥମ ପୂର୍ଣ୍ଣକାଳୀନ ମହିଳା ଅର୍ଥମନ୍ତ୍ରୀ ଭାବରେ ତାଙ୍କର ପ୍ରଥମ ବଜେଟ ଭାଷଣ ଉପସ୍ଥାପନ କରିଥିଲେ ।

### ଟ୍ରମ୍ପଙ୍କୁ ଗୁଳିମାଡ଼...

ବେଳେ ଅନ୍ୟ ଜଣେ ୧୦୦ ଫୁଟ ଦୂର ଏକ କୋଠାର ଛାତରେ ଥିଲେ । ସେଠାରୁ ସେ ଟ୍ରମ୍ପଙ୍କୁ ଟାର୍ଗେଟ କରିଥିଲେ । ହେଲେ ସୁରକ୍ଷାକର୍ମୀମାନେ ତାଙ୍କୁ ହତ୍ୟା କରିଥିଲେ । ଗୁଳି ବାଜିବା ପରେ ମଧ୍ୟ ଟ୍ରମ୍ପ ସ୍ଲୋଗାନ ଜାରି ରଖିଥିଲେ । ଘଟଣାକୁ ନେଇ ଦେଶରେ ଉତ୍ତେଜନା ବଢ଼ିଥିବା ବେଳେ ନ୍ୟୁୟର୍କରେ ସୁରକ୍ଷା କଡ଼ାକଡ଼ି କରାଯାଇଛି ।

### ଭିଜିବ ବାହୁଡ଼ା...

ଓ ମାଲାକନଗିରି ଆଦି ଦକ୍ଷିଣ ଓଡ଼ିଶାର ୪ ଜିଲ୍ଲାରେ ଅତିପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସୁନ୍ଦରଗଡ଼, କେନ୍ଦୁଝର, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ଗଞ୍ଜାମ, ଗଜପତି, ନୟାଗଡ଼, ଖୋର୍ଦ୍ଧା, କଳାହାଣ୍ଡି, ନବରଙ୍ଗପୁର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସୋମବାର ମଧ୍ୟ ଏହି ସବୁ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି । ଏଣୁ ୧୭ ତାରିଖ ଯାଏଁ ସତର୍କ ସୂଚନା ରହିଥିବାରୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ବୈଜ୍ଞାନିକ ଡ. ସଞ୍ଜୀବ ଦ୍ୱିବେଦୀ ସୂଚନା ଦେଇଛନ୍ତି । ଜୁନରୁ ଜୁଲାଇ ୧୩ ସୁଦ୍ଧା ୨୫୦ ମିମି ସ୍ୱାଭାବିକ ବର୍ଷା ହେବା କଥା । କିନ୍ତୁ ଏହି ଅବଧିରେ ସ୍ୱାଭାବିକଠାରୁ ୨୭% କମ ବର୍ଷା ହୋଇଛି ।

ପାଣିପାଗ ବିଶେଷଜ୍ଞ ସୁରେନ୍ଦ୍ରନାଥ ପଶୁପାଳକଙ୍କ ଆକଳନ ମୁତାବକ, ୭ ଦିନ ଭିତରେ ଉତ୍ତର ବଙ୍ଗୋପସାଗରରେ ଦୁଇଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ସମ୍ଭାବନା ରହିଛି । ରବିବାର ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣି ବଳୟ ସୃଷ୍ଟି ହୋଇଛି । ୧୫ରେ ଲଘୁଚାପ ରୂପ ନେବ । ୧୬ରେ ଓଡ଼ିଶା ରାୟପୁର ପର୍ଯ୍ୟନ୍ତ ବିସ୍ତୃତି ଓ ୧୭ରେ ମଧ୍ୟପ୍ରଦେଶ ମୁହାଁ ହେବ । ୧୮ରେ ଉତ୍ତର ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ । ଏହା ୨ଦିନ ପର୍ଯ୍ୟନ୍ତ ଓଡ଼ିଶା ସଂଲଗ୍ନ ସମୁଦ୍ରରେ ରହିବ । ଏହା ପରେ ୨୧ ଓ ୨୨ ଆଡ଼କୁ ଝାଡ଼ଖଣ୍ଡ ମୁହାଁ ହେବ । ଏହି ଦୁଇଟି ଲଘୁଚାପ ଫଳରେ ଦକ୍ଷିଣ ଓଡ଼ିଶାର ପ୍ରାୟ ସମସ୍ତ ଜିଲ୍ଲାରେ ବର୍ଷା ହେବ ବୋଲି ସେ ଆକଳନ କରିଛନ୍ତି ।

### ଏକ୍ସରେ ରେକର୍ଡ ...

ଏବଂ ଅଷ୍ଟ୍ରିଆରେ ମଧ୍ୟ ଦେଖିବାକୁ ମିଳିଥିଲା । ଭାରତରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଅନୁଗାମୀଙ୍କ ସଂଖ୍ୟା ଅନ୍ୟ ଭାରତୀୟ ରାଜନେତାଙ୍କ ତୁଳନାରେ ଅଧିକ । ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ୨୬.୪ ମିଲିୟନ ଫଲୋୟର୍ସ ଥିବାବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ୨୭.୫ ମିଲିୟନ ଫଲୋୟର୍ସ ଅଛନ୍ତି । ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ (୧୯.୯ ମିଲିୟନ ଫଲୋୟର୍ସ ), ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ (୭.୪ ମିଲିୟନ ଫଲୋୟର୍ସ), ରାଷ୍ଟ୍ରୀୟ ଜନତା ଦଳ ସୁପ୍ରିମୋ ଲାଲୁ ପ୍ରସାଦ ଏବଂ ଏନସିପି (ଏସପି) ମୁଖ୍ୟ ଶରଦ ପାୱାର (୨.୯ ମିଲିୟନ ଫଲୋୟର୍ସ) ଙ୍କ ପରି ପ୍ରଧାନମନ୍ତ୍ରୀ ମୋଦି ବହୁ ଆଗରେ ଅଛନ୍ତି ।

## ରକ୍ତ ସଙ୍କଟ : ୩ ମାସ ହେଲା ବିଜେଡିର ରକ୍ତ ସଂଗ୍ରହ ଅଭିଯାନ ବନ୍ଦ

# ୪୧ ମାସରେ ୪ ଲକ୍ଷରୁ ଅଧିକ ୟୁନିଟ୍ ରକ୍ତ ସଂଗ୍ରହ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟର ବିଭିନ୍ନ ରକ୍ତ ଭଣ୍ଡାରରେ ଦେଖାଦେଉଛି ରକ୍ତ ସଙ୍କଟ । ରୋଗୀଙ୍କୁ ମିଳୁନି ଆବଶ୍ୟକ ମୁତାବକ ରକ୍ତ । ପୂର୍ବ ଅପେକ୍ଷା ରକ୍ତଦାନ ଶିବିର ଆୟୋଜନ କମିଥିବାରୁ ସ୍ୱେଚ୍ଛାକୃତ ରକ୍ତ ସଂଗ୍ରହ ହ୍ରାସ ପାଇଛି । କିଛି ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱାରା ଆୟୋଜିତ ଶିବିରରୁ ମିଳୁଥିବା ରକ୍ତ ସମୁଦ୍ରକୁ ଶଙ୍ଖେ ସଦୃଶ । ଏଭଳି ସ୍ଥିତିରେ ରକ୍ତାଭାବ ଉତ୍କଟ ହେଲାଣି । ସରକାର ଚାହିଦା ମେଣ୍ଟାଇ ପାରୁନାହାନ୍ତି । ରାଜଧାନୀର କ୍ୟାପିଟାଲ ହସ୍ପିଟାଲ ରକ୍ତ ଭଣ୍ଡାର, ବିଏମ୍‌ସି, ରେଡକ୍ରସ୍ ରକ୍ତଭଣ୍ଡାର ସମେତ କଟକର ଏସ୍‌ସିବି ରକ୍ତ ଭଣ୍ଡାର ହେଉ କି ରେଡକ୍ରସ୍ ରକ୍ତ ଭଣ୍ଡାର, ସବୁଠି ରକ୍ତର ଅଭାବ । ଅଧିକାଂଶ ରୋଗୀଙ୍କ ସମ୍ପର୍କୀୟଙ୍କୁ ରକ୍ତ ଦେଇ ରକ୍ତ ନେବାକୁ ଭଣ୍ଡାର ପକ୍ଷରୁ କୁହାଯାଇଛି । ଅନ୍ୟଥା ରୋଗୀ ସମ୍ପର୍କୀୟ ଚଢ଼ା ମୂଲ୍ୟରେ କଳାବଜାରରୁ ରକ୍ତ କିଣୁଛନ୍ତି ।



ଶାସନରେ ଥିବା ବିଜୁ ଜନତା ଦଳ (ବିଜେଡି) ଓ କିଛି ପ୍ରମୁଖ ସ୍ୱେଚ୍ଛାସେବୀ ସଂଗଠନ ସେମାନଙ୍କ ସାମାଜିକ ଦାୟିତ୍ୱବୋଧ ପାଳନ ସ୍ୱରୂପ ଗତ କିଛି ବର୍ଷ ଧରି ବ୍ୟାପକ ରକ୍ତଦାନ ଶିବିର ଆୟୋଜନ ମାଧ୍ୟମରେ ରକ୍ତ ଅଭାବ ମେଣ୍ଟାଇ ଆସୁଥିଲେ । ଏବେ ବିଜେଡି ସରକାର କ୍ଷମତାଚ୍ୟୁତ ହେବା ସହିତ ରକ୍ତ ସଂଗ୍ରହ ଅଭିଯାନ ବନ୍ଦ ହୋଇଯାଇଛି । ବିଜେଡି ପକ୍ଷରୁ ପ୍ରଥମେ 'ଜୀବନ ବିନ୍ଦୁ' କାର୍ଯ୍ୟକ୍ରମ ଜରିଆରେ ରକ୍ତ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଥିଲା । ରାଜ୍ୟର ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଆୟୋଜନ କରାଯାଉଥିଲା । ପରେ ଏହାକୁ ବ୍ୟାପକ ଓ ଲୋକାଭିମୁଖୀ କରିବା ପାଇଁ ୨୦୨୦ ଅଗଷ୍ଟରୁ 'ଓଡ଼ିଶା ମୋ ପରିବାର' ଆରମ୍ଭ କରାଯାଇଥିଲା । ଜୀବନ ବିନ୍ଦୁ ସହ ଓଡ଼ିଶା ମୋ ପରିବାର ମିଳିତ ଭାବେ ଦଳ ପକ୍ଷରୁ ସାରା ରାଜ୍ୟରେ ରକ୍ତ ସଂଗ୍ରହ ଅଭିଯାନ ଚଳାଇଥିଲେ । ରକ୍ତଦାନ ଶିବିର ଆୟୋଜନ ସହିତ ଅଙ୍ଗଦାନ, ପ୍ଲାଜ୍‌ମା ଭଳି ଚିକିତ୍ସା କ୍ଷେତ୍ରରେ ବିଭିନ୍ନ ସେବାମୂଳକ କାର୍ଯ୍ୟ ହାତକୁ ନେଇଥଲା । ଗତ ୪୧ ମାସ ମଧ୍ୟରେ ଏହି ଅଭିଯାନ ମାଧ୍ୟମରେ ରେକର୍ଡ ପରିମାଣ ୪ ଲକ୍ଷରୁ ଅଧିକ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ମେ'ରେ ପ୍ରାୟ ୫ଶହ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ରାଜ୍ୟର ୫୪ ସରକାରୀ ରକ୍ତ ଭଣ୍ଡାର ସହ ଯୋଗସୂତ୍ର ରକ୍ଷା କରି ଥାଲାସେମିଆ, ସିକିଲସେଲ, ଦୁର୍ଘଟଣା ସହ ଅନ୍ୟ ରୋଗୀ ଓ ଆହତଙ୍କୁ ରକ୍ତ ଯୋଗାଇ ଦିଆଯାଉଥିଲା । ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ପାଇଁ ସ୍ୱତନ୍ତ୍ର ସହାୟତା ନମ୍ବର ଜାରି କରାଯିବା ସହ ପ୍ରତି ମାସରେ ଏକ 'ନ୍ୟୁଜ୍ ଲେଟର' ପ୍ରକାଶ ପାଉଥିଲା । ଅଭିଯାନ ପକ୍ଷରୁ ଶିବିର ଆୟୋଜକଙ୍କୁ ଆର୍ଥିକ ସହାୟତା ସହ ସମସ୍ତ ଆନୁଷଙ୍ଗିକ ସୁବିଧା ଯୋଗାଇ ଦିଆଯାଉଥିଲା । ୨୦୨୪ ସାଧାରଣ ନିର୍ବାଚନ ଯୋଗୁଁ ମେ'ରୁ ଓଡ଼ିଶା ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର ବନ୍ଦ ରହିଥିଲା । ନିର୍ବାଚନରେ ବିଜେଡିର ପରାଜୟ ପରେ ଶିବିର ବନ୍ଦ ହୋଇଗଲାଣି । ଏବେ ସମସ୍ତ କାର୍ଯ୍ୟକ୍ରମ ବନ୍ଦ । ରାଜଧାନୀର ବାପୁଜୀନଗରସ୍ଥିତ 'ଓଡ଼ିଶା ମୋ ପରିବାର' ଅଭିଯାନର କାର୍ଯ୍ୟାଳୟ ବନ୍ଦ ହୋଇଥିବାବେଳେ ସୂଚନା ପାଇଁ ରହିଥିବା ସାମାଜିକ ଗଣମାଧ୍ୟମ ଗ୍ରୁପ୍ ମଧ୍ୟ ବନ୍ଦ କରାଯାଇଛି । କାର୍ଯ୍ୟାଳୟରେ ନିଯୁକ୍ତ କର୍ମଚାରୀଙ୍କୁ ଛଟେଇ କରାଯାଇଛି । ପ୍ରାୟ ତିନି ମାସ ହେଲା ନ୍ୟୁଜ୍ ଲେଟର ପ୍ରକାଶ ପାଉନାହିଁ । ମେ'ରୁ 'ଓଡ଼ିଶା ମୋ ପରିବାର' ସ୍ଥାଣୁ ପାଲଟି ଯାଇଛି । ଏହା ରକ୍ତ ସଂକଟର ଅନ୍ୟତମ କାରଣ ପାଲଟିଛି । ସରକାରରୁ ଯିବା ପରେ ବିଜେଡି ତା'ର ସଙ୍ଗଠନକୁ ସଜାଡ଼ିବା ପାଇଁ ପ୍ରଚେଷ୍ଟା କରୁଛି, କିନ୍ତୁ 'ଓଡ଼ିଶା ମୋ ପରିବାର'କୁ ନେଇ କୌଣସି ନିଷ୍ପତ୍ତି ନେଇନି । ପ୍ରାୟ ତିନି ମାସ ହେଲା କାର୍ଯ୍ୟକ୍ରମ ବନ୍ଦ ଥିବାରୁ ଆଗାମୀ ଦିନରେ ଅନୁଷ୍ଠାନର ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରାଜ୍ୟର ଅନ୍ୟ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ରକ୍ତଦାନ ସମ୍ପର୍କିତ କୌଣସି ସ୍ୱତନ୍ତ୍ର ଅଭିଯାନ କରାଯାଇନାହିଁ । ସାମାଜିକ ସଂଗଠନଗୁଡ଼ିକ ଦ୍ୱାରା ସଂଗୃହୀତ ରକ୍ତ କୁଳୋଉନାହିଁ । ଓଡ଼ିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ କହିଛନ୍ତି ଯେ ଏବେ ଦଳ ପକ୍ଷରୁ ଏହି ଅଭିଯାନକୁ ବନ୍ଦ କରାଯାଇଛି । ମେ'ରୁ ଦଳର ଶୀର୍ଷ ନେତାଙ୍କ ପରାମର୍ଶରେ ଏହାକୁ ବନ୍ଦ ରଖାଯାଇଛି । ଅଭିଯାନ ରାଜ୍ୟରେ ରକ୍ତ ଅଭାବ ପୂରଣ କରିବାରେ ପ୍ରମୁଖ ଭୂମିକା ନେଇଥିଲା । ସବୁ ରକ୍ତ ଭଣ୍ଡାରର ସ୍ଥିତି ନିୟନ୍ତ୍ରଣ କରି ଆବଶ୍ୟକତା ମୁତାବକ ଶିବିର କରାଯାଉଥିଲା । 'ଓଡ଼ିଶା ମୋ ପରିବାର' ଓ 'ଜୀବନ ବିନ୍ଦୁ' ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯିବା ପରେ ରକ୍ତ ସଙ୍କଟକୁ ଦୃଷ୍ଟିରେ ରଖି କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ୍ ଜରିଆରେ ବ୍ୟକ୍ତିଗତ ଉଦ୍ୟମରେ ରକ୍ତ ଅଭାବ ଦୂର ପାଇଁ ପ୍ରଚେଷ୍ଟା ଆରମ୍ଭ କରିଛି । 'ଅମୃତ ବିନ୍ଦୁ' ନାମରେ ଏକ ନୂଆ ଅଭିଯାନ ଆରମ୍ଭ କରିବି । ଆସନ୍ତା ୧୩ରୁ ଏହି ଅଭିଯାନ ଆରମ୍ଭ ହେବ । ସାରା ରାଜ୍ୟରେ କିଭଳି ଗୋଟିଏ ଛାତ ତଳେ ରକ୍ତ ସଂଗ୍ରହ ହେବ ସେନେଇ ପ୍ରଚେଷ୍ଟା ଚଳାଇଛି ବୋଲି ଅରୂପ କହିଛନ୍ତି ।

ଭୁବନେଶ୍ୱର
୧୫ ଜୁଲାଇ
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ମଣିପୁରରେ ଅମୁନି ହିଂସା : ଉଗ୍ରବାଦୀଙ୍କ ଆକ୍ରମଣରେ ଜଣେ ଯବାନ ଶହୀଦ



**ଇମ୍ଫାଲ, ୧୪।୭**

ମଣିପୁରର ଜିରିବାମ ଜିଲ୍ଲାରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । ଏଠାରେ ପୋଲିସ ସହିତ ମିଳିତ ପାଟ୍ରୋଲିଂ ଦଳ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ଉପରେ ଆକ୍ରମଣ କରିଥିଲା । ଏହି ଆକ୍ରମଣରେ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆରପିଏଫ)ର ଜଣେ ଯବାନ ଶହୀଦ ହୋଇଥିବାବେଳେ ପୋଲିସ କମାଣ୍ଡୋ ଆହତ ହୋଇଥିଲେ । ବର୍ତ୍ତମାନ ସେଠାରେ ସର୍ଚ୍ଚ ଅପରେସନ ଚାଲିଛି ।

ମଣିପୁର ପୋଲିସ ଅଧିକାରୀ କହିଛନ୍ତି ଯେ ଆସାମ ସୀମାବର୍ତ୍ତୀ ଜିଲ୍ଲାରେ ମିଳିତ ପାଟ୍ରୋଲିଂ ପାର୍ଟିରେ ସନ୍ଦିଗ୍ଧ ଉଗ୍ରବାଦୀମାନେ ପ୍ରବଳ ଗୁଳି ଚଳାଇଥିଲେ । ସେହି ସମୟରେ ସିଆରପିଏଫ ଯବାନ ପାଟ୍ରୋଲିଂ କରୁଥିବା ବେଳେ ଏସୟୁଭି ନିକଟରେ ସନ୍ଦିଗ୍ଧ ଉଗ୍ରବାଦୀମାନେ ଗୁଳି ଚଳାଇବା ଆରମ୍ଭ କରିଥିଲେ । ପୋଲିସ ଅଧିକାରୀ କହିଛନ୍ତି ଯେ ଆମେ ମଧ୍ୟ ଏହାର ଜବାବ ଦେଇଛୁ । ଏହା ପରେ ସେମାନେ ଜଙ୍ଗଲ ଆଡକୁ ଯାଇ ଘଟଣାସ୍ଥଳରୁ ଖସି ପଳାଇବାରେ ସଫଳ ହୋଇଥିଲେ । ବର୍ତ୍ତମାନ ପୋଲିସ ସର୍ଚ୍ଚ ଅପରେସନ ଚାଲିଛି ।

ସେପଟେ ପୋଲିସ ଉପରେ ହୋଇଥିବା ଆକ୍ରମଣ ଉପରେ ରାଜ୍ୟ ମୁଖ୍ୟମନ୍ତ୍ରୀ ଏନ ବିରେନ ସିଂ ନିଜର ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ଯେ ଜିରିବାମ ଜିଲ୍ଲାର କୁକି ଆତଙ୍କବାଦୀ ବୋଲି ସନ୍ଦେହ କରାଯାଉଥିବା ଏକ ସଶସ୍ତ୍ର ଗୋଷ୍ଠୀର ଆକ୍ରମଣରେ ମୁଁ ଆଜି ସିଆରପିଏଫ ଯବାନଙ୍କ ହତ୍ୟାକୁ ଦୃଢ ନିନ୍ଦା କରୁଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଡ୍ୟୁଟି ଲାଇନରେ ତାଙ୍କର ସର୍ବୋଚ୍ଚ ବଳିଦାନ ବୃଥା ହେବ ନାହିଁ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୁଁ ମୃତ ଯବାନଙ୍କ ଶୋକସନ୍ତପ୍ତ ପରିବାରକୁ ମୋର ହୃଦୟରୁ ସମବେଦନା ଜଣାଉଛି ଏବଂ ଏହି ଆକ୍ରମଣରେ ଆହତଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି ।



ଭୁବନେଶ୍ୱର : ଅନ୍ତର୍ଜାତୀୟ ବାଲୁକା କଳା ଚାମ୍ପିଅନ୍‌ସିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଅନ୍ତର୍ଜାତୀୟ ବାଲୁକା କଳା ଖ୍ୟାତିସମ୍ପନ୍ନ ସୁଦର୍ଶନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । (ଫଟୋ : ସମ୍ବାଦ କଳିକା)

# ଅନନ୍ତ ଓ ରାଧିକାଙ୍କୁ ଆଶୀର୍ବାଦ ଦେଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ, ୧୪/୭**

'ଶୁଭ ଆଶୀର୍ବାଦ' ସମାରୋହରେ ଯୋଗ ଦେଇ ଅନନ୍ତ ଅମ୍ବାନୀ ଓ ରାଧିକା ମର୍ଚ୍ଚାଣ୍ଟଙ୍କୁ ଆଶୀର୍ବାଦ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଅନନ୍ତ ଓ ରାଧିକଙ୍କ ବିବାହର ଗୋଟିଏ ଦିନ ପରେ ଏହି ଶୁଭ ଆଶୀର୍ବାଦ ସମାରୋହ ଅନୁଷ୍ଠିତ ହୋଇଥିଲା । ଅମ୍ବାନୀ ପରିବାରର ମୁମ୍ବାଇ ସ୍ଥିତ ଜିଓ ୱାର୍ଲ୍ଡ କନଭେନସନ ସେଣ୍ଟରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦେଶର ତଥା ଦେଶ ବାହାରର ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ଥିଲେ ବଡ଼ ବଡ଼ ଶିଳ୍ପପତି, ରାଜନେତା, ଚଳଚ୍ଚିତ୍ର କଳାକାର, କ୍ରିକେଟର, ଆଧ୍ୟାତ୍ମିକ ଗୁରୁ ଓ ଆହୁରି ଅନେକ ବ୍ୟକ୍ତି ବିଶେଷ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜିଓ ୱାର୍ଲ୍ଡ କନଭେନସନ ସେଣ୍ଟରରେ ପହଞ୍ଚିବା ପରେ ମୁକେଶ ଅମ୍ବାନୀ ଓ ନିତା ଅମ୍ବାନୀ ତାଙ୍କୁ କାର୍ଯ୍ୟକ୍ରମ ସ୍ଥଳକୁ ପାଛୋଟି ନେଇଥିଲେ । ଅନନ୍ତ ଅମ୍ବାନୀ ଓ ରାଧିକା ମର୍ଚ୍ଚାଣ୍ଟ ପ୍ରଧାନମନ୍ତ୍ରୀଙ୍କ ଚରଣ ସ୍ପର୍ଶ କରି ଆଶୀର୍ବାଦ ନେଇଥିଲେ । ପ୍ରଧାନମନ୍ତ୍ରୀ ସେମାନଙ୍କ ମୁଣ୍ଡରେ ହାତ ରଖି ଆଶୀର୍ବାଦ ଦେଇଥିଲେ । ଏହା ସହିତ ପ୍ରଧାନମନ୍ତ୍ରୀ ସେମାନଙ୍କୁ ଉପହାର ଦେଇଥିଲେ । ଅନନ୍ତ ଓ ରାଧିକାଙ୍କ ବିବାହ ଉତ୍ସବକୁ ଯେଉଁମାନଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା, ସେମାନେ 'ଶୁଭ ଆଶୀର୍ବାଦ' କାର୍ଯ୍ୟକ୍ରମରେ ମଧ୍ୟ ଯୋଗ ଦେଇଥିଲେ । ଅମିତାଭ ବଚ୍ଚନ, ଶାହରୁଖ ଖାନ, ସଲମାନ ଖାନ, ରଣବୀର କପୁର, ସଚିନ ତେନ୍ଦୁଲକର, ମହେନ୍ଦ୍ର ସିଂହ ଧୋନି, ଯଶପ୍ରୀତ ବୁମ୍ରା, ହାର୍ଦ୍ଦିକ ପାଣ୍ଡ୍ୟା, ସୂର୍ଯ୍ୟକୁମାର ଯାଦବ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଉପ-ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ ଓ ଅଜିତ ପାୱାର, ଆରଜେଡି ମୁଖ୍ୟ ଲାଲୁ ଯାଦବ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଓ ତାଙ୍କ ପତ୍ନୀ ଡିମ୍ପଲ ଯାଦବ ଏବଂ ଶିବ ସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ମଙ୍ଗଳା ମନ୍ଦିର ବିକାଶ ପାଇଁ ୫୦ କୋଟି

# ନିମାପଡ଼ା-କୋଣାର୍କ- ଅସ୍ତରଙ୍ଗ ହେବ ତ୍ରିକୋଣୀୟ ପର୍ଯ୍ୟଟନ ଭୂମି : ଉପମୁଖ୍ୟମନ୍ତ୍ରୀ

**ପୁରୀ, ୧୪।୭ ନ୍ୟୁଜ ବ୍ୟୁରୋ**

ପୁରୀ ଜିଲ୍ଲା ନିମାପଡ଼ାର ମା' ପୂର୍ଣ୍ଣେଶ୍ୱରୀ ମନ୍ଦିର ଠାରୁ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିର ପର୍ଯ୍ୟନ୍ତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଐତିହ୍ୟ ସଚେତନତା ପଦଯାତ୍ରା କରିଛନ୍ତି । ପୁରୀ ଜିଲ୍ଲାରେ ପର୍ଯ୍ୟଟନର ବିକାଶ ଓ ସଚେତନତା ପାଇଁ ବିଶ୍ୱ ଐତିହ୍ୟ ଦିବସ ଅବ୍ୟବହିତ ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଏହି ପଦଯାତ୍ରା କରିବା ସହ ନିମାପଡ଼ା-କୋଣାର୍କ- ଅସ୍ତରଙ୍ଗକୁ ନେଇ ତ୍ରିକୋଣୀୟ ପର୍ଯ୍ୟଟନ ଭୂମି ହେବ ବୋଲି କହିଛନ୍ତି । କୁଶଭଦ୍ରା ଓ ପ୍ରାଚୀ ନଦୀ ତଟରେ ଥିବା ମଠ, ମନ୍ଦିର, ପୀରଜାହାନିଆ ପୀଠ ଓ ବେଳାଭୂମି, ଭାଗବତ ଟୁଙ୍ଗି ସମେତ ଗ୍ରାମାଞ୍ଚଳରେ ଥିବା ପୁରୁଣା କୀର୍ତ୍ତିରାଜିକୁ ଅନୁଧ୍ୟାନ କରାଯାଇ ଐତିହ୍ୟରେ ସାମିଲ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଶ୍ରୀମତୀ ପରିଡ଼ା କାକଟପୁରରେ ପହଞ୍ଚି ମା' ମଙ୍ଗଳାଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିବା ପରେ



ପର୍ଯ୍ୟଟନ ବିଭାଗ ତରଫରୁ ମନ୍ଦିର ଉନ୍ନତୀକରଣ ପାଇଁ ୫୦ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିଲେ । ପରେ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟ ପରିସରରେ ମନ୍ଦିର ଉନ୍ନତୀକରଣ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ଯାଦବ, ଓଟିଡିସି ଇଞ୍ଜିନିୟର ଅକ୍ଷୟ କୁମାର ସାହୁ, ମଙ୍ଗଳା ମନ୍ଦିର ଟ୍ରଷ୍ଟି ତଥା ସ୍ଥାନୀୟ ତହସିଲଦାର ଅଙ୍କିତା ଅନିନ୍ଦିତା, ମନ୍ଦିର ଟ୍ରଷ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ, ସେବାୟତ ନିଯୋଗ ସଭାପତି ମନୋରଞ୍ଜନ ପଣ୍ଡା, ଉପସଭାପତି କମଳ ଲୋଚନ ଦୀକ୍ଷିତ, ଉପଦେଷ୍ଟା କମିଟି ସଦସ୍ୟ ତୁଷାର ରଞ୍ଜନ ଦୀକ୍ଷିତ, ତାପସ ଦୀକ୍ଷିତ, ମାନସ ଦୀକ୍ଷିତ, ବିଡିଓ ବିଷ୍ଣୁ ଗୋବିନ୍ଦ, ଏସ୍‌ଡିପିଓ ପ୍ରଭାତ ମଲ୍ଲିକ, କାକଟପୁର ଥାନା ଅଧିକାରୀ ବିଜୟ କେତନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ତୁରନ୍ତ ମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ କଲେ ମନ୍ଦିର ସୌନ୍ଦର୍ଯ୍ୟକରଣ କାମ ଆରମ୍ଭ ହେବ ବୋଲି ସେବାୟତମାନଙ୍କୁ ଉପମୁଖ୍ୟମନ୍ତ୍ରୀ କହିଥିଲେ । ମା' ପୂର୍ଣ୍ଣେଶ୍ୱରୀ ମନ୍ଦିରରୁ ପଦଯାତ୍ରାରେ ଶ୍ରୀମତୀ ପରିଡ଼ା ବାହାରି ମଙ୍ଗଳା ମନ୍ଦିର ନିକଟରେ ପହଞ୍ଚିଥିଲେ । ବିଭିନ୍ନ ସ୍ଥାନରେ ଶ୍ରୀମତୀ ପରିଡ଼ାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ସେ ବିଭିନ୍ନ ସ୍ଥାନରେ ଲୋକଙ୍କୁ ଭେଟି ସ୍ଥାନୀୟ ଅଞ୍ଚଳର କୀର୍ତ୍ତିରାଜି ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଶ୍ରୀମତୀ ପରିଡ଼ା ନିଜେ ପଢିଥିବା ବିଦ୍ୟାଳୟ ନୂଆହାଟ ହାଇସ୍କୁଲ ପରିଦର୍ଶନ କରିଥିଲେ । ପଦଯାତ୍ରାରେ ସଂକୀର୍ତ୍ତନ ମଣ୍ଡଳୀ ଓ ଜନସାଧାରଣଙ୍କ ସମେତ ନିମାପଡ଼ାର ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, କାକଟପୁରର ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତି ନାୟକ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ଅସ୍ତରଙ୍ଗ ପୂର୍ବତନ ସମିତି ସଭ୍ୟ ଦିବାକର ଛାଟୋଇ, ନିମାପଡ଼ା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଏନ୍‌ଏସି ଉପନଗରପାଳ ସନ୍ତୋଷ ଦାଶ, ସାଇଁସ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, କାଉନସିଲର ନିରଞ୍ଜନ ନାୟକ, ଅନୁସୂୟା ପାଣି, ଭାଜପା ପୁରୀ ଜିଲ୍ଲା ଉପସଭାପତି ରତିକାନ୍ତ ବେହେରା, ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ରାକେଶ ବିଶ୍ୱାଳ, କାର୍ଯ୍ୟକାରିଣୀ ସଦସ୍ୟ ମଙ୍ଗଳା ପ୍ରସାଦ ସାମନ୍ତରାୟ ପ୍ରମୁଖ ସାମିଲ ଥିଲେ ।

# ବାପା ଖୋଲିଥିଲେ ରତ୍ନଭଣ୍ଡାର, ଏବେ ପୁଅ ଖୋଲିଲେ

**ପୁରୀ, ୧୪/୭ ନ୍ୟୁଜ ବ୍ୟୁରୋ**

ଦୀର୍ଘ ଅର୍ଦ୍ଧ ଶତାବ୍ଦୀ ପରେ ଖୋଲିଛି ଶ୍ରୀମନ୍ଦିରର ରହସ୍ୟମୟ ରତ୍ନ ଭଣ୍ଡାର । ମହାପ୍ରଭୁଙ୍କ ମହଣ ମହଣ ରତ୍ନର ଗଣତି ମଣତି ହେବ । ଅଳଙ୍କାରର ହିସାବ କରାଯିବ । ରତ୍ନ ଭଣ୍ଡାର ଖୋଲିବା ନେଇ ଦୀର୍ଘ ୪୬ ବର୍ଷ ଧରି ଦାବି ହୋଇଆସୁଥିବା ବେଳେ ରବିବାର ସେହି ଶୁଭ ମୁହୂର୍ତ୍ତ ଉପନୀତ ହୋଇଛି । ରାଜ୍ୟରେ ବିଜେପି ସରକାର ଆସିବା ପରେ ଖୋଲିଛି ଶ୍ରୀମନ୍ଦିର ରତ୍ନ ଭଣ୍ଡାର । ସବୁଠୁ ଖାସ କଥା ହେଉଛି ଯେଉଁ କାର୍ଯ୍ୟକୁ ୪୬ବର୍ଷ ପୂର୍ବେ ବାପା କରିଥିଲେ, ରବିବାର ପୁଅ ଆଇନ ମନ୍ତ୍ରୀ ହେବା ପରେ ପୁଣି ସେହି କାର୍ଯ୍ୟ କରିଛନ୍ତି । ବହୁ ବିଚାରବିମର୍ଶ, ବୈଠକ, ପ୍ରସ୍ତୁତି ପରେ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟରେ ନିର୍ଦ୍ଧାରିତ ସମୟ ରବିବାର ଅପରାହ୍ନ ୧ଟା ୨୮ ମିନିଟରେ 'ରତ୍ନଭଣ୍ଡାର' ଖୋଲାଯାଇଛି । 'ରତ୍ନଭଣ୍ଡାର



ତଦାରଖ କମିଟି' ମୁଖ୍ୟ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ନେତୃତ୍ୱରେ ୧୧ଜଣିଆ ଉଚ୍ଚସ୍ତରୀୟ ବିଶେଷଜ୍ଞ ଟିମ୍ ମନ୍ଦିର ମଧ୍ୟରେ ପ୍ରବେଶ କରି ରତ୍ନଭଣ୍ଡାର ଖୋଲିଛନ୍ତି । ପ୍ରଥମେ ବାହାର ଭଣ୍ଡାର ଖୋଲିବା ପରେ ଭିତର ରତ୍ନ ଭଣ୍ଡାର ଖୋଲାଯାଇଛି । ଶେଷ ଥର ଲାଗି ୧୯୭୮ ମସିହାରେ ଖୋଲାଯାଇଥିଲା ରତ୍ନ ଭଣ୍ଡାର । ୧୯୭୮ ମସିହାରେ ନୀଳମଣି ରାଉତରାୟଙ୍କ ସରକାରରେ ବିଶ୍ୱଭୂଷଣ ହରିଚନ୍ଦନ ଆଇନ ମନ୍ତ୍ରୀ ଥିଲେ । ସେତେବେଳେ ଭିତର ରତ୍ନ ଭଣ୍ଡାର ଖୋଲାଯିବା ସହ ଏହାର ଅଡିଟ କରାଯାଇ ଇନଭେଣ୍ଟୋରୀ ପ୍ରସ୍ତୁତ କରାଯାଇଥିଲା । ସେହିବର୍ଷ ମେ' ୧୩ ତାରିଖରୁ ଜୁଲାଇ ୨୩ ପର୍ଯ୍ୟନ୍ତ ରତ୍ନଭଣ୍ଡାର ଖୋଲାଯାଇ ଗଣତି ଓ ମଣତି ହୋଇଥିଲା । ଏହି ତଥ୍ୟ ଆଧାରରେ ୪୫୪ ପ୍ରକାରର ସ୍ୱର୍ଣ୍ଣ ଅଳଙ୍କାର ରହିଥିବା ଉଲ୍ଲେଖ ରହିଛି । ଏହାର ପରିମାଣ ପ୍ରାୟ ୧୨,୮୮୩ ଭରି । ସେହିପରି ମୋଟ ୨୨,୧୫୩ ଭରିର ରୂପା ଅଳଙ୍କାର ରହିଥିବା ମଧ୍ୟ ଜଣାପଡିଥିଲା । ଏବେ ଭେଟେରାନ ନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କ ପୁଅ ପୃଥ୍ୱୀରାଜ ହରିଚନ୍ଦନ ଆଇନ ମନ୍ତ୍ରୀ ଅଛନ୍ତି । ତାଙ୍କ ସମୟରେ ମଧ୍ୟ ଏହି ଶୁଭକାର୍ଯ୍ୟ ହେଉଛି । ତାଙ୍କ ବାପା ଆଇନ୍ ମନ୍ତ୍ରୀ ଥିବା ସମୟରେ ରତ୍ନ ଭଣ୍ଡାର ଖୋଲିଥିବା ବେଳେ ତାଙ୍କ ପୁତ୍ର ଆଇନ ମନ୍ତ୍ରୀ ଥିବା ବେଳେ ରତ୍ନ ଭଣ୍ଡାର ଖୋଲିଛି । ଯାହାକି ଏକ ଅପୂର୍ବ ସଂଯୋଗ ବୋଲି ମଧ୍ୟ ଚର୍ଚ୍ଚା ହେଉଛି । ରାଜ୍ୟରେ ନୂଆ କରି ବିଜେପି ସରକାର ଆସିଛି । ଏହି ସରକାରକୁ ମାସେ ପୁରିବା ପରେ ପୂର୍ବ ପ୍ରତିଶ୍ରୁତି ମୁତାବକ ରତ୍ନ ଭଣ୍ଡାର ଖୋଲାଯାଇଛି । ଭିତର ରତ୍ନ ଭଣ୍ଡାର ଦୁର୍ବଳ ସ୍ଥିତିରେ ଥିବାରୁ ଏହାକୁ ତୁରନ୍ତ ଖୋଲାଯାଇ ମରାମତି କରିବା ପାଇଁ ଦାବି ହୋଇଆସୁଥିଲା । ଶେଷରେ ଏବେ ରତ୍ନ ଭଣ୍ଡାର ଖୋଲାଯାଇଛି । ପ୍ରଥମେ ସୁନା ଅଳଙ୍କାରକୁ ସୁରକ୍ଷିତ ଭାବେ ସିନ୍ଦୁକରେ ରଖାଯିବ । ଏହାପରେ ରତ୍ନ ଭଣ୍ଡାରର ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ଆଇନ ମନ୍ତ୍ରୀ ସୂଚନା ଦେଇଥିଲେ ।

## କଲେଜରେ ଅଚାନକ ପହଞ୍ଚିଲେ ପଞ୍ଚାୟତିରାଜ ମନ୍ତ୍ରୀ

# ବିଶ୍ୱବିଦ୍ୟାଳୟ ପାଇଁ ପ୍ରକଳ୍ପ ପ୍ରସ୍ତାବ ଦାଖଲ କରିବାକୁ ନିର୍ଦ୍ଦେଶ



**ସମ୍ବଲପୁର, ୧୪/୭ ନ୍ୟୁଜ ବ୍ୟୁରୋ**

ଶାରୀରିକ ପ୍ରଶିକ୍ଷଣ ମହାବିଦ୍ୟାଳୟ ପରିଦର୍ଶନ କଲେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ । କୁଚିଣ୍ଡାର ଜମେନକିରା ସ୍ଥିତ ଶାରୀରିକ ପ୍ରଶିକ୍ଷଣ ମହାବିଦ୍ୟାଳୟରେ ପହଞ୍ଚି ସମସ୍ୟା ବୁଝିଛନ୍ତି । ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦାବି ହୋଇଆସୁଥିଲା । ଏହାସହ କର୍ତ୍ତୃପକ୍ଷ କିମ୍ବା ପଦସ୍ଥ ଅଧିକାରୀଙ୍କ ଟାଳଟୁଳ ନୀତି ନେଇ ଅଭିଯୋଗ ହୋଇଆସୁଥିଲା । ଏପରିକି ମହିଳା ହଷ୍ଟେଲ ନଥିବାରୁ ଛାତ୍ରୀଙ୍କ ନାମଲେଖା ଉପସ୍ଥାନ କମି ଯାଉଥିବା ଅଭିଯୋଗ ହେଉଥିଲା । ମହିଳା ହଷ୍ଟେଲର ଜରୁରୀ ଆବଶ୍ୟକତା, ସୁରକ୍ଷା ବ୍ୟବସ୍ଥା, ଆଉଟ ଡୋର ଓ ଇନଡୋର ଷ୍ଟାଡିୟମ ଭଳି ବହୁ ଦାବି ବିଷୟରେ ମନ୍ତ୍ରୀଙ୍କ ସହିତ ଆଲୋଚନା ହୋଇଥିଲା । ମହାବିଦ୍ୟାଳୟ ପ୍ରତିଷ୍ଠାର ମୁଖ୍ୟ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଓ ସାମାଜିକ ବ୍ୟକ୍ତିବିଶେଷ ଆଲୋଚନାରେ ଭାଗ ନେଇଥିଲେ । ମହାବିଦ୍ୟାଳୟର ଉନ୍ନତିକରଣ ଓ ବିଶ୍ୱ ବିଦ୍ୟାଳୟ ପାଇଁ ପ୍ରକଳ୍ପ ପ୍ରସ୍ତାବ ଦାଖଲ କରିବାକୁ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ । ଏହି ସମୟରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରାଧେଶ୍ୟାମ ବାରିକ, ବାହାମ ସରପଞ୍ଚ ସରସ୍ୱତୀ ଭୋସାଗର ଓ ସମସ୍ତ ଅଧ୍ୟାପକ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ, ମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳିରେ ଆସୁଥିବା ଏହି ମହାବିଦ୍ୟାଳୟ ପାଇଁ ପୂର୍ବରୁ ସେ ସଂଗ୍ରାମ କରି ଆସୁଥିଲେ ।

## ହସ୍ପିଟାଲରେ ନିଆଁ ଲାଗିବା ଘଟଣାରେ

# ଆଖିବୁଜିଲା ୧୧ ଦିନର ଶିଶୁ

**କଟକ,୧୪।୭ ନ୍ୟୁଜ ବ୍ୟୁରୋ**

କଟକର ଘରୋଇ ନର୍ସିଂହୋମ୍ ତ୍ରିଶାରେ ଶନିବାର ନିଆଁ ଲାଗିଯାଇଥିଲା । ଏହି ଅଗ୍ନିକାଣ୍ଡ ନର୍ସିଂହୋମ୍‌ର ୩ ମହଲାରେ ଥିବା ଆଇସିୟୁରେ ଘଟିଥିଲା । ଫଳରେ ରୋଗୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା । କିଛି ରୋଗୀଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିବା ବେଳେ ଶିଶୁମାନଙ୍କୁ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ଏଠାରେ ଚିକିତ୍ସାଧୀନ ୧୧ ଦିନର ଶିଶୁ ରବିବାର ଆଖି ବୁଜିଛି । ଶିଶୁ ମୃତ୍ୟୁ ନେଇ ସୂଚନା ଦେଇଛନ୍ତି ଶିଶୁଭବନ ଅଧୀକ୍ଷକ ପ୍ରଦୀପ କୁମାର ଜେନା । ମୃତ ଶିଶୁଟି ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅଞ୍ଚଳର ବୋଲି ଜଣାପଡ଼ିଛି ।

# ରାୟଗଡ଼ାରେ ମ୍ୟାଲେରିଆ ସ୍ଥିତି ସାଂଘାତିକ : ଶିଶୁଙ୍କ ପାଇଁ ଅଧିକ ଘାତକ

**ରାୟଗଡା, ୧୪/୭ ନ୍ୟୁଜ ବ୍ୟୁରୋ**

ଡାଇରିଆ ପାଇଁ ଚର୍ଚ୍ଚାରେ ରହିଆସିଥିବା ରାୟଗଡ଼ା ଜିଲ୍ଲା ଏବେ ମ୍ୟାଲେରିଆ ପାଇଁ ପୁଣି ଚର୍ଚ୍ଚାରେ । ଜିଲ୍ଲାରେ ଏହାର ସ୍ଥିତି ସାଂଘାତିକ । ଗତ ବର୍ଷ ରାୟଗଡା ଜିଲ୍ଲା ଦେଶରେ ଦ୍ୱିତୀୟ ସର୍ବାଧିକ ମ୍ୟାଲେରିଆ ଆକ୍ରାନ୍ତ ଜିଲ୍ଲା ଭାବେ ରହିଥିଲା । ୨୦୨୩ରେ ଓଡ଼ିଶାରେ ରାୟଗଡା ଜିଲ୍ଲାରେ ସର୍ବାଧିକ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଥ୍ୟ ଜାରି କରାଯାଇଥିଲା । ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁସାରେ, ପ୍ରତି ଏକ ହଜାର ବ୍ୟକ୍ତିରେ ରାୟଗଡ଼ାରେ ୬୫ ମ୍ୟାଲେରିଆ ରୋଗୀ ଚିହ୍ନଟ ହେଉଛନ୍ତି । ମେଘାଳୟର ସାଉଥ୍‌ଗାରୋହିଲ୍ସ ଜିଲ୍ଲା ପରେ ରାୟଗଡା ଦ୍ୱିତୀୟରେ ରହିଛି । ମୁଖ୍ୟତଃ ଏନୋଫିଲିସ ମଶାଜନିତ ମ୍ୟାଲେରିଆ ରୋଗ ରାୟଗଡ଼ାରେ ଦେଖିବାକୁ ମିଳେ । ଏହି ମଶାରୁ ବ୍ୟାପୁଥିବା ମ୍ୟାଲେରିଆ ସର୍ବାଧିକ ବିପଦପୂର୍ଣ୍ଣ ବୋଲି ଫ୍ଲୋରିଡ଼ା ବିଶ୍ୱବିଦ୍ୟାଳୟ ପକ୍ଷରୁ ଗବେଷଣା କରାଯାଇ ଏଭଳି ଘୋଷଣା କରାଯାଇଛି । ସେହି ମଶା ଦେଶର ଏହି ଦୁଇ ଜିଲ୍ଲାରେ ହିଁ ଦେଖିବାକୁ ମିଳିଛି । ରାୟଗଡ଼ା ଜିଲ୍ଲାରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି । ଜିଲ୍ଲା ମ୍ୟାଲେରିଆ ନିରାକରଣ ବିଭାଗ ସୂଚନା ଅନୁଯାୟୀ, ୨୦୧୫ ଓ ୨୦୧୬ ମସିହାରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟାରେ ବ୍ୟାପକ ବୃଦ୍ଧି ଘଟିଛି । ୨୦୧୬ ଏବଂ ୨୦୧୭ ମସିହାରେ ରାୟଗଡା ଜିଲ୍ଲା ମ୍ୟାଲେରିଆ ଆକ୍ରାନ୍ତରେ ୧ ନମ୍ବରରେ ରହିଥିଲା । ତେବେ ପରବର୍ତ୍ତୀ ସମୟରେ ୨୦୧୮ରେ ନିୟନ୍ତ୍ରଣ ହୋଇ ୫ ନମ୍ବରକୁ ଖସିଥିଲା । ହେଲେ ୨୦୧୯ରେ ଏହା ପୁଣି ଦ୍ୱିତୀୟ ସ୍ଥାନକୁ ଆସିଥିଲା । ଏହାପରେ ୨୦୨୦ରେ ତୃତୀୟ, ୨୦୨୧ରେ ଚତୁର୍ଥ,

- ମ୍ୟାଲେରିଆରେ ପ୍ରାଣ ହରାଇଥିବା ୭୦ ପ୍ରତିଶତ ହେଉଛନ୍ତି ଶୂନ୍ୟରୁ ୮ ବର୍ଷର ଶିଶୁ
- ଜୁନ୍ ସୁଦ୍ଧା ୪୪୯ ଜଣ ଶିଶୁ ମ୍ୟାଲେରିଆ ଆକ୍ରାନ୍ତ ହୋଇଛନ୍ତି



୨୦୨୨ରେ ଦ୍ୱିତୀୟ ସର୍ବାଧିକ ମ୍ୟାଲେରିଆ ଆକ୍ରାନ୍ତ ଜିଲ୍ଲା ଭାବେ ରହିଥିଲା । ବର୍ତ୍ତମାନର ସ୍ଥିତିକୁ ଦେଖିଲେ ମ୍ୟାଲେରିଆ ଆକ୍ରାନ୍ତରେ ରାୟଗଡା ଜିଲ୍ଲା ଚଳିତ ବର୍ଷ ମଧ୍ୟ ରାଜ୍ୟରେ ପ୍ରଥମ ସ୍ଥାନରେ ରହିଛି । ଜିଲ୍ଲାରେ ରହିଥିବା ୧୧ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ତଥ୍ୟକୁ ଅନୁଧ୍ୟାନ କଲେ ଜୁନ ମାସରେ ହୋଇଥିବା ପରୀକ୍ଷଣ ଆଧାରରେ ୫୬୯୯୧ ଜଣଙ୍କ ମଧ୍ୟରେ ରାୟଗଡା ଜିଲ୍ଲାରେ ମୋଟ ୧୨୦୪ ଜଣ ମ୍ୟାଲେରିଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାୟଗଡାରେ ମୋଟ ୨ଲକ୍ଷ ୭୧ହଜାର ୨୧୬ ଜଣଙ୍କ ମଧ୍ୟରୁ ୩ ହଜାର ୭୧୨ ଜଣ ମ୍ୟାଲେରିଆରେ ଆକ୍ରାନ୍ତ ରହିଥିବା ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟରୁ ଜଣାପଡିଛି । ଯେଉଁଥିରେ ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ସର୍ବାଧିକ ୫୪୬, ଗୁଡାରିରେ ୪୪୯ ଏବଂ କାଶିପୁରରେ ୪୩୪ ଜଣ ମ୍ୟାଲେରିଆ ଆକ୍ରାନ୍ତ ହୋଇଛନ୍ତି । ଗୁଣପୁର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ସର୍ବନିମ୍ନ ୪୪ ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି । ତେବେ ଘରୋଇ ଲ୍ୟାବଗୁଡିକରେ ହେଉଥିବା ମ୍ୟାଲେରିଆ ରୋଗୀଙ୍କ ତଥ୍ୟକୁ ଆକଳନ କଲେ ଏହା ଢେର ଅଧିକ ରହିବାର ସମ୍ଭାବନା ରହିଛି । ଅନ୍ୟପଟେ ୨୦୧୭ ମେ ମାସ ପର୍ଯ୍ୟନ୍ତ ୧ ଲକ୍ଷ ୨୭ ହଜାର ୮ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଥିଲା । ସେଥିରୁ ୨୩ ହଜାର ୪୯୬ ଜଣଙ୍କଠାରେ ପଜିଟିଭ, ୨୧ ହଜାର ୧୬୫ ଜଣ ମାରାତ୍ମକ ପିଏଫ୍ (ପ୍ଲାସମୋଡିୟମ ଫାଲସିଫୋରମ)ରେ ଆକ୍ରାନ୍ତ ଥିବା ଏବଂ ପ୍ରଥମ ପାଞ୍ଚ ମାସରେ ଆକ୍ରାନ୍ତଙ୍କ ସଂଖ୍ୟା ଥିଲା ୨୧ ପ୍ରତିଶତ । ୨୦୦୮ରେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ଜିଲ୍ଲାରେ ୨୩ ଜଣଙ୍କ ମୃତ୍ୟୁ ହୋଇଥିବା ସରକାରୀ ଭାବେ କୁହାଯାଇଛି । ସେହିପରି ୨୦୦୯ରେ ୨୦, ୨୦୧୦ରେ ୨୨, ୨୦୧୧ରେ ୧୨, ୨୦୧୨ରେ ୮, ୨୦୧୩ରେ ୩, ୨୦୧୪ରେ ୫, ୨୦୧୫ରେ ୧୦, ୨୦୧୬ରେ ୬ ଓ ୨୦୧୭ରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ତଥ୍ୟ ଦିଆଯାଇଛି । ବେସରକାରୀ ଭାବେ କିନ୍ତୁ ମୃତ୍ୟୁସଂଖ୍ୟା ଢେର ଅଧିକ । ସର୍ବାଧିକ ଚିନ୍ତାଜନକ ବିଷୟ ହେଉଛି ମ୍ୟାଲେରିଆରେ ପ୍ରାଣ ହରାଉଥିବା ୭୦ ପ୍ରତିଶତ ହେଉଛନ୍ତି ଶୂନ୍ୟରୁ ୮ ବର୍ଷର ଶିଶୁ । ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁସାରେ, ଜୁନ୍ ସୁଦ୍ଧା ୪୪୯ ଜଣ ଶିଶୁ ମ୍ୟାଲେରିଆ ଆକ୍ରାନ୍ତ ହୋଇଥିବା ଜଣାପଡିଛି । ତେବେ ମ୍ୟାଲେରିଆର କାରଣ ହେଉଛି ପାହାଡ଼ିଆ ଅଞ୍ଚଳ ଏବଂ ସେଠାରୁ ବାହାରିଥିବା ଝରଣା । ଝରଣାରେ ହିଁ ଏନୋଫିଲିସ ମଶା ଅଧିକ ଜନ୍ମ ନେଇଥାନ୍ତି । ଝରଣାରେ ଗମ୍ବୁଶିଆ ମାଛ ଛାଡ଼ିଲେ ଏହି ଏନୋଫିଲିସ ମଶା ବ୍ୟାପି ନଥାଏ । ମ୍ୟାଲେରିଆକୁ ନିୟନ୍ତ୍ରଣକୁ ଆଣିବାକୁ ହେଲେ ଏନୋଫିଲିସ ମଶାକୁ ନିପାତ କରିବା ଲାଗି ସ୍ୱତନ୍ତ୍ର ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି । ନଚେତ ଆଗାମୀ ଦିନରେ ସ୍ଥିତି ଆହୁରି ଗମ୍ଭୀର ହୋଇପଡ଼ିବ । ଅନ୍ୟପଟେ ୨୦୨୦ ମସିହାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଶାରୀ ବଣ୍ଟନ ହୋଇଥିଲା । ସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁସାରେ, ମଶାରୀରେ ଲଗାଯାଇଥିବା ଔଷଧର ପ୍ରଭାବ କେବଳ ୩ ବର୍ଷ ପର୍ଯ୍ୟନ୍ତ ରହିଥାଏ । ହେଲେ ୨୦୨୩ରେ ମଶାରୀ ବଣ୍ଟନ ହେବାକୁ ନିୟମ ରହିଥିବା ବେଳେ ଅଦ୍ୟାବଧି ବଣ୍ଟନ ହୋଇନାହିଁ । ତେଣୁ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଅତିଶୀଘ୍ର ମଶାରୀ ବଣ୍ଟନ କରିବାର ଆବଶ୍ୟକତା ରହିଛି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି । ତେବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯାଉଥିବା କୁହାଯାଉଥିବା ବେଳେ ରାୟଗଡା ଜିଲ୍ଲା ଓଡ଼ିଶାରେ ଏକ ନମ୍ବର ରହୁଥିବା ନେଇ ସିଡିଏମଓ ଡାକ୍ତର ଲାଲମୋହନ ରାଉତରାୟଙ୍କୁ ଯୋଗାଯୋଗ କରିଥିଲେ ହେଁ ସମ୍ଭବପର ହୋଇପାରିନଥିଲା ।

# ପ୍ରତ୍ୟକ୍ଷ ଟିକସ ସଂଗ୍ରହରେ ଅଭିବୃଦ୍ଧି

**ଭୁବନେଶ୍ୱର,୧୪।୭ ନ୍ୟୁଜ ବ୍ୟୁରୋ**

ବ୍ୟକ୍ତିଗତ ଆୟକର ସଂଗ୍ରହ କର୍ପୋରେଟ ଟିକସ ସଂଗ୍ରହକୁ ଅତିକ୍ରମ କରିଛି । ଚଳିତ ଆର୍ଥିକ ବର୍ଷର ଏପ୍ରିଲ ୧ରୁ ଜୁଲାଇ ୧୧ ମଧ୍ୟରେ (୨୦୨୪-୨୫) ସମୁଦାୟ ନିଟ୍ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ପ୍ରାୟ ୨୦ ପ୍ରତିଶତ ବୃଦ୍ଧି ପାଇ ୫.୭୪ ଲକ୍ଷ କୋଟି ଟଙ୍କା ହୋଇଥିବା ଆୟକର ବିଭାଗ ପକ୍ଷରୁ ସୂଚନା ମିଳିଛି । ବ୍ୟକ୍ତିଗତ ଆୟକର ସଂଗ୍ରହ କର୍ପୋରେଟ ଟ୍ୟାକ୍ସ ସଂଗ୍ରହକୁ ଅତିକ୍ରମ କରିଚାଲିଛି, ସିକ୍ୟୁରିଟି ଟ୍ରାନଜାକସନ ଟ୍ୟାକ୍ସ (ଏସଟିଟି) ସଂଗ୍ରହ ଦୁଇଗୁଣରୁ ଅଧିକ ହୋଇ ଆର୍ଥିକବର୍ଷ ୨୦୨୪-୨୫ ରେ ୧୬,୬୩୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଡାଇରେକ୍ଟ ଟ୍ୟାକ୍ସରେ ବ୍ୟକ୍ତିଗତ ଆୟକର ଏବଂ କର୍ପୋରେଟ ଟ୍ୟାକ୍ସ ଅନ୍ତର୍ଭୁକ୍ତ ଥିବା ବେଳେ ଷ୍ଟକ ମାର୍କେଟ ବାଣିଜ୍ୟ କାର୍ଯ୍ୟକଳାପରେ ତୀବ୍ର ବୃଦ୍ଧି ହେତୁ ସାମଗ୍ରିକ ବ୍ୟକ୍ତିଗତ ଆୟକର ସଂଗ୍ରହରେ ଗଣାଯାଇଥିବା ଏସଟିଟି ସଂଗ୍ରହ ବୃଦ୍ଧି ପାଇଛି । ଆର୍ଥିକ ବର୍ଷ ୨୦୨୩-୨୪ରେ ଏପ୍ରିଲ ୧ରୁ ଜୁଲାଇ ୧୧ ମଧ୍ୟରେ ଏସଟିଟି ସଂଗ୍ରହ ୭,୨୮୫ କୋଟି ଟଙ୍କା ଥିଲା । ଗତ ଦୁଇ ଆର୍ଥିକ ବର୍ଷରେ କର୍ପୋରେଟ ଟ୍ୟାକ୍ସ ସଂଗ୍ରହ ଅପେକ୍ଷା ବ୍ୟକ୍ତିଗତ ଆୟକର ସଂଗ୍ରହ ଅଧିକ ବୃଦ୍ଧି ପାଇଛି । ତଥ୍ୟ ଦର୍ଶାଉଛି ଯେ ବ୍ୟକ୍ତିଗତ ଆୟକର ସଂଗ୍ରହ ଏହି ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ସଂଗୃହିତ ମୋଟ ନିଟ୍ ପ୍ରତ୍ୟକ୍ଷ ଟ୍ୟାକ୍ସର ୬୦ ପ୍ରତିଶତ ଅଟେ । ରିଫଣ୍ଡ ପାଇଁ ସମାୟୋଜିତ କରି ବ୍ୟକ୍ତିଗତ ଆୟକର ସଂଗ୍ରହ ଗତ ବର୍ଷ ତୁଳନାରେ ୨୧.୪୧ ପ୍ରତିଶତ ବୃଦ୍ଧି ହୋଇ ଜୁଲାଇ ୧୧ ପର୍ଯ୍ୟନ୍ତ ଏହି ଆର୍ଥିକ ବର୍ଷରେ ୩.୪୬ ଲକ୍ଷ କୋଟିରେ ପହଞ୍ଚିଛି । ଏସଟିଟି ସହିତ ବ୍ୟକ୍ତିଗତ ଆୟକର ସଂଗ୍ରହର ଅଭିବୃଦ୍ଧି ହାର ୨୪.୦୭ ପ୍ରତିଶତ ହୋଇଛି । ଅନ୍ୟପକ୍ଷରେ, ନିଟ କର୍ପୋରେଟ ଟିକସ ସଂଗ୍ରହ ୧୨.୪୭ ପ୍ରତିଶତ ବୃଦ୍ଧି ହୋଇ ୨.୧୦ ଲକ୍ଷ କୋଟିରେ ପହଞ୍ଚିଛି । ରିଫଣ୍ଡ ପୂର୍ବରୁ ମୋଟ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୨୩.୨ ପ୍ରତିଶତ ବୃଦ୍ଧି ହୋଇ ଚଳିତ ଆର୍ଥିକ ବର୍ଷରେ ଜୁଲାଇ ୧୧ ପର୍ଯ୍ୟନ୍ତ ୬.୪୫ ଲକ୍ଷ କୋଟିରେ ପହଞ୍ଚିଛି । ଏପ୍ରିଲ ୧ ରୁ ଜୁଲାଇ ୧୧ ମଧ୍ୟରେ ପ୍ରତ୍ୟକ୍ଷ ଟିକସ ରିଫଣ୍ଡ ୬୪.୫ ପ୍ରତିଶତ ବୃଦ୍ଧି ହୋଇ ୭୦,୯୦୨ କୋଟିରେ ପହଞ୍ଚିଛି ।